• Vol.- 46, Issue No. 11
• Saturday, 11 April 2026
• ଶନିବାର, ୧୧ ଏପ୍ରିଲ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


### ୧୧ଟି ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର

# ଚମକିବ ବସ୍‌ଷ୍ଟାଣ୍ଡ: ଜମିକୁ ମାଡ଼ିବ ପାଣି



ଭୁବନେଶ୍ୱର,୧୦।୪: ରାଜ୍ୟ କ୍ୟାବିନେଟ ବୈଠକରେ ୫ଟି ବିଭାଗର ୧୧ଟି ପ୍ରସ୍ତାବ ଉପରେ ମୋହର ବାଜିଛି। ଜଳ ସମ୍ପଦ ବିଭାଗର ୫ଟି ଟେଣ୍ଡରକୁ ଅନୁମତି ମିଳିଛି। ପାର୍ବତୀଗିରି ମେଗା ଜଳପ୍ରକଳ୍ପକୁ ଗୁରୁତ୍ୱ ଦିଆଯାଇଛି। ଏହି ଜଳ ପ୍ରକଳ୍ପ ଦ୍ୱାରା ୬୧୨୦ ହେକ୍ଟର ଜମି ଜଳସେଚିତ ହେବ। ଏହାଦ୍ୱାରା ସମ୍ବଲପୁରର ୧୪ଟି ଗାଁ ଉପକୃତ ହେବେ। ସେହିପରି ଅଟଳ ବସଷ୍ଟାଣ୍ଡ ପାଇଁ ୩୪୦୦ କୋଟିର ବ୍ୟୟ ଅଟକଳ କରାଯାଇଛି। ୩୧୮ଟି ବସଷ୍ଟାଣ୍ଡର ଉନ୍ନତୀକରଣ ହେବ। ଏନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସୂଚନା ଦେଇଛନ୍ତି। କ୍ୟାବିନେଟରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପରିଚାଳନା ଏବଂ

- ✦ ୫ ଟେଣ୍ଡରକୁ ଅନୁମତି
- ✦ ଉପକୃତ ହେବେ ସମ୍ବଲପୁରର ୧୪ଟି ଗାଁ
- ✦ ୩୧୮ ବସ୍‌ଷ୍ଟାଣ୍ଡର ହେବ ଉନ୍ନତୀକରଣ
- ✦ କେନ୍ଦୁଝରରେ ନୂଆ ସବ୍ ଷ୍ଟେସନକୁ ଅନୁମୋଦନ
- ✦ ଚାକିରି ସର୍ତ୍ତାବଳୀରେ ସଂଶୋଧନ

ରକ୍ଷଣାବେକ୍ଷଣା ନୀତି ୨୦୨୬କୁ ଅନୁମୋଦନ ମିଳିଛି। ଏହି ନୀତିରେ ପ୍ରକଳ୍ପ ସରିବା ପରେ ତାର ରକ୍ଷଣାବେକ୍ଷଣା ପାଇଁ ଦାୟିତ୍ୱ ବଣ୍ଟନ ହୋଇଛି। ଏଥିରେ ପଞ୍ଚାୟତ ଗ୍ରାମବାସୀଙ୍କର କ'ଣ ଦାୟିତ୍ୱ ରହିବ, ମନିଟରିଂ କେମିତି ହେବ, କେତେ ଟଙ୍କା ଦିଆଯିବ ସବୁ କିଛି ନୀତିରେ ଉଲ୍ଲେଖ ରହିଛି। ଏହା ବାଦ୍ ୩୪୦୦ କୋଟି ଅଟଳ ବସଷ୍ଟାଣ୍ଡ ଯୋଜନାକୁ କ୍ୟାବିନେଟ ମୋହର ବାଜିଛି। ରାଜ୍ୟରେ ନିର୍ମାଣ ହେଉଥିବା ୩୧୮ ବସଷ୍ଟାଣ୍ଡ ସମନ୍ୱୟରେ କରାଯିବ। ଏହା ସହ ଜଳସମ୍ପଦ ବିଭାଗର ୫ଟି ପ୍ରକଳ୍ପକୁ ମଞ୍ଜୁରି ମିଳିଛି। କଟକର ୧୩୫ କୋଟି ହାଡୁଆ ଜଳସେଚନ ପ୍ରକଳ୍ପ, ଯାହା ବଡମ୍ବାର ୭୬ ଗାଁ, ନରସିଂହପୁର ଓ ତିଗିରିଆର ୫ଟି ଲେଖାଏଁ ଗାଁର ମୋଟ ୩୬୦୦ ହେକ୍ଟର ଜମିରେ ପାଣି ମାଡ଼ିବ। ସେହିପରି ୨୦୪ କୋଟିର ପାର୍ବତୀଗିରି ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପରେ ସମ୍ବଲପୁରରେ ୬୨୧୦ ହେକ୍ଟର ଜମି ଜଳସେଚିତ ହେବ। ସୋନପୁର ତେଲ ନଦୀରେ ୧୭୦ କୋଟିର କ୍ଲଷ୍ଟର ଦ୍ୱାରା ୩୦ ପ୍ରକଳ୍ପରେ ୬ହଜାର ହେକ୍ଟର ଜମି ଜଳସେଚିତ ହେବ। ୧୫୮ କୋଟିର ଯାଜପୁର ଖରାସୁଆ, ବ୍ରାହ୍ମଣୀ ନଦୀରେ କ୍ଲଷ୍ଟର ୩୭ ପ୍ରକଳ୍ପ ଦ୍ୱାରା ୬ ହଜାର ହେକ୍ଟର ୭୩ ଗାଁ ପାଣି ପାଇବ। କେନ୍ଦୁଝରରେ ୯୩ କୋଟି ବ୍ୟୟରେ କ୍ଲଷ୍ଟରରେ ୩୮ ପ୍ରକଳ୍ପ ଯାହାଦ୍ୱାରା ୪୨୮୦ ହେକ୍ଟର ପାନପୁର ଅଂଚଳରେ ଜମି ଜଳସେଚିତ ହେବ। କେନ୍ଦୁଝରରେ ୧୬୪୭ କୋଟିର ବ୍ୟୟରେ ନୂଆ ସବ୍ ଷ୍ଟେସନକୁ ଅନୁମୋଦନ ମିଳିଛି। ଯାହାର କାମ ୩ ବର୍ଷରେ ସରିବ। ଏହା ସହ ଚାକିରି ସର୍ତ୍ତାବଳୀରେ ସଂଶୋଧନ, କ୍ୟାଡର ରୁଲ ପରିବର୍ତ୍ତନ ଶ୍ରମ ବିଭାଗର ୩ ପ୍ରସ୍ତାବ ପାରିତ ହୋଇଛି।

## ଯମୁନା ନଦୀରେ ଡଙ୍ଗାବୁଡ଼ି: ୧୦ମୃତ



ନୂଆଦିଲ୍ଲୀ,୧୦।୪: ଯମୁନା ନଦୀରେ ଡଙ୍ଗା ବୁଡ଼ି ୧୦ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ୧୫ ଜଣ ଶ୍ରଦ୍ଧାଳୁ ଉଦ୍ଧାର ହୋଇଛନ୍ତି। ସ୍ଥାନୀୟ ଲୋକ ଏବଂ ପ୍ରଶାସନ ତରଫରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ୮ରୁ ଅଧିକ ଏବେ ମଧ୍ୟ ନିଖୋଜ ରହିଛନ୍ତି। ଖବର ମୁତାବକ, ଉତ୍ତରପ୍ରଦେଶ ବୃନ୍ଦାବନର କେଶି ଘାଟରେ ଯମୁନା ନଦୀରେ ଡଙ୍ଗା ବୁଡିବାରୁ ୧୦ଜଣ ଶ୍ରଦ୍ଧାଳୁଙ୍କ ପ୍ରାଣ ଚାଲିଯାଇଛି। ଡଙ୍ଗାରେ ଥିବା ଲୋକଙ୍କ ମଧ୍ୟରୁ ଅଧିକ ନିଖୋଜ ରହିଛନ୍ତି। ଡଙ୍ଗାରେ ୩୩ ଜଣ ଯାତ୍ରୀ ଥିଲେ ବୋଲି ଜଣାପଡିଛି। ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଯମୁନା ନଦୀରେ ସର୍ଚ୍ଚ ଅପରେସନର ଜାରି ରହିଥିବା ବେଳେ ବୁଡ଼ାଳି ନିଖୋଜ ଲୋକଙ୍କୁ ଖୋଜୁଛନ୍ତି। ମଥୁରା ଜିଲ୍ଲା ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ପରଖୁଛନ୍ତି। ଡଙ୍ଗା ବୁଡିବା ପରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘଟଣା ବିଷୟରେ ତଦାରଖ କରିଛନ୍ତି। ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହିତ ଦୁଃଖ ପ୍ରକାଶ କରିଛନ୍ତି। ଉଦ୍ଧାର କାର୍ଯ୍ୟ ଯଥାଶୀଘ୍ର କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯୋଗୀ ଆଦିତ୍ୟନାଥ। ମୃତକଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ମାଜିଷ୍ଟ୍ରେଟ୍ ଚନ୍ଦ୍ର ପ୍ରତାପ ସିଂହ ଦୁର୍ଘଟଣା ବିଷୟରେ ସୂଚନା ଦେଇ କହିଛନ୍ତି ଯେ ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୧୦ ଜଣଙ୍କର ମୃତ୍ୟୁ ହୋଇଛି। ୧୫ ଜଣଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାରକାରୀ ଦଳ ଅନ୍ୟମାନଙ୍କୁ ଖୋଜୁଛନ୍ତି।

## ଏପ୍ରିଲ ୨୭ ସୁଦ୍ଧା ସବୁ ସ୍କୁଲ ଛାତ୍ରଛାତ୍ରୀଙ୍କୁ ପୋଷାକ



ଭୁବନେଶ୍ୱର,୧୦।୪: ଏପ୍ରିଲ ୨୭ ସୁଦ୍ଧା ସବୁ ସ୍କୁଲର ଛାତ୍ରଛାତ୍ରୀଙ୍କୁ ବଣ୍ଟାଯିବ ପୋଷାକ। ସ୍କୁଲ ୟୁନିଫର୍ମ ବଣ୍ଟନ ନେଇ ମାର୍ଗଦର୍ଶିକା ଜାରି ହୋଇଛି। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଛୁଟି ଭିତରେ ସମସ୍ତଙ୍କୁ ୟୁନିଫର୍ମ ଯୋଗାଇ ଦିଆଯିବ। ୧୦ ତାରିଖ ଭିତରେ ଶ୍ରେଣୀ ବର୍ଗ ହିସାବରେ ନିର୍ଦ୍ଧାରଣ କରାଯିବା ସହ ୧୨ ତାରିଖ ସୁଦ୍ଧା ଏଜେନ୍ସି ଚୟନ କରାଯାଇ କାର୍ଯ୍ୟାଦେଶ ବଣ୍ଟନ କରାଯିବ। ଯେଉଁମାନେ ପୂର୍ବରୁ କାର୍ଯ୍ୟାଦେଶ ପାଇଥିଲେ ସେମାନଙ୍କ ନାଁରେ କିଛି ଅଭିଯୋଗ ଥିଲେ କାଟି ଦିଆଯିବ। ଯେଉଁମାନଙ୍କ ନାଁରେ କିଛି ଅଭିଯୋଗ ନାହିଁ ସେମାନଙ୍କୁ ପୋଷାକ ବଣ୍ଟନ ଦାୟିତ୍ୱ ଦିଆଯିବ। ସେପଟେ ସ୍କୁଲ ଛୁଟି ନେଇ ପ୍ରତିକ୍ରିୟା ରଖିଛନ୍ତି ଗଣଶିକ୍ଷା ମନ୍ତ୍ରୀ। କେବେ ସ୍କୁଲ ଛୁଟି ହେବ ସେ ନେଇ କିଛି ନିଷ୍ପତ୍ତି ହୋଇନି। ସମୟ ଦେଖି ସଠିକ୍ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଚନ୍ଦନେଶ୍ୱର ଚଡ଼କ ମେଳାରେ ଠେଲାପେଲା

ଭୋଗରାଇ,୧୦।୪: ବିଶ୍ୱ ପ୍ରସିଦ୍ଧ ଚନ୍ଦନେଶ୍ୱର ଚଡ଼କ ମେଳାରେ ଘଟିଛି ଅଭାବନୀୟ ଘଟଣା। ଉପବିତଧାରୀଙ୍କ ଭିତରେ ଠେଲାପେଲାକୁ ନେଇ ହୋଇଛି ଗଣ୍ଡଗୋଳ। ଫଳରେ ଜଣେ ଉପବିତଧାରୀଙ୍କ ମୁଣ୍ଡ ଫାଟି ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ, ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର ପୀଠରେ ଚାଲୁ ରହିଛି ଚଡ଼କ ଯାତ୍ରା। ଆଜି ଚଡ଼କ ଯାତ୍ରାର ଚତୁର୍ଥ ଅର୍ଘ୍ୟ ଥିବାବେଳେ ରାତି ପ୍ରାୟ ୭ଟା ୩୦ସମୟରେ ଅର୍ଘ୍ୟ ଦାନ ପାଇଁ ମନ୍ଦିର ପରିସରରେ ପ୍ରବଳ ଭିଡ଼ ହୋଇଥିବାବେଳେ ଛିଡା ହେବାକୁ ନେଇ ଉପବିତଧାରୀମାନଙ୍କ ଭିତରେ ଗଣ୍ଡଗୋଳ ଲାଗି ରହିଥିଲା। ମାତ୍ର ଗଣ୍ଡଗୋଳ ଏପରି ପରିସ୍ଥିତି ହୋଇଥିଲା ଯାହା ଫଳରେ ଭୋଗରାଇ ଦେଉଳା ଗ୍ରାମର ଜଣେ ଉପବିତ ଧାରୀଙ୍କ ମୁଣ୍ଡ ଫାଟିଥିବାବେଳେ ମନ୍ଦିର ପରିସରକୁ ପୋଲିସ ଦୌଡ଼ିଦୌଡ଼ି ଯିବା ପରେ ଉପବିତ ଧାରୀଙ୍କୁ ଉଦ୍ଧାର କରି ପାଖରେ ଥିବା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ତେବେ ଏଠି ପ୍ରଶ୍ନ ଉଠୁଛି ୨୨ ପ୍ଲାଟୁନ ପୋଲିସ ଫୋର୍ସ ଥିବାବେଳେ ଘଟଣା ମୁଣ୍ଡ ଫାଟିବା ପର୍ଯ୍ୟନ୍ତ ଗଲା କେମିତି। ଏହି ଘଟଣା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ନାବାଳିକା ଦୁଷ୍କର୍ମ ଓ ହତ୍ୟାକାରୀ ଫାଶୀ ଦଣ୍ଡାଦେଶ

ଅନୁଗୋଳ,୧୦।୪: ଅନୁଗୋଳ ଜିଲ୍ଲାରେ ଘଟିଥିବା ଜଣେ ୪ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା କରିବା ଭଳି ସମ୍ବେଦନଶୀଳ ମାମଲାର ଚୁଡାନ୍ତ ରାୟ ଆଜି ପ୍ରକାଶ ପାଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଅଭିଯୁକ୍ତ ବାବୁଲା ଜେନାକୁ ଦୋଷୀ ସାବ୍ୟସ୍ତ କରି ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଫା ୧୩୭(୨), ୧୦୩(୧), ୬୫(୨) ଏବଂ ୨୩୮(କ) ସହିତ ପକ୍ସୋ ଆକ୍ଟର ଧାରା ୬ ଅନୁଯାୟୀ ଅଭିଯୁକ୍ତକୁ ଦଣ୍ଡିତ କରାଯାଇଛି। ମାତ୍ର ଏକ ବର୍ଷ ମଧ୍ୟରେ ଏହି ମାମଲାର ବିଚାର ପ୍ରକ୍ରିୟା ସମାପ୍ତ କରାଯାଇ ଅଭିଯୁକ୍ତକୁ ଦଣ୍ଡିତ କରାଯିବା ଘଟଣା ପୋଲିସର ଦକ୍ଷତା ଓ ତ୍ୱରିତ ନ୍ୟାୟ ପ୍ରଦାନର ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛି।

## ରାଜ୍ୟସଭା ସଦସ୍ୟ ଭାବେ ଶପଥ ନେଲେ ନୀତୀଶ କୁମାର



ନୂଆଦିଲ୍ଲୀ,୧୦।୪: ବିହାରର ରାଜନୀତିରେ ଏକ ବଡ଼ ଏବଂ ଐତିହାସିକ ପରିବର୍ତ୍ତନ ଘଟିଛି। ଦୀର୍ଘ ସମୟ ଧରି ରାଜ୍ୟର ନେତୃତ୍ୱ ଦେଇଥିବା ନୀତୀଶ କୁମାର ଶୁକ୍ରବାର ରାଜ୍ୟ ସଭା ସଦସ୍ୟ ଭାବରେ ଶପଥ ଗ୍ରହଣ କରିଛନ୍ତି। ଶପଥ ଗ୍ରହଣ ଉତ୍ସବ ପୂର୍ବରୁ ସେ ସଂସଦ ଭବନରେ ଜେ.ପି. ନଡ୍ଡାଙ୍କୁ ଭେଟିଥିଲେ। ରାଜ୍ୟ ସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ ତାଙ୍କୁ ଉଚ୍ଚ ସଦନର ସଦସ୍ୟତାର ଶପଥ ପାଠ କରାଇଥିଲେ। ଏହା ସହିତ ନୀତୀଶ କୁମାର ଚାରିଟି ସଦନ- ବିଧାନସଭା, ବିଧାନ ପରିଷଦ, ଲୋକସଭା ଏବଂ ରାଜ୍ୟ ସଭାର ସଦସ୍ୟ ଭାବରେ କାର୍ଯ୍ୟ କରିଥିବା ନେତାଙ୍କ ତାଲିକାରେ ସାମିଲ ହୋଇଛନ୍ତି। ଏହା ଉଲ୍ଲେଖନୀୟ ଯେ ଶପଥ ଗ୍ରହଣ ଉତ୍ସବ ପରେ ନୀତୀଶ କୁମାର ଦିଲ୍ଲୀରୁ ପାଟନା ଫେରିବେ। ତାଙ୍କ ଫେରିବା ପରେ ବିହାରରେ ନୂତନ ସରକାର ଗଠନ ପ୍ରକ୍ରିୟା ଆହୁରି ଗତି ପାଇବ ବୋଲି ଆଶା କରାଯାଉଛି। ନୀତିଶ କୁମାରଙ୍କ ରାଜ୍ୟ ସଭାକୁ ଯିବା ସହିତ, ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀଙ୍କ ନାମକୁ ନେଇ ରାଜନୈତିକ ସସପେନ୍ସ ଆହୁରି ବଢ଼ିବାରେ ଲାଗିଛି।

## ସ୍ନାନଯାତ୍ରା ପୂର୍ବରୁ ସରିବ ରତ୍ନଭଣ୍ଡାର ଗଣତିମଣତି !

ପୁରୀ,୧୦।୪(ନିପ୍ର): ତୃତୀୟ ଦିନରେ ପହଞ୍ଚିଛି ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାରର ଗଣତି ମଣତି କାର୍ଯ୍ୟ। ରାଜ୍ୟ ସରକାରଙ୍କ ଏସଓପି ଅନୁଯାୟୀ ରତ୍ନଭଣ୍ଡାରର ଗଣତି ମଣତି ଟିମ୍‌ର ସଦସ୍ୟମାନେ ସମସ୍ତ ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ କରୁଛନ୍ତି। ସମ୍ପୂର୍ଣ୍ଣ ଆଧୁନିକ ଓ ଡିଜିଟାଲ ପଦ୍ଧତିରେ ସମସ୍ତ ଗଣତି ମଣତି କାର୍ଯ୍ୟ ଜାରି ରହିଛି। ପ୍ରତ୍ୟେକ ରତ୍ନ ଅଳଙ୍କାର କୁ ଚିହ୍ନଟ କରାଯାଇ ଏହାର ଥ୍ରୀଡି ମ୍ୟାପିଙ୍ଗ କରାଯାଉଛି। ସ୍ୱର୍ଣ୍ଣକାର, ରତ୍ନ ବିଶାରଦ ଏବଂ ଆରବିଆଇ ଅଧିକାରୀ ସମସ୍ତ ରତ୍ନ ଅଳଙ୍କାର ଏବଂ ମୋତି ମାଣିକ୍ୟକୁ ଓଜନ କରି ଏହାକୁ ଚିହ୍ନଟ କରୁଛନ୍ତି। ତେବେ ଆଜି ମଧ୍ୟ ପାରମ୍ପରିକ ପୋଷାକ ପରିଧାନ କରି ରତ୍ନଭଣ୍ଡାର ଗଣତି ମଣତି ଟିମ୍‌ର ସଦସ୍ୟମାନେ ମହାପ୍ରଭୁଙ୍କ ସକାଳ ଧୂପ ନୀତି ସରିବା ପରେ ବାହାର ରତ୍ନଭଣ୍ଡାରକୁ ପ୍ରବେଶ କରିଥିଲେ। ସମ୍ପୂର୍ଣ୍ଣ ନିର୍ଭୁଲ ଭାବରେ ସମସ୍ତ ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ କରାଯାଉଛି। ବାହାର ରତ୍ନଭଣ୍ଡାରର ଗଣତି ମଣତି କାର୍ଯ୍ୟ ଦୁଇଦିନ ଭିତରେ ୪୦ ରୁ ଉର୍ଦ୍ଧ୍ୱ ପ୍ରକାରର ରତ୍ନ ଅଳଙ୍କାର ଗଣତି ମଣତି କରାଯାଇଛି। ୧୯୭୮ ମସିହାର ଗଣତି ମଣତି ହୋଇଥିବା ତଥ୍ୟ ଅନୁସାରେ ଚଳିତଥର ଚାଲିଥିବା ସବୁ ରତ୍ନ ଅଳଙ୍କାରର ମେଳକ କରାଯାଉଛି। ଆଗାମୀ ସ୍ନାନଯାତ୍ରା ପୂର୍ବରୁ ଗଣତି ମଣତି କାର୍ଯ୍ୟ ଶେଷ କରିବା ପାଇଁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ରହିଛି।

### ଶାନ୍ତି ବାର୍ତ୍ତା ପୂର୍ବରୁ ଜେଡି ଭାନ୍ସଙ୍କ ଇରାନକୁ ତଡ଼ା ଚେତାବନୀ

## ଆମେରିକା ସହ ଖେଳନାହିଁ



ନୂଆଦିଲ୍ଲୀ,୧୦।୪: ଡୋନାଲ୍ଡ ଟ୍ରମ୍ପ ଆମକୁ କ୍ଲିୟର ଗାଇଡଲାଇନ୍ସ ଦେଇଛନ୍ତି। ଯଦି ଇରାନର ଲୋକ ପୂର୍ଣ୍ଣ ଭରସାର ସହ ଆଲୋଚନା କରନ୍ତି, ତ ଏହାକୁ ଭଲ ଭାବେ ସଫଳ କରାଯିବ। ଏହାସହ ଏହି ଚେତାବନୀ ମଧ୍ୟ ଦେଇଛନ୍ତି ଯେ, ଯଦି ସେହି ଲୋକ ଆମ ସହ ଖେଳ ଖେଳିବାକୁ ଚେଷ୍ଟା କରନ୍ତି ତ ପୁଣି ପରିଣାମ ବି ସେମିତି ହିଁ ହେବ। ଏହି କଥା ଶୁକ୍ରବାର ଆମେରିକୀୟ ଉପରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି। ସେ ଇରାନ ଓ ଆମେରିକା ମଧ୍ୟରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପାଇଁ ପାକିସ୍ତାନକୁ ପ୍ରସ୍ଥାନ କରୁଥିଲେ। ଏହି ସମୟରେ ଡେଜି ଭେନ୍ସ ଇରାନ ସହ କଥାବାର୍ତ୍ତା ସକାରାତ୍ମକ ରହିବାର ଆଶା କରିଛନ୍ତି। ଆମେରିକୀୟ ଉପରାଷ୍ଟ୍ରପତି କହିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପ କଥାବାର୍ତ୍ତା କରିବାକୁ ଯାଉଥିବା ଟିମ୍ ପାଇଁ ସୀମା ତିଆରି କରି ଦେଇଛନ୍ତି। ଏହାସହ ଡିଲ୍ ହେବାକୁ ମଧ୍ୟ ଆଶା କରିଛନ୍ତି। ପାକିସ୍ତାନ ଗସ୍ତ ପାଇଁ ଏୟାର ଫୋର୍ସ-୨ରେ ବସିବା ବେଳେ ଭେନ୍ସ କହିଥିଲେ, ଆମେରିକୀୟ ରାଷ୍ଟ୍ରପତି କହି ସାରିଛନ୍ତି ଯେ, ଯଦି ଇରାନ ଭଲ ନୀତି ସହ କଥାବାର୍ତ୍ତା ପାଇଁ ଇଚ୍ଛୁକ ତ ଆମକୁ ମଧ୍ୟ ଖୋଲା ହାତରେ ଏହାର ସ୍ୱାଗତ କରୁଛୁ। ସେ ଆହୁରି କହିଛନ୍ତି, କିନ୍ତୁ ଯଦି ଏହି ଲୋକ ଆମେରିକା ସହ ଖେଳ ଖେଳିବାକୁ ଚେଷ୍ଟା କରିବେ ତ ପୁଣି ଆମର ଜବାବ ମଧ୍ୟ ଏହିପରି ହେବ। ଶୁକ୍ରବାର ଭାନ୍ସ ଇରାନ ସହିତ ମଧ୍ୟସ୍ଥତା ଆଲୋଚନାର ନେତୃତ୍ୱ ନେବା ପାଇଁ ପାକିସ୍ତାନର ରାଜଧାନୀ ଇସଲାମାବାଦ ଅଭିମୁଖେ ଯାତ୍ରା କରିଥିଲେ।

# ୨୦୨୭ରେ ହେବ ପଞ୍ଚାୟତ ନିର୍ବାଚନ !

### ଆସନ ସଂରକ୍ଷଣ କରିବା ପାଇଁ ସବୁ ଜିଲ୍ଲାପାଳଙ୍କୁ ପଞ୍ଚାୟତିରାଜ ବିଭାଗର ଚିଠି



ଭୁବନେଶ୍ୱର,୧୦।୪: ୨୦୨୭ରେ ହେବ ପଞ୍ଚାୟତ ନିର୍ବାଚନ। ଆସନ ସଂରକ୍ଷଣ କରିବା ପାଇଁ ସବୁ ଜିଲ୍ଲାପାଳଙ୍କୁ ପଞ୍ଚାୟତିରାଜ ବିଭାଗର ଚିଠି କରାଯାଇଛି। ୱାର୍ଡ ମେମ୍ବର, ସରପଞ୍ଚ ଓ ସମିତି ସଭ୍ୟ ଏବଂ ଜିଲ୍ଲା ପରିଷଦ ସଦସ୍ୟ ପାଇଁ ସଂରକ୍ଷଣ ସ୍ଥିର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପ୍ରିଲ ୨୦୨୬ ସୁଦ୍ଧା ନିର୍ବାଚନ କମିଶନଙ୍କୁ ଚୂଡାନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ୱାର୍ଡ ମେମ୍ବର, ସରପଞ୍ଚ ଓ ସମିତି ସଭ୍ୟରେ ସଂରକ୍ଷଣ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଉପରେ ୧୭ ତାରିଖ ଭିତରେ ଅଭିଯୋଗ ଆବେଦନ କରିବେ। ୨୪ ତାରିଖ ସୁଦ୍ଧା ଅଭିଯୋଗ ଶୁଣାଣି କରି ୨୯ ସୁଦ୍ଧା ଚୂଡାନ୍ତ ସଂରକ୍ଷଣ ତାଲିକା ନିର୍ବାଚନ କମିଶନକୁ ଜଣାଇବେ। ସେହିପରି ଜିଲ୍ଲା ପରିଷଦ ସଦସ୍ୟରେ ସଂରକ୍ଷଣ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଉପରେ ୧୭ ତାରିଖ ଭିତରେ ଅଭିଯୋଗ ଆବେଦନ ଏବଂ ୨୭ ତାରିଖ ସୁଦ୍ଧା ଅଭିଯୋଗ ଶୁଣାଣି କରିବେ। ୨୯ ତାରିଖ ସୁଦ୍ଧା ସରକାରଙ୍କ ଅନୁମୋଦନ କ୍ରମେ ୩୦ ସୁଦ୍ଧା ଚୂଡାନ୍ତ ସଂରକ୍ଷଣ ତାଲିକା ନିର୍ବାଚନ କମିଶନକୁ ଜଣାଇବେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ପାଇଁ ୧୩ରେ ଚିଠା ବିଜ୍ଞପ୍ତି ଏବଂ ୨୯ରେ ଚୂଡାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ। ପୂର୍ବ ନିର୍ବାଚନ ସଂରକ୍ଷଣ ନୀତି ଅନୁସାରେ ୫୦ ପ୍ରତିଶତ ଭିତରେ ସଂରକ୍ଷଣ ରହିବ। ପଛୁଆ ବର୍ଗଙ୍କ ପାଇଁ ୨୭ପ୍ରତିଶତ ଯାଏଁ ସଂରକ୍ଷଣ ରହିବ। ମହିଳାଙ୍କ ପାଇଁ ୫୦ ପ୍ରତିଶତ ସିଟ୍ ସଂରକ୍ଷଣ ରହିବ। ସୂଚନା ଥାଉକି, ୨୦୨୨ରେ ୫ଟି ପର୍ଯ୍ୟାୟରେ ପଞ୍ଚାୟତ ନିର୍ବାଚନ ହୋଇଥିଲା। ୮୫୨ଟି ଜିଲ୍ଲା ପରିଷଦ ଜୋନ୍‌ରୁ ୭୬୬ଟି ଆସନ ଜିତି ବିଜେଡି ବୃହତ୍ ବିଜୟ ହାସଲ କରିଥିଲା। ୩୦ଟି ଜିଲ୍ଲାରେ ପରିଷଦ ଗଠନ କରିଥିଲା। ସେହିପରି ବିଜେପି ଏବଂ କଂଗ୍ରେସ ପ୍ରମୁଖ ବିରୋଧୀ ଦଳ ଭାବେ ବରାବର ଟକ୍କର ଦେଇଥିଲେ।

## ଭାରତର ଏକମାତ୍ର ମନ୍ଦିର

# ଯେଉଁଠାରେ ହନୁମାନଙ୍କ ସହିତ ହୋଇଥାଏ ତାଙ୍କ ସ୍ତ୍ରୀଙ୍କ ପୂଜା





ଆମମାନଙ୍କ ମଧ୍ୟରୁ ଅନେକ ଜାଣିଛନ୍ତି କି ହନୁମାନ ହେଉଛନ୍ତି ବାଳ ବ୍ରହ୍ମଚାରୀ । ତେଣୁ ବ୍ରହ୍ମଚାରୀ ପାଳନ କରିଥିବା ଲୋକମାନେ ହନୁମାନଙ୍କୁ ପୂଜା କରିଥାନ୍ତି । କିନ୍ତୁ ଆମେ ଅପଣଙ୍କୁ ଯଦି କହିବୁ ହନୁମାନ କୁମାର ନଥିଲେ, ସେ ବିବାହିତ ଥିଲେ ତେବେ ଆପଣଙ୍କୁ ଏହା ଶୁଣିବା ପରେ ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗିପାରେ । ଭାରତର ତେଲେଙ୍ଗାନାରେ ହନୁମାନଙ୍କର ବିବାହିତ ଜୀବନର ପ୍ରଥା ପ୍ରଚଳିତ । ତେଲେଙ୍ଗାନାର ଖମ୍ମାମ୍ ଜିଲ୍ଲାରେ ହନୁମାନ ଏବଂ ତା'ଙ୍କ ଧର୍ମପତ୍ନୀ ସୁବର୍ଚ୍ଚଳାଙ୍କର ଏକ ପୁରାତନ ମନ୍ଦିର ରହିଛି । ପରାସର ସାହିତ୍ୟରେ ମଧ୍ୟ ହନୁମାନଙ୍କର ବିବାହିତ ଜୀବନ ବିଷୟରେ ଲେଖାଯାଇଛି । ଏଠିକାର ଲୋକମାନେ ପ୍ରତି ବର୍ଷ ଜୈଷ୍ଠ ଶୁଭ ଦଶମୀରେ ହନୁମାନଙ୍କର ବିବାହ ଖୁବ୍ ଧୁମଧାମରେ ପାଳନ କରିଥାନ୍ତି । ସତକଥା ହେଉଛି ଅଧିକାଂଶ ଲୋକଙ୍କ ପାଇଁ ଏହା କୌଣସି ଆଶ୍ଚର୍ଯ୍ୟ ଠାରୁ କମ୍ ନୁହେଁ । କାରଣ ହନୁମାନଙ୍କୁ ବାଳ ବ୍ରହ୍ମଚାରୀ କୁହାଯାଇଥାଏ ।

### ଖମ୍ମମ୍ ଜିଲ୍ଲାରେ ରହିଛି ଏହି ମନ୍ଦିର

ତେଲଙ୍ଗନାର ଖମ୍ମମ୍ ଜିଲ୍ଲାରେ ଏହି ମନ୍ଦିରଟିର ସ୍ଥାପନା । ମନ୍ଦିର ସହିତ ଜଡିତ ଏହି ମାନ୍ୟତା ଅଛିକି' ଯେକେହିବି' ଏ ମନ୍ଦିରକୁ ଆସିଥାନ୍ତି ସେମାନଙ୍କର ବୈବାହିକ ଜୀବନ ଭଲରେ କଟିଥାଏ ଏବଂ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପ୍ରେମ ଶେଷ ପର୍ଯ୍ୟନ୍ତ ରହିଥାଏ ।





### ସୂର୍ଯ୍ୟ ଦେବଙ୍କ ପୁତ୍ରୀଙ୍କ ସହିତ ହୋଇଥିଲା ବିବାହ

ପରାସର ସାହିତ୍ୟରୁ ଉଲ୍ଲେଖରେ ଜଣା ପଡିଛିକି' ହନୁମାନ ଅବିବାହିତ ନଥିଲେ ବଂର ବିବାହିତ । ତାଙ୍କର ବିବାହ ସୂର୍ଯ୍ୟ ଦେବଙ୍କ ପୁତ୍ରୀଙ୍କ ସହିତ ହୋଇଥିଲା । ସାହିତ୍ୟ ଅନୁସାରେ ହନୁମାନ ସୂର୍ଯ୍ୟ ଦେବଙ୍କୁ ତାଙ୍କର ଗୁରୁଭାବେ ସ୍ୱୀକାର କରିଥିଲେ । ସୂର୍ଯ୍ୟ ଦେବଙ୍କ ପାଖରେ ୯ଟି ଦିବ୍ୟ ବିଦ୍ୟା ରହିଥିଲା । ଏହି ସବୁ ବିଦ୍ୟାର ଜ୍ଞାନ ହନୁମାନ ପ୍ରାପ୍ତ କରିବା ପାଇଁ ଚାହୁଁଥିଲେ । ୯ ଟି ଜ୍ଞାନ ମଧ୍ୟରୁ ସୂର୍ଯ୍ୟ ଦେବ ହନୁମାନଙ୍କୁ ୫ଟି ବିଦ୍ୟା ଦେଇଦେଇଥିଲେ କିନ୍ତୁ ଅନ୍ୟ ୪ଟି ବିଦ୍ୟା କେବଳ ବିବାହିତ ପୁଅ ମାନେ ହିଁ ଜାଣିପରିବେ । ହନୁମାନ ବ୍ରହ୍ମଚାରୀ ଥିଲେ ତେଣୁ ସୂର୍ଯ୍ୟ ଦେବଙ୍କୁ ଏହି ୪ଟି ବିଦ୍ୟା ଦେବା ପାଇଁ ଅସମର୍ଥ ହୋଇଥିଲେ । ଏହି ସମସ୍ୟାର ନିରାକାରଣ ପାଇଁ ସୂର୍ଯ୍ୟ ଦେବ ହନୁମାନଙ୍କୁ ବିବାହ ପାଇଁ ପରାର୍ଶମ ଦେଲେ । ତେଣୁ ବହୁତ ବୁଝାଇବା ପରେ ହନୁମାନ ବିବାହ ପାଇଁ ରଜି ହୋଇଥିଲେ ।

## ବୈତରଣୀ ନଦୀ କୂଳେକୂଳେ ଶିବଲିଙ୍ଗ ସ୍ଥାପନ



ଗୋନାସିକା ପର୍ବତରୁ ଏକ କୋଶ ଦୂରରେ ବ୍ରହ୍ମା ପ୍ରଥମ ଶିବଲିଙ୍ଗ ସ୍ଥାପନ କଲେ, ଯାହାର ନାମ ବ୍ରହ୍ମେଶ୍ୱର। ତା'ପରେ ପ୍ରତି କୋଣରେ କୁଶଳେଶ୍ୱର, ଅମ୍ବକେଶ୍ୱର, ଗଡେଶ୍ୱର, ଲିଙ୍ଗେଶ୍ୱର, ଭୂତେଶ୍ୱର, ବିଲେଶ୍ୱର, ହରନ୍ତେଶ୍ୱର ପ୍ରଭୃତି ଶିବଲିଙ୍ଗ ସ୍ଥାପିତ ହେବାପରେ, ବୈତରଣୀ ବିରଜା କ୍ଷେତ୍ରକୁ ଆସିଲେ। ଏହି ଲିଙ୍ଗଗୁଡ଼ିକ ମଧ୍ୟରେ ଶେଷ ଲିଙ୍ଗ ହେଉଛି ସିଦ୍ଧେଶ୍ୱର। ଏହିଠାରୁ ବ୍ରହ୍ମା, ବୈତରଣୀକୁ ଉତ୍ତରବାହୀ କରି ଦେଇଥିବାରୁ ଆଉ ସେହିଠାରୁ ଶିବଲିଙ୍ଗ ଦେଖିବାକୁ ମିଳେ ନାହିଁ। ବିଶ୍ୱାସ ରହିଛି ଯେ, ଯଦି କେହି ବିରଜାକ୍ଷେତ୍ରର ବାରୁଣୀ ତୀର୍ଥରେ ସ୍ନାନ କରି ପିତୃପୁରୁଷଙ୍କୁ ପିଣ୍ଡଦାନ କରେ, ତେବେ ସେ ଦଶ ପ୍ରକାରର ପାତକରୁ ମୁକ୍ତିପାଏ।

## ସମ୍ମାନର ଅଧିକାରୀ

ରାଜା ଶତ୍ରୁଦମନଙ୍କ ପୁତ୍ର ଅରିଦମନ ଅତ୍ୟନ୍ତ ଅହଂକାରୀ ଥିଲେ । ତାଙ୍କ ଠାରେ କରୁଣା, ଉଦାରତା, ଦୟା, ସେବା, ସହାନୁଭୂତି ଭଳି ଗୁଣର ଅଭାବ ଥିଲା । ରାଜା ମଧ୍ୟ ପୁତ୍ରର ସ୍ୱଭାବକୁ ନେଇ ଚିନ୍ତିତ ଥିଲେ । ତେଣୁ ସେ ଜଣେ ସିଦ୍ଧ ମହାତ୍ମାଙ୍କ ନିକଟକୁ ପୁତ୍ରକୁ ପଠାଇ ଦେଲେ । ମହାତ୍ମାଙ୍କ ନିକଟରେ ରହିଲେ ପୁତ୍ରର ସ୍ୱଭାବ ପରିବର୍ତ୍ତନ ହେବ ବୋଲି ରାଜାଙ୍କର ବିଶ୍ୱାସ ରହିଥିଲା । ଦିନେ ମହାତ୍ମା ରାଜପୁତ୍ର ଅରିଦମନଙ୍କୁ ଏକ ଗଛରୁ ପତ୍ର ତୋଳି ଆଣିବାକୁ କହିଲେ । ଏଥିସହିତ ଆଦେଶ ଦେଲେ ଯେ, ଯେଉଁ ପତ୍ରରେ ପୋକ ଲାଗିନଥିବ କିମ୍ବା ଫିମ୍ପି ନହୋଇଥିବ ତୁମେ ସେଭଳି ପତ୍ର ଆଣିବ । ଅରିଦମନ ଜଙ୍ଗଲକୁ ଗଲେ । ସେ ବହୁ ଗଛରେ ଖୋଜାଖୋଜି କଲେ ବି ଗୋଟିଏ ହେଲେ ଭଲ ପତ୍ର ପାଇଲେ ନାହିଁ । ତେଣୁ ସେ ଫେରିଆସିଲେ । ମହାତ୍ମାଙ୍କୁ ସେ କହିଲେ, ଗୁରୁଦେବ ! ମୁଁ ଅନେକ ଖୋଜିଲି, କିନ୍ତୁ ଗୋଟିଏ ହେଲେ ଭଲ ପତ୍ର ପାଇଲି ନାହିଁ । ସବୁ ପତ୍ର ପୋକ ଲାଗିଯାଇଥିଲା । ମହାତ୍ମା କହିଲେ, ପୁତ୍ର ! ଜୀବନ ମଧ୍ୟ ଏହି ବୃକ୍ଷ ଭଳି । ଜୀବନରୁ ଦୁର୍ଗୁଣ ରୂପୀ ଦୋଷଦୁର୍ବଳତା ତ୍ୟାଗ ନକଲେ ପୋକ ଲାଗିଥିବା ପତ୍ର ବୃକ୍ଷକୁ ନଷ୍ଟ କରିଦେବା ଭଳି ଦୁର୍ଗୁଣ ଜୀବନକୁ ନଷ୍ଟ କରିଦେଇଥାଏ । ଦୋଷ ଦୁର୍ଗୁଣ ତ୍ୟାଗ କଲେ ମନୁଷ୍ୟର ଜୀବନରେ ମଧୁରତା ଫେରିଆସିଥାଏ । ଘୃଣା, ଅହଂକାର, କ୍ରୋଧ, ଲୋଭ, ମୋହ ଆଦି ତ୍ୟାଗ କଲେ ମନୁଷ୍ୟ ଉତ୍ତମଗୁଣର ଅଧିକାରୀ ହୋଇଥାଏ । ଉତ୍ତମ ସ୍ୱଭାବ ସମ୍ପନ୍ନ ମନୁଷ୍ୟ ସମାଜରେ ସର୍ବଦା ସମ୍ମାନ ପ୍ରାପ୍ତ କରିଥାଏ ।



## -ରାମଙ୍କ ସହ ସୀତାଙ୍କ ପ୍ରଥମ ସାକ୍ଷାତ-

ଦେବୀ ସୀତା, କୁମାରୀ ଅବସ୍ଥାରୁ ଯୁବତୀ ହେଲେ। ତାଙ୍କ ରୂପଲାବଣ୍ୟ ଦିନକୁ ଦିନ ବୃଦ୍ଧି ପାଉଥିଲା। ପିତା ଜନକ ଓ ମାତା ସୀତାଙ୍କ ବିବାହ ପାଇଁ କୁଳଗୁରୁଙ୍କ ସହ ପରାମର୍ଶ କଲେ। କୁଳଗୁରୁଙ୍କ ପରାମର୍ଶ ଅନୁସାରେ, ରାଜା ସ୍ୱୟଂବର ସଭାର ଆୟୋଜନ କରି ସମସ୍ତ ରାଜା ଓ ବୀରଙ୍କୁ ନିମନ୍ତ୍ରଣ କଲେ। ରାଜ୍ୟରେ ଡେଙ୍ଗୁରା ଦେଇ ଏ କଥା ଜଣାଇ ଦିଆଗଲା। ପ୍ରଜାବର୍ଗ ଖୁସି ହେଲେ। ମାତ୍ର ସ୍ୱୟଂବରର ସର୍ତ୍ତ ଶିବଧନୁରେ ଗୁଣଦେବା ମନରେ ସଂଶୟ ଆଣୁଥାଏ। ଏ ସମୟରେ ନଗରରେ ପ୍ରବେଶ କରି, ଗୁରୁ ବିଶ୍ୱାମିତ୍ରଙ୍କ ସହିତ ରାମ ଲକ୍ଷ୍ମଣ ନଗରସଜ୍ଜା ପରିଷ୍କାର, ପରିଚ୍ଛନ୍ନତା, ମନ୍ଦିର ଅଟ୍ଟାଳିକା, ପୁଷ୍କରିଣୀ, ପୁଷ୍ପୋଦ୍ୟାନ, ବିପଣୀ ଇତ୍ୟାଦି ଦେଖି ଅତ୍ୟଧିକ ଆନନ୍ଦିତ ହେଲେ। ସତେ ଯେପରି ବିଶ୍ୱାମିତ୍ର ରୂପି ବ୍ରହ୍ମା ନବୀନ ଦୁର୍ବାଦଳ ଶ୍ୟାମଳ, ନବ ଯୌବନ ସମ୍ପନ୍ନ ଶାନ୍ତ, କାନ୍ତ ରୂପୀ ଶ୍ରୀରାମ ବିଷ୍ଣୁ ଓ ତେଜ ଓ ଯଶ ସମ୍ପନ୍ନ ଧନୁର୍ଦ୍ଧାରୀ ଗୌରବର୍ଣ୍ଣ ରୂପି ଲକ୍ଷ୍ମଣ– ଶିବ, ଏ ବିଦେହ ନଗରରେ ସ୍ୱଦେହ ଧାରଣ କରି ସମସ୍ତଙ୍କୁ ଦର୍ଶନ ଦେଇ ଧନ୍ୟ କରିଦେଇଛନ୍ତି। ଋଷି ବିଶ୍ୱାମିତ୍ର ଓ ଅପୂର୍ବ ସୁନ୍ଦର ତେଜୋମୟ ଦୁଇ ରାଜକୁମାରଙ୍କ ଆଗମନ ସମ୍ବାଦ ପାଇ ରାଜର୍ଷି ଜନକ ତାଙ୍କୁ ସାଦର ସ୍ୱାଗତ କଲେ ଓ ଉପଯୁକ୍ତ ଚର୍ଚ୍ଚା କରିବା ସହିତ ରାଜଭବନର ଅତିଥିଶାଳାରେ ରଖାଇଲେ। ଜନକ ଦୁଇ ରାଜକୁମାରଙ୍କ ପରିଚୟ ଓ ଯଜ୍ଞ ରକ୍ଷାଦି କର୍ମ, ଅସୁର ବିନାଶ, ଅହଲ୍ୟା ଉଦ୍ଧାର ଆଦି ବିଷୟରେ ଜାଣି ଆନନ୍ଦ ତଥା ବିସ୍ମିତ ହୋଇଥିଲେ। ପରଦିନ ପ୍ରଭାତରେ ପ୍ରଭାତ ବନ୍ଦନା ଓ ଗୁରୁଙ୍କ ଚରଣରେ ପ୍ରଣାମ କରି ଗୁରୁଙ୍କ ଆଦେଶରେ ଦେବପୂଜା ପାଇଁ ରାଜ ଉଦ୍ୟାନରୁ ଫୁଲ ତୋଳିବା ପାଇଁ ରାମ ଲକ୍ଷ୍ମଣ ପୁଷ୍ପବାଟିକାକୁ ଗଲେ। ନିଜର ପରିଚୟ ଓ ଉଦ୍ଦେଶ୍ୟ ଜଣାଇ ଉଦ୍ୟାନ ରକ୍ଷକର ଅନୁମତି ନେଇ ପ୍ରବେଶ କଲେ ଓ ଉଦ୍ୟାନରେ ବୁଲି ବୁଲି ରାମ ଲକ୍ଷ୍ମଣ ବିବିଧ ପୁଷ୍ପ ସଂଗ୍ରହ କରିବାରେ ଲାଗିଲେ। ଏହି ସମୟରେ ଜନକ ନନ୍ଦିନୀ ସୀତା ନିଜ ପରିଚାରିକା ସଖୀ ଗହଣରେ, ତାରାଙ୍କ ମେଳରେ ଚନ୍ଦ୍ରମା ସଦୃଶ ସୀତାଙ୍କର ଶୋଭା ଦିଶୁଥାଏ। ଉଦ୍ୟାନରେ ଭ୍ରମଣ ଓ ହାସ୍ୟରସ ବାକ୍ୟାଳାପ ମଧ୍ୟରେ ହଠାତ୍ ସଖୀଗଣ ଦୁଇ ସୁନ୍ଦର ଯୁବା ପୁରୁଷଙ୍କୁ ଦେଖି ସୀତାଙ୍କୁ ଜଣାଇଲେ। ରାମ ସୀତାଙ୍କର ଚାରି ଚକ୍ଷୁର ମିଳନ ହେଲା। ହର୍ଷ, ପୁଲକ ଓ ରୋମାଂଚରେ ଉଭୟଙ୍କର ଗତି ସ୍ଥିର ହୋଇଗଲା। ଚକୋର ସତେ ଚନ୍ଦ୍ରଙ୍କୁ ଦେଖିଲା, ସୂର୍ଯ୍ୟ ଦର୍ଶନରେ ସତେକି କମଳ ପ୍ରସ୍ଫୁଟିତ ହେଲା। ଉଭୟେ ଉଭୟଙ୍କୁ ପ୍ରେମପୂର୍ଣ୍ଣ ଅପଲକ ନେତ୍ରରେ ଚାହିଁ ରହିଲେ। କିଛି ସମୟ ପରେ ସଖୀମାନେ ରାମ ଲକ୍ଷ୍ମଣଙ୍କ ପରିଚୟ ପ୍ରାପ୍ତ ହୋଇ ସୀତାଙ୍କୁ ଜଣାନ୍ତେ, ସୀତା ଲଜ୍ଜା ହରଷରେ ମଥା ପୋତି ସେଠାରୁ ଚାଲିଗଲେ। ରାମଚନ୍ଦ୍ରଙ୍କ ପ୍ରତି ପ୍ରେମଭାବ, ତାଙ୍କୁ ସ୍ୱୟଂବରରେ ପତି ରୂପରେ ପାଇବାର ଲାଳସା, ହୃଦୟରେ ଦୃଢ ଭାବରେ ଜାଗ୍ରତ କରାଇଲା। ଇଷ୍ଟଦେବୀ ମାଆ ଭବାନୀଙ୍କ ନିକଟରୁ ସେ ଆଶିଷ ପ୍ରାର୍ଥନା କଲେ।





## କୁନ୍ତୀ, ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ମୃତ୍ୟୁ ରହସ୍ୟ



**ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତିଙ୍କୁ ସାଙ୍ଗରେ ନେଇ ବେଦବ୍ୟାସ ଜଙ୍ଗଲକୁ ଚାଲି ଯାଇଥିଲେ। ବହୁ ବର୍ଷଧରି ବାନପ୍ରସ୍ଥ ଆଶ୍ରମରେ ସେମାନେ ସାଧୁ ଓ ସନ୍ୟାସୀଙ୍କ ଭଳି ଜୀବନ ଅତିବାହିତ କରୁଥିଲେ।**

ମହାଭାରତ ଯୁଦ୍ଧ ସମାପ୍ତି ପରେ ହସ୍ତିନାପୁରର ରାଜା ହେଲେ ଯୁଧିଷ୍ଠିର। ଏହାପରେ କୌରବଙ୍କ ପିତା ଧୃତରାଷ୍ଟ୍ର ଓ ତାଙ୍କ ପତ୍ନୀ ଗାନ୍ଧାରୀ ଏବଂ ପାଣ୍ଡବଙ୍କ ମାଆ କୁନ୍ତୀଙ୍କ ସହ ଜଙ୍ଗଲକୁ ଚାଲିଯିବାକୁ ବାହାରିଥିଲେ। ଯୁଧିଷ୍ଠିରଙ୍କ ଅନୁମତି ପାଇଁ ତିନିଜଣ ତାଙ୍କ ପାଖକୁ ଯାଇଥିଲେ । ହେଲେ ଯୁଧିଷ୍ଠିର ଓ ତାଙ୍କ ଭାଇମାନେ ଜଙ୍ଗଲ ନଯିବା ପାଇଁ ତାଙ୍କୁ ଅନୁରୋଧ କରିଥିଲେ। କିନ୍ତୁ କୌରବ ଏବଂ ଧୃତରାଷ୍ଟ୍ରଙ୍କ ପ୍ରତି ଭୀମ ନିଜର ରାଗକୁ ଅଧିକ ସମୟ ପର୍ଯ୍ୟନ୍ତ ନିୟନ୍ତ୍ରଣ କରିପାରିନଥିଲେ। ଭୀମଙ୍କ ମୁହଁରୁ ଏମିତି ଏକ କଥା ବାହାରିଗଲା, ଯାହା ଧୃତରାଷ୍ଟ୍ରଙ୍କୁ ବହୁତ କଷ୍ଟ ଦେଲା । ତେଣୁ ସେ ରାଜମହଲରେ ରହିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ଧୃତରାଷ୍ଟ୍ର ତାଙ୍କ ପତ୍ନୀଙ୍କୁ ସାଙ୍ଗରେ ନେଇ ଜଙ୍ଗଲ ଯାତ୍ରା ବାହାରିଲେ। ଏହି ସମୟରେ ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ସହ ଯିବା ପାଇଁ ପାଣ୍ଡବଙ୍କ ମାଆ କୁନ୍ତି ମଧ୍ୟ ଜିଦ୍ କରିଥିଲେ। ଜଙ୍ଗଲକୁ ନଯିବା ପାଇଁ ଯୁଧିଷ୍ଠିର ସେମାନଙ୍କୁ ଯେତେ ବୁଝାଇଲେ ବି ସେମାନେ ମାନି ନଥିଲେ। ସେହି ସମୟରେ ବେଦବ୍ୟାସ ରାଜମହଲରେ ପଦାର୍ପଣ କରିଥିଲେ। ସେମାନଙ୍କ ଜଙ୍ଗଲ ଯାତ୍ରା ପାଇଁ ଯୁଧିଷ୍ଠିରଙ୍କୁ ବୁଝାଇ ଦେଇଥିଲେ ବ୍ୟାସଦେବ । ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତିଙ୍କୁ ସାଙ୍ଗରେ ନେଇ ବେଦବ୍ୟାସ ଜଙ୍ଗଲକୁ ଚାଲି ଯାଇଥିଲେ। ବହୁ ବର୍ଷଧରି ବାନପ୍ରସ୍ଥ ଆଶ୍ରମରେ ସେମାନେ ସାଧୁ ଓ ସନ୍ୟାସୀଙ୍କ ଭଳି ଜୀବନ ଅତିବାହିତ କରୁଥିଲେ। ରାଜମହଲରେ ବିଳାସପୂର୍ଣ୍ଣ ଭାବେ ରହୁଥିବା ଏହି ତିନିଜଣଙ୍କ ଶରୀର ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗିଲା। ଦିନେ ଜଙ୍ଗଲରେ ଅଚାନକ ନିଆଁ ଲାଗି ଗଲା। ନିଜ ଜୀବନ ବଞ୍ଚାଇବା ପାଇଁ ସମସ୍ତେ ଦୌଡା ଦୌଡି କଲେ। ନିଜ ଜୀବନ ବଞ୍ଚାଇବା ପାଇଁ କୁନ୍ତି, ଗାନ୍ଧାରୀ ଓ ଧୃତରାଷ୍ଟ୍ର ମଧ୍ୟ ଦୌଡିବା ଆରମ୍ଭ କରିଥିଲେ। ହେଲେ ଦୁର୍ବଳ ଶରୀର ପାଇଁ ଅଧିକ ବାଟ ଯାଇପାରିଲେ ନାହିଁ। ଦ୍ରୁତଗତିରେ ନିଆଁ ଜଙ୍ଗଲର ଚାରିଆଡେ ଖେଳିଗଲା । ଆଉ କିଛି ଉପାୟ ନପାଇ ଧୃତରାଷ୍ଟ୍ର , ଗାନ୍ଧାରୀ ଓ କୁନ୍ତି ଧ୍ୟାନରେ ବସିଗଲେ। ଏହି ନିଆଁରେ ତିନିଜଣ ଜଳିପୋଡି ପାଉଁଶ ହୋଇଗଲେ।



## ଗୃହପାଳିତ ପଶୁଙ୍କୁ ଅଂଶୁଘାତରୁ ରକ୍ଷା ଉପାୟ

ବାୟୁ ମଣ୍ଡଳ ଉତ୍ତପ୍ତ ରହିବା ସଙ୍ଗେ ଗରମ ପବନ ବହିବାକୁ ଗ୍ରୀଷ୍ମପ୍ରବାହ ବା ହିଟ୍‌ୱେଭ୍ କୁହାଯାଏ। ଏହା ଗୃହପାଳିତ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଏ। ତା ସହ ସେମାନଙ୍କର ଉତ୍ପାଦନ କ୍ଷମତା ହ୍ରାସ ପାଇଥାଏ। ତେଣୁ ଅଧିକ ତାପମାତ୍ରା ଯୋଗୁଁ ପ୍ରାଣୀଙ୍କୁ ଅଂଶୁଘାତ କବଳରୁ ସୁରକ୍ଷିତ ରଖିବାକୁ ବିଭିନ୍ନ ଉପାୟ ରହିଛି। ଗ୍ରୀଷ୍ମ ପ୍ରବାହରେ ଗାଈଙ୍କ ଶରୀରର ଆଭ୍ୟନ୍ତରୀଣ ତାପମାତ୍ରା ୧୦୩ ରୁ ୧୦୪ ଡିଗ୍ରୀ ଫାରେନହାଇଟ୍ ପର୍ଯ୍ୟନ୍ତ ବଢ଼ିଯାଇଥାଏ। **ଭିଟାମିନ୍ ସି ଉତ୍ସ:** ଅଧିକ ଖରାରେ ଗାଈ ଓ ମଇଁଷିଙ୍କୁ ଚରିବାକୁ ନ ଛାଡି ସକାଳେ କିମ୍ବା ସନ୍ଧ୍ୟାରେ ତାଙ୍କୁ ଦାନା ଦେବା ଦରକାର। ଖରାବେଳେ କଅଁଳ ଘାସ ଦେବା ଦ୍ୱାରା ଏହା ହଜମ ହେବାରେ ସହାୟକ ହୋଇଥାଏ। ଶରୀରର ତାପମାତ୍ରା ଅଧିକ ବଢ଼ି ନ ଥାଏ। ଏହାଛଡ଼ା ଭିଟାମିନ୍ ସିର ବିଭିନ୍ନ ପ୍ରକାର ଔଷଧ ଯଥା- ପାଉଡର ଏବଂ ତରଳକୁ ଗାଈ ଓ ମଇଁଷିଙ୍କୁ ଦେଇପାରିବେ। ଏହାଦ୍ୱାରା ସେମାନଙ୍କର ଉତ୍ତାପ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଥଣ୍ଡା ପାଣି ଦେବା ସହ ପାଣିକୁ ବାରମ୍ବାର ବଦଳାଇବା ଦ୍ୱାରା ଏହା ଥଣ୍ଡା ରୁହେ।

**ଗାଧୋଇବା ବିକଳ୍ପ:** ହୋଲଷ୍ଟିନ୍ କିମ୍ବା ଜର୍ସି ପ୍ରଜାତି ଗାଈଙ୍କୁ ଖରାବେଳେ ଗାଧୋଇ ଦେଇ ପାରିବେ। ଅଧିକ ଗାଧୋଇବା ଦ୍ୱାରା ଥଣ୍ଡା ଓ ବିଭିନ୍ନ ରୋଗ ହୋଇଥାଏ, ତେଣୁ ସେଥିପ୍ରତି ଧ୍ୟାନ ଦେବେ । ଗୁହାଳକୁ ମଶା, ମାଛି ଦାଉରୁ ସୁରକ୍ଷା ପାଇଁ ସଫା ରଖିବା ଜରୁରି। ଛେଳିଙ୍କୁ ଚରିବାକୁ ଛାଡୁଥିଲେ : ଆମ ରାଜ୍ୟର ଛେଳି, ମେଣ୍ଢା ମୁଖ୍ୟତଃ ଚରିବୁଲି ଖାଦ୍ୟ ସଂଗ୍ରହ କରନ୍ତି। ତେଣୁ ସେମାନଙ୍କୁ ଚରିବାକୁ ନେଉଥିବା ସ୍ଥାନଟି ଛାଇ ହୋଇଥିବା ଦରକାର। ଅଂଶୁଘାତରୁ ସୁରକ୍ଷା ପାଇଁ ଉକ୍ତ ସ୍ଥାନରେ କୁଣ୍ଡରେ ପାଣି ରଖିବା ବନ୍ଦୋବସ୍ତ କରନ୍ତୁ। **ଝରକାରେ ଓହଳାନ୍ତୁ ଓଦା ଅଖା:** କୁକୁଡ଼ା ଓ ବତକଙ୍କୁ ଦିନର ଥଣ୍ଡା ସମୟରେ ଖାଇବାକୁ ଦିଅନ୍ତୁ। ଡାକ୍ତରଙ୍କ ପରାମର୍ଶକ୍ରମେ ଭିଟାମିନ୍ ସି, ଇ ଦ୍ରବଣ ଦେଇ ତାଙ୍କର ହିଟ୍‌ଷ୍ଟ୍ରେସ୍ କମାଇପାରିବେ। କୁକୁଡ଼ା ଘରକୁ ଥଣ୍ଡା ରଖିବାକୁ ଓଦା ଅଖା ଓହଳାଇ ପାରିବେ। କୃମି ଔଷଧ: ଗାଈ, କୁକୁଡା ବା ଛେଳିଙ୍କୁ ଯଦି କୃମି ଔଷଧ ଦେଇନାହାନ୍ତି, ଏହି ସମୟରେ ଦେଇ ଦେବା ଦରକାର। ଏହି ଔଷଧ ଦେଲାପରେ ସେମାନଙ୍କୁ ବାହାରକୁ ଚରିବାକୁ ଛାଡ଼ନ୍ତୁନି।

**ଅଂଶୁଘାତର ଉପଚାର :** ଯଦି ଗାଈ, ମେଣ୍ଢା, ଛେଳି ବା କୁକୁଡ଼ା ହଠାତ୍ ପଡ଼ିଯାଉଛନ୍ତି ବା ଅଂଶୁଘାତର ଶିକାର ହେଉଛନ୍ତି, ତାଙ୍କୁ ସଙ୍ଗେ ସଙ୍ଗେ ଛାଇ ତଥା ଥଣ୍ଡା ସ୍ଥାନକୁ ନେଇ ତାଙ୍କ ଗୋଡ଼, କାନ, ମୁଣ୍ଡ ଉପରେ ଓଦା ଅଖା ବା କପଡ଼ା ପକାଇ ରଖିବେ। ଆବଶ୍ୟକ ହେଲେ, ବରଫ ପାଣି ଦେହରେ ଲଗାଇବା ଦ୍ୱାରା ଶରୀରର ତାପମାତ୍ରା କମିଯାଇଥାଏ। ଚିକିତ୍ସକଙ୍କ ପରାମର୍ଶରେ ଥଣ୍ଡା ସାଲାଇନ୍ ଦିଆଯାଇଥାଏ।

**ସନ୍ତୁଳିତ ଖାଦ୍ୟ ଯୋଗାଣ:** ଗୁହାଳକୁ ଥଣ୍ଡା ରଖିବାକୁ ହାଲୁକା ପାଣି ସିଞ୍ଚି ପାରିବେ। ଗୁହାଳରେ ପଙ୍ଖା ଲଗାନ୍ତୁ। ଛାତ ଉପରେ ନଡ଼ା ଛପର ବିଛାଇ ପାରିବେ।



## ଭଏସ ଅଫ ମିଡ଼ିଆ ତରଫରୁ ଜିଲ୍ଲାସ୍ତରୀୟ ସାଙ୍ଗଠନିକ ବୈଠକ

କେନ୍ଦୁଝର,(ନିପ୍ର): କେନ୍ଦୁଝର ସହର ନିକଟସ୍ଥ ସ୍ଥାନୀୟ ରୋଟାରୀଭବନ ଠାରେ ଭଏସ ଅଫ ମିଡ଼ିଆ ତରଫରୁ ଏକ ଜିଲ୍ଲାସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସର୍ବପ୍ରଥମେ କେନ୍ଦୁଝରର ଆରାଧ୍ୟାଦେବୀ ମାତାରିଣୀଙ୍କ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟଟିକୁ ଆରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭଏସ ଅଫ ମିଡ଼ିଆର ରାଜ୍ୟସଭାପତି ଡକ୍ଟର ପ୍ରଭାତ କୁମାର ମିଶ୍ର ଯୋଗଦେଇ ଭଏସ ଅଫ ମିଡ଼ିଆ ହେଉଛି ଏକ ଆନ୍ତର୍ଜାତୀକ ସଂଗଠନ ଏବଂ ଗଣମାଧ୍ୟମପ୍ରତିନିଧି ମାନଙ୍କର ସ୍ୱାର୍ଥ ହକ୍ ନ୍ୟାଯ୍ୟ ଦାବିନେଇ ଏହି ସଂଗଠନ ସର୍ବଦା କାର୍ଯ୍ୟ କରିଥାଏ ବୋଲି କହିବା ସହ ସାମ୍ବାଦିକମାନଙ୍କୁ ଏବଂ ତାଙ୍କ ପରିବାରବର୍ଗଙ୍କୁ ଭଏସ ଅଫ ମିଡ଼ିଆ ତରଫରୁ ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟବୀମା ଗୃହ ଋଣ ଏବଂ ଶିକ୍ଷାନିମନ୍ତେ ଋଣ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ । ଏହି ସଭାରେ ଜିଲ୍ଲା ସଂଗଠନର ସଭାପତି ସୁଜଳ କୁମାର ସେଠୀ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ଶଶୀଭୂଷଣ ସିଂ ଏବଂ ଉପଦେଷ୍ଟା ସଞ୍ଜୟ କୁମାର ପଣ୍ଡା ମଂଚାସୀନ ଥିଲେ। ଭଏସ ଅଫ ମିଡ଼ିଆ ତରଫରୁ ସାମ୍ବାଦିକବୃନ୍ଦଙ୍କର ନାମ ପଞ୍ଜିକୃତ ହେଇଛି ସେମାନଙ୍କୁ ରାଜ୍ୟମୁଖ୍ୟ ଡକ୍ଟର ମିଶ୍ର କାର୍ଡ ଦେବା ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲାର ବିଭିନ୍ନ ଅଞ୍ଚଳର ବହୁ ଗଣମାଧ୍ୟମର ପ୍ରତିନିଧିମାନେ ଏହି ବୈଠକରେ ଉପସ୍ଥିତ ଥିଲେ । ସାମ୍ବାଦିକ ସତ୍ୟଜିତ ମିଶ୍ର କାର୍ଯ୍ୟକ୍ରମଟିକୁ ସଂଯୋଜନାକରିଥିଲେ ।

## ସ୍ୱଜନଗଣନା ସଚେତନ ରଥ ଉଦ୍‌ଘାଟିତ

କାଶୀନଗର,(ନିପ୍ର): କାଶୀନଗର ତହସିଲ କାର୍ଯ୍ୟାଳୟ ପରିସରରେ ସ୍ୱ ଜନଗଣନା ସଚେତନ ରଥ ବ୍ଲକ ଅଧ୍ୟକ୍ଷା ବାଲା ସାଇମ୍ମା ଉପସ୍ଥିତ ରହି ନୀଳ ରଙ୍ଗର ପତାକା ଦେଖାଇ ଆରମ୍ଭ କରିଥିଲେ। ଉଦ୍ଘାଟନ କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର ତଥା ଜନଗଣନା ଅଧିକାରୀ ସୁଧୀର କୁମାର ନନ୍ଦ,ଅତିରିକ୍ତ ତହସିଲ କେ ଦିବ୍ୟ



ରଞ୍ଜନ, ବିଡ଼ିଓ ଡ଼ମ୍ବୁରୁ ଧର ମଲ୍ଲିକ, ପଞ୍ଚାୟତ ଉନ୍ନୟନ ଅଧିକାରୀ ଲକ୍ଷ୍ମୀକାନ୍ତ ସାହୁ ଯୋଗ ଦେଇଥିଲେ। ଉକ୍ତ ରଥ କାଶୀନଗର ଏନଏସି ତଥା ବ୍ଲକର ସମସ୍ତ ପଞ୍ଚାୟତ ପରିକ୍ରମା କାରି ସ୍ୱଜନଗଣନା କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରିଥିଲା।

## ଛାତ୍ରଛାତ୍ରୀଙ୍କ ପାଇଁ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ

ବୁଗୁଡା,(ନିପ୍ର): ଗଞ୍ଜାମ ଜିଲ୍ଲାର ବୁଗୁଡା ପିପୁଲ୍ସ କଲେଜର ପଦାର୍ଥ ବିଜ୍ଞାନ ବିଭାଗର ଚତୁର୍ଥ ସେମିଷ୍ଟାର ଛାତ୍ରଛାତ୍ରୀମାନଙ୍କ ୧୫ ଦିବସିୟ ଇଣ୍ଟର୍ନସିପ୍ ପ୍ରୋଗ୍ରାମ ଭାମଶ୍ୟାଳି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଦାର୍ଥ ବିଜ୍ଞାନ ବିଭାଗର ଚତୁର୍ଥ ସେମିଷ୍ଟାର ଛାତ୍ରଛାତ୍ରୀମାନେ ଏପ୍ରିଲ ୧୦ ଠାରୁ ୧୫ ରିଖ ପର୍ଯ୍ୟନ୍ତ ଭାମଶ୍ୟାଳି ଗ୍ରାମପଞ୍ଚାୟତର ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ବିଷୟରେ ସରପଞ୍ଚ ଓ ପଞ୍ଚାୟତ କର୍ମଚାରୀଙ୍କ ସହଯୋଗରେ ଅନୁଧ୍ୟାନ କରି ବିବରଣୀ ପ୍ରସ୍ତୁତ କରିବେ । ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ସୁଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ କାର୍ଯ୍ୟାଳୟ ରେ ଅନୁଷ୍ଠିତ ପ୍ରଥମ ଦିନର କାର୍ଯ୍ୟକ୍ରମରେ କଲେଜର ପ୍ରିନ୍ସପାଲ ଡକ୍ଟର ପୁରୁଷୋତ୍ତମ ମିଶ୍ର ଅଧ୍ୟକ୍ଷତା କରିଥିଲେ । ଅତିଥି ଭାବେ ପଞ୍ଚାୟତର ସରପଞ୍ଚ ସଞ୍ଜୟ କୁମାର ବିଶ୍ୱାଳ, ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ଡକ୍ଟର ସଂଧ୍ୟାରାଣୀ ସାହୁ ଓ ଯୋଗାଣ ସହାୟକ ମିଥୁନ ବିଶ୍ୱାଳ ଯୋଗଦେଇଥିଲେ । ଛାତ୍ରଛାତ୍ରୀମାନଙ୍କୁ ସମସ୍ତ କ୍ଷେତ୍ରରେ ସହଯୋଗ କରିବାକୁ ସରପଞ୍ଚ ଶ୍ରୀ ବିଶ୍ୱାଳ ଓ ଯୋଗାଣ ସହାୟକ ମିଥୁନ ବିଶ୍ୱାଳ ନିର୍ଭର ପ୍ରତିଶୃତି ଦେଇଥିଲେ।

## ମାନସିଂହ ସାହିତ୍ୟ ସଂସଦର ୬୪ ତମ କବିତା ଆସର

କୃଷ୍ଣପ୍ରସାଦ, ( ନି ପ୍ର ): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ମାନସିଂହଙ୍କ ଜନ୍ମପୀଠ ନନ୍ଦଳା ଗ୍ରାମରେ ଓଡ଼ିଆ ନବ ବର୍ଷକୁ ଆଗୁଆ ସ୍ୱାଗତ କରିବାକୁ ଯାଇ ମାନସିଂହ ସାହିତ୍ୟ ସଂସଦର ୬୪ତମ କବିତା ଆସର ବିଷ୍ଣୁପ୍ରସାଦ ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କବି ତଥା ସମ୍ପାଦିକା ଚିନ୍ମୟୀ ପଣ୍ଡା ଯୋଗଦେଇ କବିତାର କରୁଣ୍ୟ ଓ ମର୍ଯ୍ୟାଦା ସମ୍ପର୍କରେ ଆଲୋଚନା କରିବା ସହ ଅନ୍ୟ ଉପସ୍ଥିତ କବି ମାନଙ୍କୁ ଉତ୍ସାହିତ କରିଥିଲେ । ସଂସଦର ମୁଖ୍ୟ ଉପଦେଷ୍ଟା ଡ଼ ପ୍ରେମାନନ୍ଦ ବେହେରା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ପାଦକ ଲଳିତ କୁମାର ସ୍ୱାଇଁ ଆଭିମୁଖ୍ୟ ଉପସ୍ଥାପନ କରିବା ସହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବ୍ରହ୍ମପୁରରୁ ବନ୍ଦନା ପଣ୍ଡାଙ୍କ ପ୍ରାରମ୍ଭିକ ଭଜନ ପାଠ କରିଥିଲେ। ଯାଜପୁରରୁ କବି ସସ୍ମିତା ବେହେରାଙ୍କ ଚମତ୍କାର ସଂଯୋଜନାରେ ଦେଶ ବିଦେଶରୁ ଅନେକ କବି ଯଥା ଚନ୍ଦ୍ରା ମିଶ୍ର, ଡ଼ ଭାରତୀ ହୋତା, ରେଖା ଭୋଇ, ପ୍ରତିମା ପାତ୍ର, ରଜଗୁରୁ, ସମୀର ନାୟକ, ସୁଶାନ୍ତ କୁମାର ଦଳେଇ, ବନ ବିହାରୀ ପଟ୍ଟନାୟକ, ଦେବାଶିଷ ପ୍ରଧାନ, ସମେତ ପ୍ରାୟ ୪୦ ରୁ ଅଧିକ ସାହିତ୍ୟ ସାଧକ ସାଧିକା ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ ।

# ବାଲ୍ୟବିବାହ ନିଷେଧ ଆଇନ, କଡ଼ାକଡ଼ି ପାଳନ ନେଇ ନିର୍ଦ୍ଦେଶ

ଭୁବନେଶ୍ୱର, (ହି.ସ.): ବାଲ୍ୟ ବିବାହ ନିଷେଧ ଆଇନ, ୨୦୦୬ କଡ଼ାକଡ଼ି ପାଳନ ନେଇ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାପାଳମାନଙ୍କୁ 'ବାଲ୍ୟ ବିବାହ ନିଷେଧ ଅଧିକାରୀ' ଭାବେ ଦାୟିତ୍ୱ ଦିଆଯାଇଛି । ଗ୍ରାମ, ପଞ୍ଚାୟତ, ବ୍ଲକ ଏବଂ ଜିଲ୍ଲା ସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଙ୍ଗନୱାଡି କର୍ମୀ, ପୁଲିସ ଏବଂ ଧର୍ମଗୁରୁମାନଙ୍କ ସହ ସ୍ୱତନ୍ତ୍ର ବୈଠକ ବିବାହ କାର୍ଯ୍ୟରେ ଜଡ଼ିତ ସେବା ଟେଣ୍ଟ ମାଲିକ, କ୍ୟାଟରିଂ ଏବଂ ପ୍ରିଣ୍ଟିଂ ପ୍ରେସ ମାଲିକଙ୍କୁ ମଧ୍ୟ କରାଯିବ ସଚେତନ ବାଲ୍ୟ ବିବାହକୁ ପ୍ରୋତ୍ସାହନ ନ କରିବାକୁ ଦିଆଯିବ ପରାମର୍ଶ। ସ୍କୁଲ ଛାଡ଼ିଥିବା ପିଲାଙ୍କ ତାଲିକା ପ୍ରସ୍ତୁତ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପିଲାମାନେ ବାଲ୍ୟ ବିବାହର ଶିକାର ହେବାର ସମ୍ଭାବନା ଅଧିକ ସେମାନଙ୍କ ପରିବାରକୁ କାଉନସେଲିଂ କରିବାକୁ ଚିଠିରେ ଉଲ୍ଲେଖ ରହିଛି ।

ଅକ୍ଷୟ ତୃତୀୟାରୁ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ରୂପେ ରୋକିବା ପାଇଁ ନିୟମ କଡ଼ାକଡ଼ି ପାଳନ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି ଜାତୀୟ ଶିଶୁ ସୁରକ୍ଷା ଆୟୋଗ । ଆସନ୍ତା ଏପ୍ରିଲ ୧୯ରେ ପଡୁଥିବା ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରାଜ୍ୟରେ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ରୂପେ ରୋକିବା ପାଇଁ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏକ ବ୍ୟାପକ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିଛନ୍ତି । ଏ ନେଇ ଏନସିପିସିଆରର ସଦସ୍ୟ ସଚିବ ଡକ୍ଟର ସଞ୍ଜୀବ ଶର୍ମା ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଏକ ପତ୍ର ଲେଖି ଜରୁରୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ତରଭାକୁ ଉପଖଣ୍ଡ ମାନ୍ୟତା ନେଇ ଦାବିପତ୍ର

ସୁବର୍ଣ୍ଣପୁର,(ହି.ସ.) ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକକୁ ଉପଖଣ୍ଡ ମାନ୍ୟତା ଦାବିରେ ଆଖପାଖ ଅଞ୍ଚଳର ବାସିନ୍ଦାମାନଙ୍କ ପକ୍ଷରୁ ତରଭା ବ୍ଲକ୍ ସାମ୍ବାଦିକ ସଂଘ ଏକ ଦାବିପତ୍ର ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କୁ ପ୍ରଦାନ କରିଛି। ଏହି ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ଓଡିଶାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରଯାଇଥିବା ବେଳେ ଏହାର ନକଲ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ବଲାଙ୍ଗିର ସାଂସଦ, ସୋନପୁର ବିଧାୟକଙ୍କୁ ପ୍ରଦାନ କରାଯାଇଛି ।

ଏଥିରେ ଉଲ୍ଲେଖ ଅଛି ଯେ, ତରଭାକୁ ଏକ ପୃଥକ ଉପଖଣ୍ଡରେ ପରିଣତ କରିବା ପାଇଁ ଆମର ଦୀର୍ଘ ବର୍ଷର ଦାବୀ ରହିଛି । ଏହି ଦାବି ଏହି ଅଞ୍ଚଳର ଭୌଗଳିକ, ପ୍ରଶାସନିକ ଓ ଜନସଂଖ୍ୟା ଉପରେ ଆଧାରିତ ଯାହା ୧୯୯୨ ମସିହାରୁ ଲଗାତାର ପ୍ରସଙ୍ଗ ରହି ଆସିଛି । ସୁବର୍ଣ୍ଣପୁର ଜିଲ୍ଲାରେ ଅବସ୍ଥିତ ଏକ ମହତ୍ୱପୂର୍ଣ୍ଣ ସହର, ଯାହା ଜିଲ୍ଲାର ପଶ୍ଚିମାଞ୍ଚଳର ପ୍ରଶାସନିକ ଓ ଅର୍ଥନୈତିକ କେନ୍ଦ୍ର ଭାବରେ କାର୍ଯ୍ୟ କରୁଛି । ୧୯୬୭ ମସିହାରେ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି)ରେ ପରିଣତ ହୋଇଥିବା ତରଭାରେ ତିନୋଟି ରାଜସ୍ୱ ଗ୍ରାମ (ତରଭା, ଅନ୍ତର୍ଡ଼ା ଓ ଫଟାମୁଣ୍ଡା) ରହିଛି । ୧୨ଟି ୱାର୍ଡରେ ବିଭକ୍ତ ଏହି ସହରର ଜନସଂଖ୍ୟା ୧୦ ହଜାରରୁ ଉର୍ଦ୍ଧ୍ୱ ବ୍ୟାପକ ତରଭା ତହସିଲ ଓ ବ୍ଲକର କ୍ଷେତ୍ରଫଳ ୩୩୦ ବର୍ଗ କିମି ଏବଂ ଜନସଂଖ୍ୟା ୧୨୭୦୨୬ (୨୦୧୧ ଜନ ଗଣନା ଅନୁଯାୟୀ) ରହିଛି । ତରଭା ବ୍ଲକ ଅଧୀନରେ ୨୧ଟି ଗ୍ରାମ ପଞ୍ଚାୟତ ଯାହା ଏହି ଅଞ୍ଚଳର ବ୍ୟାପକ ଗ୍ରାମୀଣ ପ୍ରସାରଣ ଓ ପ୍ରଶାସନିକ ଭାରକୁ ଦର୍ଶାଉଛି । ଏହି ସହରରେ ବ୍ଲକ କାର୍ଯ୍ୟାଳୟ, ତହସିଲ ଓ ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ (ଜେଏମଏଫସି) କୋର୍ଟ ଭଳି ଆବଶ୍ୟକ ପ୍ରଶାସନିକ ଭିତ୍ତିଭୂମି ରହିଛି, ଯାହା ଏହାକୁ ଉପଖଣ୍ଡ ମୁଖ୍ୟାଳୟ ଭାବରେ କାର୍ଯ୍ୟ କରିବାକୁ ପୂର୍ବ ପ୍ରସ୍ତୁତ କରିଛି । ତରଭା ବ୍ଲକରେ ତିନୋଟି ଡିଗ୍ରୀ କଲେଜ ଓ ସାତୋଟି ଯୁକ୍ତ-୨ କଲେଜ, ୨୧ଟି ହାଇସ୍କୁଲ, ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟ ରହିଛି । ତରଭା ତହସିଲ ଅଧୀନରେ ୭ଟି ଆରଆଇ ସର୍କଲ ରହିଥିବା ବେଳେ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୪ଟି ପିଏଚ୍‌ସି ଓ ୧୪ ଟି ସବ୍‌ସେଣ୍ଟର ଅଛି । ତରଭା ଅଞ୍ଚଳରେ ୨ଟି ରାଷ୍ଟ୍ରାୟତ ବ୍ୟାଙ୍କ ଓ ୩ଟି ଓଡିଶା ଗ୍ରାମୀଣ ବ୍ୟାଙ୍କ ରହିଛି । ତରଭା ଆଇସିଡିଏସ ଅଧୀନରେ ୨୬୧ଟି ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟ କରୁଛି । ଏଠାରେ ପ୍ରାଣୀଧନ ଚିକିତ୍ସାଳୟ , କୃଷି କାର୍ଯ୍ୟାଳୟ, ଜଳସେଚନ ବିଭାଗ ପ୍ରଭୃତି କାର୍ଯ୍ୟାଳୟ ମାନ ରହିଛି । ୪୮୯.୯ ବର୍ଗ କିମି ପରିବ୍ୟାପ୍ତ ତରଭା ଥାନା ଅଧୀନରେ ୨ଟି ପୁଲିସ ଫାଣ୍ଡି ରହିଛି । ଏହା ଅଧୀନରେ ମୋଟ ୨୪ ଟି ଗ୍ରାମ ପଞ୍ଚାୟତ ରହିଥିବାବେଳେ ଜନସଂଖ୍ୟା ୧ ଲକ୍ଷ ୩୦ ହଜାର (୨୦୧୧ ଜନଗଣନା)ରୁ ଅଧିକ ରହିଛି । ଏହି ଦାବିକୁ ପ୍ରାଥମିକତା ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ବରିଷ୍ଠ ସାମ୍ବାଦିକ ଅଶୋକ ସାହୁ, ମାନଭଞ୍ଜନ ମିଶ୍ର, କପିଳାସ ସେଠ୍, ଅନ୍ତର୍ଯ୍ୟାମୀ ସାହୁ, ସୁକାନ୍ତ ମିଶ୍ର ପ୍ରମୁଖ ସାମିଲ ଥିଲେ ।

## ବାହାରଣା ପଞ୍ଚାୟତରେ ଉଦ୍ୟାନ ବିଭାଗ ତରଫରୁ କୃଷି କର୍ମଶାଳା




ଚାରିଛକ,(ନିପ୍ର): ଚାରିଛକ ନିକଟସ୍ଥ ବାହାରଣା ପଞ୍ଚାୟତରେ ନିମାପଡା ଉଦ୍ୟାନ କୃଷି ବିଭାଗ ଅଧିକାରୀଣି ଶୁଭଶ୍ରୀ କରଙ୍କ ନେତୃତ୍ୱରେ ଏକ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ବ୍ଲକ ସାଂସଦ ପ୍ରତିନିଧି ପୂର୍ଣଚନ୍ଦ୍ର ଓଝା,ମୁଖ୍ୟବକ୍ତା ଭାବେ ନିମାପଡ଼ା ଉଦ୍ୟାନ କୃଷି ବିଭାଗର ଉପ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ସତ୍ୟ ଭୂଷଣ ସ୍ୱାଇଁ ,ସମ୍ମାନିତ ଅତିଥି ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସ୍ୱାଇଁ ,ପଞ୍ଚାୟତ ବିଜେପି ସଭାପତି ବ୍ରଜକିଶୋର ନାୟକ,ସଫଳ ମହିଳା ମହୁ ଚାଷୀ ବର୍ଷା ପ୍ରିୟଦର୍ଶିନୀ ନାଥ,ଜୈବିକ କୃଷି ବିଶେଶଜ୍ଞ ସମୀର ବାରିକ,ବିଜେପି ନେତା ସର୍ବେଶ୍ୱର ରଥ ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଶିବିରକୁ ଆରମ୍ଭ କରିଥିଲେ । ଏହି ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ବ୍ଲକ ସ୍ତରୀୟ ଆରମ୍ଭ ହୋଇଥିବା ବେଳେ ନିମାପଡ଼ା ବ୍ଲକ ଅନ୍ତର୍ଗତ ବାହାରଣା ପଞ୍ଚାୟତରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସ୍ତରରୁ କିଭଳି ଭାବେ ସାଧାରଣ ମହିଳାମାନେ ଉଦ୍ୟାନ ବିଭାଗ ଦ୍ୱାରା ଉନ୍ନତ ମାନର ଚାଷ କରି ନିଜେ ରୋଜଗାରକ୍ଷମ ହୋଇପାରିବେ ଏହି ପ୍ରଶିକ୍ଷଣର ମୂଳ ଉଦ୍ଦେଶ୍ୟ ବୋଲି ଉଦ୍ୟାନ କୃଷି ଅଧିକାରୀ କହିଥିଲେ ।

## ବ୍ରହ୍ମପୁରର ସଂଖ୍ୟା ଜ୍ୟୋତିଷ ବିଶାରଦ ଅଙ୍କିତା ରାଜ୍‌ଙ୍କୁ ଆଷ୍ଟ୍ରୋ ସେମିନାର ଏବଂ ଷ୍ଟାର୍ ଆଚିଭର୍ ଆୱାର୍ଡ ପ୍ରୋଗ୍ରାମରେ ସମ୍ମାନିତ



ବ୍ରହ୍ମପୁର (ନିପ୍ର): ବ୍ରହ୍ମପୁର ହିଲ୍‌ପାଟଣାର ପ୍ରତିଭାଶାଳୀ ସଂଖ୍ୟା ଜ୍ୟୋତିଷ ବିଶାରଦ ଅଙ୍କିତା ରାଜ୍ ନୂଆଦିଲ୍ଲୀରେ ଆୟୋଜିତ ଭବ୍ୟ "ଆଷ୍ଟ୍ରୋ ସେମିନାର ଏବଂ ଷ୍ଟାର୍ ଆଚିଭର୍ ଆୱାର୍ଡ (ସିଜନ-୧୮)" ଅବସରରେ 'ଭିଆଇପି ମୁଖ୍ୟ ଅତିଥି' ଭାବେ ସମ୍ମାନିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମ ୨୮ ମାର୍ଚ୍ଚ ୨୦୨୬ ରେ ଆୟୋଜିତ ହୋଇଥିଲା। ଉଲ୍ଲେଖନୀୟ ଯେ, ସେ ଏହି ପ୍ରତିଷ୍ଠିତ ମଞ୍ଚରେ ଏକମାତ୍ର ଓଡ଼ିଆ ପ୍ରତିନିଧି ଭାବେ ଯୋଗଦେଇଥିଲେ। ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ବଲିଉଡର ପ୍ରସିଦ୍ଧ ଖଳନାୟକ ଗୁଲସନ୍ ଗ୍ରୋଭର, ଅଭିନେତ୍ରୀ ସୁଧା ଚନ୍ଦ୍ରନ୍, ଜନପ୍ରିୟ ଗାୟିକା ଶିବାନୀ କଶ୍ୟପ ଏବଂ ବିଶିଷ୍ଟ ଜ୍ୟୋତିଷୀ ଜି.ଡି. ବଶିଷ୍ଠଙ୍କ ଉପସ୍ଥିତିରେ ତାଙ୍କୁ ସମ୍ମାନ ଜଣାଯାଇଥିଲା। ପ୍ରସିଦ୍ଧ 'ଟାରୋଟ୍ କୁଇନ୍' ମିନୁ ଶର୍ମାଙ୍କ ଆୟୋଜନାରେ ହୋଇଥିବା ଏହି ସେମିନାରରେ ଅଙ୍କିତା ସଂଖ୍ୟା ଜ୍ୟୋତିଷ( )ଓ ଘଡ଼ି ବିଶ୍ଳେଷଣ ()ମାଧ୍ୟମରେ ମଣିଷ ଜୀବନରେ ସକାରାତ୍ମକ ପରିବର୍ତ୍ତନ କିପରି ଆଣିହେବ, ସେଥିରେ ଗଭୀର ଆଲୋଚନା କରିଥିଲେ।

## ବିଶ୍ୱ ହୋମିଓପାଥି ଦିବସ ପାଳିତ

କଟକ, (ନିପ୍ର): ସ୍ଥାନୀୟ ନୂଆବଜାର ସ୍ଥିତ କଟକ ହୋମିଓପାଥିକ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ପରିସରରେ ଶୁକ୍ରବାର ପୂର୍ବାହ୍ନରେ "ବିଶ୍ୱ ହୋମିଓପାଥି ଦିବସ" ପାଳିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ହୋମିଓପାଥି ଚିକିତ୍ସା ପ୍ରଣାଳୀର ଜନକ ମହାନ ଚିକିତ୍ସା ବିଜ୍ଞାନୀ ଡା କ୍ରିଷ୍ଟିଆନ ଫ୍ରେଡ଼ରିକ ସାମୁଏଲ ହାନ୍ନିମାନଙ୍କ ଆଜି ଥିଲା ୨୭୧ତମ ଜନ୍ମଜୟନ୍ତୀ । ପ୍ରତିବର୍ଷ ୧୦ ଏପ୍ରିଲରେ ତାଙ୍କ ଜନ୍ମତିଥିକୁ ସମଗ୍ର ବିଶ୍ୱରେ "ବିଶ୍ୱ ହୋମିଓପାଥି ଦିବସ" ଭାବେ ପାଳନ କରାଯାଏ । ଡା ହାନ୍ନିମାନ ୧୭୫୫ମସିହା ଏପ୍ରିଲ ୧୦ ତାରିଖରେ ଜର୍ମାନ ସ୍ଥିତ ମିଶେନ ସହରରେ ଜନ୍ମ ଗ୍ରହଣ କରିଥିଲେ । ଆଜି କେବଳ ଏକ ମହାନ ବ୍ୟକ୍ତିତ୍ୱଙ୍କ ଜନ୍ମଦିନ ମାତ୍ର ନୁହେଁ, ବରଂ ମାନବ ସେବା ପାଇଁ ଉଦ୍ଭାବିତ ଏକ ଅଦ୍ୱିତୀୟ ଚିକିତ୍ସା ପ୍ରଣାଳୀର ସ୍ମୃତି ଓ ପ୍ରେରଣାର ଦିନ ବୋଲି ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ କଲେଜ ସଂଲଗ୍ନ ଓପିଡ଼ିକୁ ଜିଲ୍ଲାପାଳ ଶ୍ରୀ ସିନ୍ଦେ ଉଦଘାଟନ କରିଥିଲେ । ସୂଚନାଯୋଗ୍ୟ, କଟକ ହୋମିଓପାଥିକ ମେଡ଼ିକାଲ କଲେଜ ଓ ହସପିଟାଲ ୧୯୮୨ ମସିହାରେ ସ୍ଥାନୀୟ ନୂଆବଜାରଠାରେ ପ୍ରତିଷ୍ଠାଲାଭ କରିଥିଲା । ଏଠାରୁ ଉତ୍ତୀର୍ଣ୍ଣ ହୋଇଥିବା ବହୁ ଡାକ୍ତର ଛାତ୍ରଛାତ୍ରୀ ସଂପ୍ରତି ରାଜ୍ୟ ତଥା ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାରେ ଉଚ୍ଚ ପଦପଦବୀରେ କାର୍ଯ୍ୟରତ ଅଛନ୍ତି । ବହୁ ଘାତ ପ୍ରତିଘାତ ମଧ୍ୟରେ ଗତି କରୁଥିବା ଏହି ଅନୁଷ୍ଠାନରେ ୨୦୧୬ ମସିହାରେ ଛାତ୍ରଛାତ୍ରୀଙ୍କ ନାମଲେଖା ପ୍ରକ୍ରିୟା ବନ୍ଦ ହୋଇଯାଇଥିଲା । ପରେ ପରେ ୨୦୧୮ ମସିହାରେ କଲେଜର ପରିଚାଳନା କମିଟି ମଧ୍ୟ ଭାଙ୍ଗି ଯାଇଥିଲା । ଶେଷରେ ୨୦୨୧ ମସିହାରେ ହୋମିଓପାଥି କଲେଜଟି ବନ୍ଦ ହୋଇଯାଇଥିଲା । କଟକ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂପ୍ରତି କଲେଜର ନୂତନ ପରିଚାଳନା କମିଟି ଗଠନ କରାଯାଇଛି ।

## ବଢ଼ିବ ତାତି

ଭୁବନେଶ୍ୱର,୧୦।୪: ରାଜ୍ୟରେ ପାରଦ ପୁଣି ଉପରମୁହାଁ ହେବ। ଦୁଇଦିନ ମଧ୍ୟରେ ୪ରୁ ୬ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବ। ବିଶେଷକରି ଶନିବାର ୧୧ ତାରିଖରୁ ପଶ୍ଚିମ ଓ ଉପକୂଳ ଓଡ଼ିଶାରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୧୫ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଉପକୂଳ ଓଡ଼ିଶା ଗରମ ଓ ଗୁଳୁଗୁଳିରେ ଛଟପଟ ହେବ। ଏଥିପାଇଁ ୧୧ ଜିଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ ଓ ଗଜପତିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅପରପକ୍ଷେ ଗତ ୨୪ ଘଣ୍ଟାରେ ବାଲେଶ୍ୱର ଜିଲା ଖଇରାଠାରେ ସର୍ବାଧିକ ୮୭ ମି.ମି. ବର୍ଷା ହୋଇଛି। ସେହିପରି କଟକ ଜିଲା ବାଙ୍କୀଠାରେ ୬୫ ମି.ମି., କେନ୍ଦ୍ରାପଡ଼ା ଜିଲା ଗରଦପୁରରେ ୬୪ ମି.ମି., କେନ୍ଦୁଝର ଜିଲା ଘଷିପୁରାରେ ୫୩ ମି.ମି., ନୟାଗଡ଼ ଜିଲା ରଣପୁରରେ ୪୬.୨ ମି.ମି., ପୁରୀ ଜିଲା କୃଷ୍ଣପ୍ରସାଦଠାରେ ୪୩.୫ ମି.ମି, ନିମାପଡ଼ାରେ ୪୨ ମି.ମି., ଖୋର୍ଦ୍ଧା ଜିଲା ଟାଙ୍ଗୀରେ ୪୦ ମି.ମି. ବର୍ଷା ରେକର୍ଡ ହୋଇଛି। ଶୁକ୍ରବାର ମଧ୍ୟ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ,



ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଆଦି ଜିଲାରେ ଘଡ଼ଘଡ଼ି ସହିତ ବର୍ଷା ଓ ପବନ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ବର୍ଷା ସମୟରେ ୩୦ରୁ ୪୦ କି.ମି. ବେଗରେ ପବନ ବହିବ ବୋଲି ବିଭାଗ ପୂର୍ବାନୁମାନ କରିଛି।

# ସଡ଼କ ଦୁର୍ଘଟଣା ହେଲେ ମିଳିବ ତୁରନ୍ତ ମାଗଣା ଚିକିତ୍ସା

## ଅବହେଳା କଲେ କଡ଼ା କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,(ନିପ୍ର): ସଡ଼କ ଦୁର୍ଘଟଣାରେ ଶିକାର ହେଉଥିବା ବ୍ୟକ୍ତିଙ୍କୁ ତୁରନ୍ତ ଏବଂ ମାଗଣା ଚିକିତ୍ସା ଯୋଗାଇ ଦେବା ପାଇଁ ଭାରତ ସରକାରଙ୍କ ପକ୍ଷରୁ 'ପ୍ରଧାନମନ୍ତ୍ରୀ ରାହତ' ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାର ସଫଳ ରୂପାୟନ ପାଇଁ ଓଡ଼ିଶା ପୋଲିସ କ୍ରାଇମବ୍ରାଞ୍ଚ ପକ୍ଷରୁ ସମସ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ଡିସିପିମାନଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି । ଏହି ଯୋଜନା ଅଧୀନରେ ଦୁର୍ଘଟଣାର ଶିକାର ହୋଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସର୍ବାଧିକ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ୟାସଲେସ୍ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ । ଏହି ବ୍ୟବସ୍ଥାରେ ପୋଲିସର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଯାଇଛି । ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ, ସାଧାରଣ ଆହତଙ୍କ କ୍ଷେତ୍ରରେ ୨୪ ଘଣ୍ଟା ଏବଂ ଗୁରୁତର ଆହତଙ୍କ କ୍ଷେତ୍ରରେ ୪୮ ଘଣ୍ଟା ମଧ୍ୟରେ ଇ-ଡିଏଆର୍ ପ୍ଲାଟଫର୍ମରେ ତଥ୍ୟ ଯାଞ୍ଚ ଓ ଅନୁମୋଦନ କରିବାକୁ ପୋଲିସକୁ କୁହାଯାଇଛି । ଯଦି ଦୁର୍ଘଟଣା ଅନ୍ୟ କୌଣସି ଥାନା ଅଞ୍ଚଳରେ ଘଟିଥାଏ, ତେବେ ମାତ୍ର ୩ ଘଣ୍ଟା ମଧ୍ୟରେ ଅଧିକାର କ୍ଷେତ୍ର ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଛୁରୀ ଭୁଷି ହତ୍ୟା ଉଦ୍ୟମ, ଜଣେ ଗିରଫ

ହିଞ୍ଜିଳିକାଟୁ,(ନିପ୍ର): ଯାତ୍ରା ଦେଖୁଥିବା ବେଳେ ସାମାନ୍ୟ କଥାକୁ କେନ୍ଦ୍ର କରି ବଚସା ପରେ ଘରକୁ ଯାଇ ଛୁରୀ ଭୁଷି ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ହିଞ୍ଜିଳି ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଜଣଙ୍କ ହେଲେ ହିଞ୍ଜିଳି ଥାନା ରାମଚନ୍ଦ୍ରପୁର ଗ୍ରାମର ଭରତ ଦାସ (୨୦)। ଗିରଫ ଯୁବକଙ୍କ ଠାରୁ ଆକ୍ରମଣରେ ବ୍ୟବହୃତ ଛୁରୀକୁ ପୁଲିସ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ କେସ ନଂ -୧୯୨/୨୬ ରେ ଏକ ମାମଲା ରୁଜୁ କରି ଗିରଫ ଯୁବକଙ୍କୁ ଶୁକ୍ରବାର ଶେରଗଡ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି।



ପ୍ରକାଶ ଯେ, ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ନୂଆଁଗଡ ଗ୍ରାମର ଶିବ ଦାସ ଓ ତାଙ୍କ ସ୍ତ୍ରୀ ମାମି ଦାସ ବୁଧବାର ରାତିରେ ନିଜ ପୈତୃକ ଗ୍ରାମ ରାମଚନ୍ଦ୍ରପୁର ଗ୍ରାମକୁ ଯାତ୍ରା ଦେଖିବାକୁ ଯାଇଥିଲେ। ଯାତ୍ରା ସ୍ଥଳରେ କୌଣସି କଥାକୁ କେନ୍ଦ୍ର କରି ମାମି ଓ ଭରତଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଶିବ ଓ ମାମି ଦୁହେଁ ଘରକୁ ଫେରି ବାରଣ୍ଡାରେ ବସିଥିବା ବେଳେ ଭରତ ଏକ ଧାରୁଆ ଛୁରୀ ଧରି ଶିବଙ୍କ ଘରକୁ ଆସି ମାମିଙ୍କୁ ଅଶାଳୀନ ବ୍ୟବହାର କରିବା ସହ ଶିବଙ୍କ ପିଠିକୁ ଧାରୁଆ ଛୁରୀରେ ଭୁଷି ହତ୍ୟା ଉଦ୍ୟମ କରିଥିଲେ। ଘଟଣା ସ୍ଥଳରେ ଲୋକଙ୍କ ଭିଡ ଜମିବାରୁ ଆକ୍ରମଣକାରୀ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆହତଙ୍କ ସ୍ତ୍ରୀ ଗୁରୁବାର ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ ଏକ ମାମଲା ରୁଜୁ କରି ପୁଲିସ ରାମଚନ୍ଦ୍ରପୁର ଗ୍ରାମରୁ ଗୁରୁବାର ବିଳମ୍ବିତ ରାତିରେ ଆକ୍ରମଣକାରୀ ଭରତଙ୍କୁ ଗିରଫ କରିଥିଲା।

## ପୁରୀ: ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଏପ୍ରିଲ ୧୭

ପୁରୀ,(ହି.ସ.)- ପୁରୀ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଏପ୍ରିଲ ୧୭ ତାରିଖରେ ତାଳବଣିଆ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ବା ଆଇଟିଆଇ ପରିସରରେ ଅନୁଷ୍ଠିତ ହେବ। ଏହି ନିଯୁକ୍ତି ମେଳା ସକାଳ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଧର୍ମାନନ୍ଦ ବେହେରା କହିଛନ୍ତି। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ପୁରୀ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ପ୍ରଦାନ କରି ଅତିରିକ୍ତ ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ପ୍ରଭାତ ବସ୍ତି କହିଥିଲେ ଯେ, ଜିଲ୍ଲାର ନିଯୁକ୍ତି ଆଶାୟୀ ୧୮ରୁ ୩୫ ବର୍ଷ ବୟସର ଯୁବବର୍ଗ ଏହାର ସୁଯୋଗ ନେଇ ପାରିବେ। ଏହି ନିଯୁକ୍ତି ମେଳାରେ ୮ ଶ୍ରେଣୀ ପାସ ଠାରୁ ସ୍ନାତକ ପାସ, ଆଇଟିଆଇ ଓ ଡିପ୍ଲୋମା ପାସ କରିଥିବା ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରି ନିଯୁକ୍ତି ପାଇପାରିବେ। ଏହି ନିଯୁକ୍ତି ମେଳାରେ ବିଭିନ୍ନ ବିଭାଗର ପ୍ରତିଷ୍ଠିତ ବେସରକାରୀ ସଂସ୍ଥାର ନିଯୁକ୍ତିଦାତା ମାନେ ଅଂଶଗ୍ରହଣ କରି ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରିବେ। ଆଶାୟୀ ପ୍ରାର୍ଥୀ ବା ପ୍ରାର୍ଥୀନୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଆଧାରରେ ନିଜ ଇଛା ମୁତାବକ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ସହିତ ସାକ୍ଷାତକାର ଦେଇ ପ୍ରତ୍ୟକ୍ଷ ନିଯୁକ୍ତିର ସୁଯୋଗ ପାଇ ପାରିବେ। ଏତଦ ବ୍ୟତୀତ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ସହ ଅନୁବନ୍ଧିତ ଥିବା ଅଥବା ଉନ୍ନତ ଅଭିଳାଷ ଓଡିଶା ଯୋଜନା ମାଧ୍ୟମରେ ଅଧିକୃତ ଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥାର ଅଧିକାରୀ ମାନେ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ କରି ଚାହିଦା ଥିବା ବିଭାଗ ଗୁଡିକରେ ସ୍ୱଳ୍ପ ଅବଧିର ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମ ପାଇଁ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନଙ୍କୁ ପଞ୍ଜିକୃତ କରିବେ। ତାଲିମ ସମାପ୍ତ ପରେ ପ୍ରାର୍ଥୀ ଓ ପ୍ରାର୍ଥୀନୀ ମାନଙ୍କୁ ତାଲିମ ପ୍ରଦାନକାରୀ ସଂସ୍ଥା ମାନେ ବିଭିନ୍ନ ପ୍ରତିଷ୍ଠିତ ବେସରକାରୀ ସଂସ୍ଥାରେ ନିଯୁକ୍ତି ପ୍ରଦାନ କରିବେ। ତାଲିମ ସମୟର ରହିବା, ୟୁନିଫର୍ମ ପୋଷାକ, ବୀମା, ପାଠ୍ୟ ଉପକରଣ, ଖାଦ୍ୟ ପେୟ ଇତ୍ୟାଦିର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଶ୍ରୀ ବସ୍ତି ସୂଚନା ଦେଇଥିଲେ। ପୁରୀ ଜିଲ୍ଲାର ନିଯୁକ୍ତି ଆଶାୟୀ ସମସ୍ତ ଯୁବକ ଯୁବତୀ ନିଜର ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର, ଆଧାର କାର୍ଡ, ପାସପୋର୍ଟ ଫଟୋ ସହ ଅପ୍ରେଲ ୧୭ ତାରିଖ ଦିନ ୧୦ଟା ସମୟରେ ପୁରୀ ସରକାରୀ ଆଇଟିଆଇ, ତାଳବଣିଆ ଠାରେ ଅଂଶଗ୍ରହଣ କରିବାକୁ ନିଯୋଜନ ଅଧିକାରୀ ଶ୍ରୀ ବେହେରା ଅନୁରୋଧ କରିଥିଲେ।

## ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ



ନବରଙ୍ଗପୁର(ନିପ୍ର): ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ରାଜ୍ୟ ସରକାରଙ୍କ ଓଡ଼ିଆ ପକ୍ଷ ୨୦୨୬ ପାଳନ ଅବସରରେ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ଅଧ୍ୟକ୍ଷତାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମୀର କୁମାର ପାତ୍ର,ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ନବରଙ୍ଗପୁର ଜିଲ୍ଲା କଳା ସଂସ୍କୃତି ସଂଘ ଉପ ସଭାପତି କାର୍ତ୍ତିକ ଭତ୍ରାଙ୍କ ସହ କବି, କବୟତ୍ରୀ, କଳାକାର, ଦେଶୀଆ ନାଟଗୁରୁ ବହୁ ସଂଖ୍ୟାରେ ଉପସ୍ଥିତ ରହିଥିଲେ। କବି, କବୟତ୍ରି, କଳାକାର, ନାଟଗୁରୁ ବୃନ୍ଦ ତାଙ୍କ ସ୍ୱରଚିତ କବିତା ଆବୃତ୍ତି କରି ସମସ୍ତଙ୍କୁ ଖୁସି କରାଇଥିଲେ। ପ୍ରଥମେ ସମସ୍ତେ ନିଜ ନିଜର କବିତା, ନାଟଗୀତ ଆବୃତ୍ତି କରିଥିଲେ। ସମସ୍ତ କଳାକାର, କବି, କବୟତ୍ରି, ନାଟଗୁରୁମାନଙ୍କୁ ଉତ୍ତରୀୟ ମାନପାତ୍ର ଦେଇ ଅଧ୍ୟକ୍ଷା, ବିଡିଓଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

## ସ୍ୱାସ୍ଥ୍ୟକେନ୍ଦ୍ରର ପାଚେରୀ ନିର୍ମାଣ ପାଇଁ ସ୍ଥାନ ନିରୂପଣ



ଭାପୁର,(ନିପ୍ର): ଭାପୁର ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ହେବା ଅବ୍ୟବହିତ ପୂର୍ବରୁ ପାଚେରୀ ନିର୍ମାଣ ପାଇଁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଦିନ ସ୍ଥାନ ନିରୂପଣ ହୋଇଛି। ଏହି ସ୍ଥାନ ନିରୂପଣ କାର୍ଯ୍ୟରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ସହକାରୀ ରାଜସ୍ୱ ନିରୀକ୍ଷକ ବିଶ୍ୱରଞ୍ଜନ ମଓ, ଜ୍ଞାନରଞ୍ଜନ ମିଶ୍ର ଏବଂ ସୁପରଭାଇଜର ପ୍ରଫୁଲ୍ଲ କୁମାର ନାୟକ,ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ର ର ପାଚେରୀ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିଥିଲେ।

ତିଥି :(ନବମୀ): (ଉତ୍ତରାଷାଢା ମକର)

ଅମୃତ ବେଳା: ଦିବା ଘ ୯ ।୩୮ ଗତେ ଘ ୧୨ ।୫୦ ମଧ୍ୟେ

## ଆଜିର ଅନୁଚିନ୍ତନ

ମୋର ଏହି ଉଗ୍ରରୂପ ଦେଖି ତୁମେ ବ୍ୟଥିତ ହେବା ଅନୁଚିତ ଏବଂ ତୁମଠାରେ ମୂଢଭାବ ଆସିବା ମଧ୍ୟ ଅନୁଚିତ। ଏବେ ନିର୍ଭୟ ଓ ପ୍ରସନ୍ନ ମନରେ ତୁମେ ପୁନଶ୍ଚ ମୋର ଏହି ରୂପ ଭଲଭାବେ ଦର୍ଶନ କର।।।

- ଶ୍ରୀମଦ୍ ଭଗବଦ୍ ଗୀତା

# ତୃତୀୟ ବିଜୟ ମଧ୍ୟ ହେବ ଶାଣିତ !

୧୨୬ ସଦସ୍ୟ ବିଶିଷ୍ଟ ଆସାମ ବିଧାନସଭା ଜିତିବା ପାଇଁ ୬୪ ଆସନ ସଂଖ୍ୟାଗରିଷ୍ଠତା ରେଖାକୁ ଚିହ୍ନିତ କରେ। ୨୦୨୩ ସୀମା ନିର୍ଦ୍ଧାରଣ ପରେ ଏଥରର ବିଧାନସଭା ନିର୍ବାଚନ ପ୍ରଥମ। ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ନିର୍ବାଚନମଣ୍ଡଳୀକୁ ପୁନଃଆକୃତି ଦେଇଛି ଏବଂ ସଂଖ୍ୟାଲଘୁ-ପ୍ରଧାନ ଆସନକୁ ପ୍ରାୟ ୩୫ ରୁ ୨୩ କୁ ହ୍ରାସ କରିଛି। ଏହି ପରିବର୍ତ୍ତନ ଆଦିବାସୀ ଏବଂ ଜନଜାତି ପ୍ରଭାବକୁ ସୁଦୃଢ଼ କରିଛି, ଯାହା ପରିଚୟ ରାଜନୀତି, କଲ୍ୟାଣ ଯୋଜନା ଏବଂ ଶାସନ ପ୍ରଦାନ ଉପରେ ନିର୍ଭର କରୁଥିବା ବିଜେପିକୁ ଲାଭ ଦେଇଛି ବୋଲି କୁହାଯାଇପାରେ। ବାରାକ ଉପତ୍ୟକା ଭଳି ଅଞ୍ଚଳରେ, ନିର୍ବାଚନମଣ୍ଡଳୀ ମିଶ୍ରଣ ଏବଂ ପୁନଃବର୍ଗୀକରଣ ରାଜନୈତିକ ହେଭିୱେଟ୍ ନେତାମାନଙ୍କୁ ସ୍ଥାନ ପରିବର୍ତ୍ତନ କରିବାକୁ ବାଧ୍ୟ କରିଛି। ପ୍ରତିଦ୍ୱନ୍ଦ୍ୱିତା ରାଜ୍ୟରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏବଂ ଗୌରବ ଗୋଗୋଇଙ୍କ ନେତୃତ୍ୱାଧୀନ କଂଗ୍ରେସ ମଧ୍ୟରେ ସିଧାସଳଖ ଲଢ଼େଇ ଭାବରେ ହୋଇଥିଲେ ହେଁ ବିଜେପି ନେତୃତ୍ୱାଧୀନ ମେଣ୍ଟ ପାଇଁ ଲଗାତର ତୃତୀୟ ଥର ପାଇଁ ବିଜୟ ହାସଲ କରିବାକୁ ଲକ୍ଷ୍ୟ ବେଶ୍ ଶାଣିତ । ଗୌରବ ଗୋଗୋଇଙ୍କ ନେତୃତ୍ୱରେ କଂଗ୍ରେସ ପୁନର୍ଗଠିତ ହୋଇ ଶାସନ ବିରୋଧୀ ଅସନ୍ତୋଷକୁ ନିର୍ବାଚନୀ ଲାଭରେ ପରିଣତ କରିବାକୁ ଅବଶ୍ୟ ଚେଷ୍ଟା କରିଛି। ଯାହା ଘଟୁଛି ଏବେ ଆସାମରେ ତାହା କେବଳ ଏକ ରାଜନୈତିକ ପ୍ରତିଯୋଗିତା ନୁହେଁ, ବରଂ ଏକ ସ୍ତରୀଭୂତ ପରିବର୍ତ୍ତନ ଯେଉଁଠାରେ ପରିଚୟ, ଶାସନ ଏବଂ ଆଞ୍ଚଳିକ ଆକାଂକ୍ଷା ନୂତନ ଉପାୟରେ ପରସ୍ପରକୁ ଛେଦନ କରୁଛନ୍ତି।

ଭାରତୀୟ ଜନତା ପାର୍ଟିର ଏକ ଦୃଢ଼ ପ୍ରଦର୍ଶନ ଏହାର ଉତ୍ତର-ପୂର୍ବ ପଦଚିହ୍ନକୁ ସୁଦୃଢ଼ କରିବ, ବିଶେଷଜ୍ଞମାନେ ଏପରି ଆକଳନ କରୁଛନ୍ତି। ତାତ୍କାଳିକ ଫଳାଫଳ ବ୍ୟତୀତ, ଆସାମ ରଣନୈତିକ ଭାର ବହନ କରେ।

ଉତ୍ତର-ପୂର୍ବର ପ୍ରବେଶପଥ ଏବଂ ଭାରତର ପୂର୍ବ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଲିଙ୍କ୍ ଭାବରେ, ଏଠାରେ ରାଜନୈତିକ ନିୟନ୍ତ୍ରଣ କେବଳ ଶାସନକୁ ନୁହେଁ, ବରଂ ସଂଯୋଗୀକରଣ, ବାଣିଜ୍ୟ ଏବଂ ଆଞ୍ଚଳିକ ସମନ୍ୱୟକୁ ଆକାର ଦିଏ।

ତେଣୁ ଆସାମ ୨୦୨୬ କେବଳ ସରକାର ଗଠନ କରିବା ବିଷୟରେ ନୁହେଁ। ବରଂ ରାଜ୍ୟକୁ କିପରି ପରିଚୟ, ବିକାଶ ଏବଂ ଆଞ୍ଚଳିକ ଦାବି ଉପରେ ଆଲୋଚନା କରେ ତାହା ଭବିଷ୍ୟତକୁ ପରିଭାଷିତ କରିବାକୁ ହିଁ ଚେଷ୍ଟା କରୁଛି।

# ଜୋକୁଲ୍ୟାମାନ ସ୍ଥିତିରେ ନାଟୋ !

## ସୌଭାଗ୍ୟ ରଂଜନ ମହାନ୍ତି

ଇରାନ-ଆମେରିକା ଯୁଦ୍ଧ ମଧ୍ୟପ୍ରାଚ୍ୟରେ କେବଳ ଧ୍ୱଂସର ତାଣ୍ଡବ କିମ୍ବା ସାରା ବିଶ୍ୱରେ ଇନ୍ଧନ ତଥା ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସର ଅଭାବ ଯୋଗୁଁ ଆତଙ୍କ ସୃଷ୍ଟି କରିନାହିଁ, ଏବେ ଦୀର୍ଘ ୭୭ବର୍ଷର 'ନାଟୋ' ମେଂଟ ଭାଙ୍ଗିବାକୁ ଯାଉଛି ବୋଲି କୁହାଯାଉଛି। ଯୁକ୍ତରାଷ୍ଟ୍ର ଆମେରିକାର



ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ କହିଛନ୍ତି ଯେ, ନାଟୋ'ରୁ ଓହରିଯିବା ପାଇଁ ସେ ଏବେ ଗୁରୁତ୍ୱର ସହ ବିଚାର କରୁଛନ୍ତି। କେବଳ ଏତକି ନୁହେଁ, ନାଟୋ'କୁ ସେ କାଗଜ ବାଘ ବୋଲି ଦର୍ଶାଇଛନ୍ତି। ଇରାନ ବିରୁଦ୍ଧରେ ଆମେରିକା-ଇସ୍ରାଏଲର ଯୁଦ୍ଧରେ ସେନା ସହାୟତା ପାଇଁ ନାଟୋ'ର ସଦସ୍ୟ ତଥା ୟୁରୋପୀୟ ରାଷ୍ଟ୍ରଗୁଡିକ ଖୋଲାଖୋଲି ଭାବେ ମନା କରିବା ପରେ ଟ୍ରମ୍ପ ହ୍ୱାଇଟ ହାଉସରେ ମେଂଟରୁ ଓହରିଯିବା ଲାଗି ଘୋଷଣା କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଇନ୍ଧନ ପରିବହନ କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସିଥିବା ହର୍ମୁଜ ପ୍ରଣାଳୀକୁ ଇରାନ ଅବରୋଧକୁ ମୁକ୍ତ କରିବା ଲାଗି ସେନା ଓ ଯୁଦ୍ଧ ଜାହାଜ ପଠାଇବା ଲାଗି ଟ୍ରମ୍ପଙ୍କ ଅନୁରୋଧକୁ ନାଟୋ ସଦସ୍ୟ ୟୁରୋପୀୟ ରାଷ୍ଟ୍ରଗୁଡିକ ମନା କରିଦେବା ପରେ ସେ ଏହା ଘୋଷଣା କରିଛନ୍ତି। ଆହୁରି ମଧ୍ୟ ପାଶ୍ଚାତ ରାଷ୍ଟ୍ରଙ୍କ ଠାରୁ ଆମେରିକାରେ ଅଧିକ ତୈଳ ରହିଛି। ଏବେ ଆମେରିକା ଠାରୁ ତୈଳ, ଗ୍ୟାସ କିଣିବ ବୋଲି ୟୁରୋପୀୟ ରାଷ୍ଟ୍ରଗୁଡିକ ତାତ୍ସଲ୍ୟ କରିବାକୁ ମଧ୍ୟ ପଛାଇ ନାହାନ୍ତି। ସେ ଆହୁରି କହିଛନ୍ତି ଯେ, ନାଟୋ ଏବେ ଏକ ବୈଶ୍ୱିକ ଶକ୍ତି ଭାବେ ବିଫଳ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ରୁଷ-ୟୁକ୍ରେନ ଯୁଦ୍ଧ ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଭ୍ଲାଡିମାର ପୁଟିନ ନାଟୋ'କୁ ଏକ ଦନ୍ତ ବିହୀନ ଶକ୍ତି ବୋଲି ଆକ୍ଷେପ କରିଥିଲେ। ଯାହାକୁ ଟ୍ରମ୍ପ ଏବେ ଦୋହରାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪୯ ମସିହାରେ ୩୨ଟି ରାଷ୍ଟ୍ରଙ୍କୁ ନେଇ ବିଶ୍ୱର ଅନ୍ୟତମ ବୃହତମ ମହାଶକ୍ତି ଆମେରିକା ନେତୃତ୍ୱରେ ନର୍ଥ ଆଟଲାଂଟିକ ଟ୍ରିଟ୍ ଅର୍ଗାନାଇଜେସନ (ନାଟୋ) ଗଠିତ ହୋଇଥିଲା। ମେଂଟରେ ୟୁରୋପର ୩୦ଟି ରାଷ୍ଟ୍ର ସଦସ୍ୟ ଥିବାବେଳେ ଉତ୍ତର ଆମେରିକାର ଦୁଇଟି ରାଷ୍ଟ୍ର ସଦସ୍ୟ ଅଛନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଜଣେ ସଦସ୍ୟ ରାଷ୍ଟ୍ର ଉପରେ ଆକ୍ରମଣର ଅର୍ଥ ସମସ୍ତ ସଦସ୍ୟ ରାଷ୍ଟ୍ର ଉପରେ ଆକ୍ରମଣ ଗୋଟିଏ ସଦସ୍ୟ ରାଷ୍ଟ୍ର ଉପରେ ଆକ୍ରମଣ ବେଳେ ଅନ୍ୟ ସଦସ୍ୟ ରାଷ୍ଟ୍ରମାନେ ଯୁଦ୍ଧରେ ସାମିଲ ହୋଇଥାନ୍ତି। ଏବେ ଇରାନ ଯୁଦ୍ଧରେ ସାମିଲ ହେବା ଲାଗି ୟୁରୋପୀୟ ରାଷ୍ଟ୍ରଗୁଡିକ ମନା କରିଦେବା ପରେ ଟ୍ରମ୍ପ ନାଟୋ'ରୁ ସମ୍ପର୍କ ଛିନ୍ନ କରିବା ପାଇଁ ଧମକ ଦେଇଛନ୍ତି। କିନ୍ତୁ ନାଟୋରୁ ଆମେରିକା ଓହରିଯିବା ଏବେ ସହଜ ବ୍ୟାପାର ନୁହେଁ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋବାଇଡେନଙ୍କ ଦ୍ୱାରା ସ୍ୱାକ୍ଷରିତ ମଂଜୁରୀପ୍ରାପ୍ତ ନ୍ୟାଶନାଲ ଡିଫେନସ୍ ଅଥୋରାଇଜେସନ ଆକ୍ଟ- ୨୦୨୪ର ୧୨୫୦(ଏ) ଧାରା ଅନୁସାରେ ଆମେରିକାର କୌଣସି ରାଷ୍ଟ୍ରପତି ଏକତରଫା ଭାବେ ନାଟୋ'ରୁ ଓହରି ପାରିବେ ନାହିଁ। ନାଟୋ'ରୁ ଓହରିଯିବା ଲାଗି ଆମେରିକୀୟ ସିନେଟର ଦୁଇ-ତୃତୀୟାଂଶ ସମର୍ଥନ କିମ୍ବା କଂଗ୍ରେସର ଏ ନେଇ ଏକ ଆଇନ ଗୃହୀତ ହେବା ବାଧ୍ୟତାମୂଳକ ରହିଛି। ତେଣୁ ଟ୍ରମ୍ପଙ୍କ ଘୋଷଣା ଏବେ ଏକ ଆଇନଗତ ପ୍ରସଙ୍ଗ ଭାବେ ଉତ୍ତର ଅପେକ୍ଷାରେ ରହିଛି।

ଉଲ୍ଲେଖଯୋଗ୍ୟ ଯେ, ଟ୍ରମ୍ପ ତାଙ୍କର ଦୁଇଟିଯାକ କାର୍ଯ୍ୟକାଳ ମଧ୍ୟରେ ବହୁ ଆନ୍ତର୍ଜାତିକ ସଂସ୍ଥା, ସଂଗଠନରୁ ଓହରି ଯିବାର ବହୁ ଉଦାହରଣ ରହିଛି। ଟ୍ରମ୍ପଙ୍କ କାର୍ଯ୍ୟକାଳ ମଧ୍ୟରେ ଆମେରିକା, ଡବ୍ଲୁଟିଏ, ଡବ୍ଲୁଏଚଓ, ଜାତିସଂଘର ବହୁ ସହଯୋଗୀ ସଂଗଠନ, ବିଶ୍ୱ ଜଳବାୟୁ ସଂସ୍ଥାରୁ ଓହରି ଯାଇଛି। କିନ୍ତୁ ଏହା ନିଃସନ୍ଦେହ ଯେ, ଟ୍ରମ୍ପ ବୈଶ୍ୱିକ ସ୍ତରରେ ପ୍ରଭୂତ ବିସ୍ତାର କରିବା ଏବଂ ମର୍ଯ୍ୟାଦାର ସହ ପୃଥକ ହେବା ଏକ ସମୟରେ ଚାହାଁନ୍ତି। ଯଦି ଟ୍ରମ୍ପଙ୍କ ଆର୍ନ୍ତମୁଖୀ ବା ମନ ମଧ୍ୟରେ ଥିବା ଯୋଜନା ଅନୁସାରେ ଆନ୍ତର୍ଜାତିକ ସହଯୋଗିତା ସଂଗଠନଗୁଡିକରୁ ଆମେରିକା ଓହରିଯାଏ, ତେବେ ଆମେରିକା ପାଇଁ ଏକ ନିରାପତା ଶୂନ୍ୟତା ଦେଖାଦେଇପାରେ, ଯାହାଦ୍ୱାରା ମଧ୍ୟମ ଶକ୍ତିମାନଙ୍କ ଦ୍ୱାରା ସୁବିଧାବାଦୀ ଶୋଷଣର ସମ୍ମୁଖୀନ ହୋଇପାରେ। କହିବା ବାହୁଲ୍ୟ ଯେ ନବେ ଦଶକରେ ସୋଭିଏତ ୟୁନିୟନର ବିଲୟ ପରେ ଅଂଶୀଦାର ରାଷ୍ଟ୍ରଗୁଡିକୁ ସ୍ୱାଧୀନତା ଘୋଷଣା କରିବା ସହ ୱାର୍ସା ମେଂଟରୁ ଓହରି ଯାଇଥିଲେ। ପରିଣତି ସ୍ୱରୁପ ୱାର୍ସା ମେଂଟର ବିଲୟ ଘଟିବା ସହ ରୁଷ ବୃହତ ମହାଶକ୍ତିର ମର୍ଯ୍ୟାଦା ହରାଇଥିଲା। ଏବେ ଆମେରିକା ଯଦି ନାଟୋ'ରୁ ଓହରିଯାଏ, ତେବେ ଏହାର ବିଲୟକୁ ରୋକାଯାଇପାରିବ ନାହିଁ। ରାଷ୍ଟ୍ରପତି ଟ୍ରମ୍ପଙ୍କ ବିଦ୍ରୁପ ଓ ଧମକ ପରିପ୍ରେକ୍ଷୀରେ ୟୁରୋପୀୟ ରାଷ୍ଟ୍ରଗୁଡିକ ନିଜର ନିରାପତା ଢାଞ୍ଚା ପୁନ ପରିକଳ୍ପିତ କରିବାକୁ ହେବ। ସେହିପରି ଜାତିସଂଘର ସଂସ୍ଥାର ସହ ଏହାକୁ ଆହୁରି ସୁଦୃଢ କରବାର ସମୟ ଏବେ ଆସିଛି।

ମୋ-୯୪୩୭୯୯୪୩୭୯

# ଯୁଦ୍ଧବିରତି ପରେ ହର୍ମୁଜ୍ ପ୍ରଣାଳୀର ଅସ୍ଥାୟୀ ସମାଧାନ

## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

**ମଧ୍ୟପ୍ରାଚ୍ୟରେ ସମ୍ପ୍ରତି ସଂଘର୍ଷ ଯୋଗୁଁ ଇରାନ ଅସ୍ଥାୟୀ ଭାବରେ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିଦେଇଥିଲା। ଏହାର ରାଜନୈତିକ ଶକ୍ତି ପ୍ରଦର୍ଶନ କରିଥିଲା। ଏହି ସମୟରେ, ବିଶ୍ୱ ବଜାରରେ ତୈଳ ମୂଲ୍ୟ ବହୁତ ବୃଦ୍ଧି ପାଇଥିଲା। ଏହି ପଦକ୍ଷେପ ଏହି ବାର୍ତ୍ତା ଦେଇଥିଲା ଯେ ଯଦି ଏହା ଇଚ୍ଛା କରେ ତେବେ ସେ ବିଶ୍ୱ ଆର୍ଥିକ ପ୍ରବାହକୁ ଅବରୋଧ କରିପାରିବ। ଏହାର ଜବାବରେ, ଆମେରିକା ଏବଂ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶମାନେ ଚିନ୍ତିତ ହୋଇଥିଲେ। ଫଳ ସ୍ୱରୂପ ଆମେରିକା ଦୁଇ ସପ୍ତାହ ପାଇଁ ଯୁଧ ବିରତି ଘୋଷଣା କରିଥିଲା। ଏହି ଯୁଦ୍ଧବିରତି ପରେ ଏବେ ପରିସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହୋଇଛି। ଅନ୍ତର୍ଜାତୀୟ ଚାପ, ଆର୍ଥିକ ଚାପ ଏବଂ କୂଟନୈତିକ ଆଲୋଚନାର ଫଳସ୍ୱରୂପ, ଇରାନ ଏକ ସକାରାତ୍ମକ ପଦକ୍ଷେପ ନେଇଛି । ହର୍ମୁଜ୍ ପ୍ରଣାଳୀକୁ ପୁଣି ଥରେ ଖୋଲିଛି। ଏହି ପଦକ୍ଷେପ ପଛରେ ଅନେକ ପ୍ରମୁଖ କାରଣ ଅଛି ଯଥା, ଦୀର୍ଘ ସମୟ ଏହା ଧରି ବନ୍ଦ ରହିବା ଯୋଗୁଁ ଇରାନ ନିଜେ ଆର୍ଥିକ କ୍ଷତି ମଧ୍ୟ ସହୁଥିଲା। ବିଭିନ୍ନ ଦେଶ ଏବଂ ସଂଗଠନ ଏହାକୁ ପୁଣି ଥରେ ଖୋଲିବା ପାଇଁ ଇରାନ ଉପରେ ଚାପ ପକାଇଥିଲେ।**

ମଧ୍ୟପ୍ରାଚ୍ୟକୁ ବିଶ୍ୱର ସବୁଠାରୁ ରାଜନୈତିକ ଏବଂ ଆର୍ଥିକ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଏହାର ତୈଳ ସମ୍ପଦ, ଧାର୍ମିକ ସଂଘର୍ଷ ଏବଂ ଭୂରାଜନୈତିକ ସ୍ୱାର୍ଥ ଏହାକୁ ନିରନ୍ତର ଉତ୍ତେଜନାର କେନ୍ଦ୍ର କରିଆସିଛି। ଗତ କିଛି ଦିନ ହେବ ଇରାନ୍, ଇସ୍ରାଏଲ ଓ ଆମେରିକା ସହିତ କିଛି ଖାଡି ଦେଶର ଉତ୍ତେଜନା କ୍ରମାନ୍ୱୟରେ ଚାଲିଛି।

ଫଳସ୍ୱରୂପ, ଇରାନ ଏବଂ ଅନ୍ୟାନ୍ୟ ଦେଶ ମଧ୍ୟରେ ଯେଉଁ ସଂଘର୍ଷ ଚାଲିଛି ତାହା କେବଳ ଆଞ୍ଚଳିକ ନୁହେଁ ବରଂ ବିଶ୍ୱସ୍ତରୀୟ ପ୍ରଭାବ ମଧ୍ୟ ରହିଛି। ଏହି ସଂଘର୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ଜଳପଥ ହେଉଛି ହର୍ମୁଜ୍ ପ୍ରଣାଳୀ, ଯାହାକୁ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ ଭାବରେ ବିବେଚନା କରାଯାଏ। ତେବେ ଏହି ମଧ୍ୟପ୍ରାଚ୍ୟ ଯୁଦ୍ଧବିରତି ଘୋଷଣା ହେବା ଦ୍ୱାରା ଫଳସ୍ୱରୂପ, ଇରାନ ହର୍ମୁଜ୍ ପ୍ରଣାଳୀକୁ ପୁନର୍ବାର ଖୋଲିବା ବିଶ୍ୱରେ ଶାନ୍ତି ଏବଂ



ସ୍ଥିରତାର ଭାବନା ଆଣିଛି। ଏହା କେବଳ ଏକ ନିୟମିତ ଘଟଣା ନୁହେଁ, ବରଂ ବିଶ୍ୱ ଆର୍ଥିକ ବ୍ୟବସ୍ଥା, ତୈଳ ବଜାର ଏବଂ ରାଜନୈତିକ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼। ହର୍ମୁଜ୍ ପ୍ରଣାଳୀ ପାରସ୍ୟ ଉପସାଗରକୁ ଆରବ ସାଗର ସହିତ ସଂଯୋଗ କରେ। ବିଶ୍ୱର ପ୍ରାୟ ୨୦ ରୁ ୩୦ ପ୍ରତିଶତ ତୈଳ ପ୍ରତିଦିନ ଏହି ପ୍ରଣାଳୀ ମାଧ୍ୟମରେ ପରିବହନ ହୁଏ, ଯାହା ଏହାକୁ ବିଶ୍ୱର ତୈଳ ଜୀବନରେଖା ଭାବରେ ପରିଚିତ କରାଏ। ଯଦି ଏହି ପ୍ରଣାଳୀ ବନ୍ଦ ହୁଏ, ତେବେ ଏହା ବିଶ୍ୱ ତୈଳ ଯୋଗାଣ ଉପରେ ଏକ ବିନାଶକାରୀ ପ୍ରଭାବ ପକାଇବ। ଏହି ପ୍ରଭାବ ଭାରତ, ଚୀନ୍ ଏବଂ ଜାପାନ ଭଳି ତୈଳ ଆମଦାନୀକାରୀ ଦେଶମାନଙ୍କ ଉପରେ ସବୁଠାରୁ ଅଧିକ ପଡ଼ିଛି।

ମଧ୍ୟପ୍ରାଚ୍ୟରେ ସମ୍ପ୍ରତି ସଂଘର୍ଷ ଯୋଗୁଁ ଇରାନ ଅସ୍ଥାୟୀ ଭାବରେ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିଦେଇଥିଲା। ଏହାର ରାଜନୈତିକ ଶକ୍ତି ପ୍ରଦର୍ଶନ କରିଥିଲା। ଏହି ସମୟରେ, ବିଶ୍ୱ ବଜାରରେ ତୈଳ ମୂଲ୍ୟ ବହୁତ ବୃଦ୍ଧି ପାଇଥିଲା। ଏହି ପଦକ୍ଷେପ ଏହି ବାର୍ତ୍ତା ଦେଇଥିଲା ଯେ ଯଦି ଏହା ଇଚ୍ଛା କରେ ତେବେ ସେ ବିଶ୍ୱ ଆର୍ଥିକ ପ୍ରବାହକୁ ଅବରୋଧ କରିପାରିବ। ଏହାର ଜବାବରେ, ଆମେରିକା ଏବଂ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶମାନେ ଚିନ୍ତିତ ହୋଇଥିଲେ। ଫଳ ସ୍ୱରୂପ ଆମେରିକା ଦୁଇ ସପ୍ତାହ ପାଇଁ ଯୁଦ୍ଧ ବିରତି ଘୋଷଣା କରିଥିଲା। ଏହି ଯୁଦ୍ଧବିରତି ପରେ ଏବେ ପରିସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହୋଇଛି। ଅନ୍ତର୍ଜାତୀୟ ଚାପ, ଆର୍ଥିକ ଚାପ ଏବଂ କୂଟନୈତିକ ଆଲୋଚନାର ଫଳସ୍ୱରୂପ, ଇରାନ ଏକ ସକାରାତ୍ମକ ପଦକ୍ଷେପ ନେଇଛି । ହର୍ମୁଜ୍ ପ୍ରଣାଳୀକୁ ପୁଣି ଥରେ ଖୋଲିଛି। ଏହି ପଦକ୍ଷେପ ପଛରେ ଅନେକ ପ୍ରମୁଖ କାରଣ ଅଛି ଯଥା, ଦୀର୍ଘ ସମୟ ଏହା ଧରି ବନ୍ଦ ରହିବା ଯୋଗୁଁ ଇରାନ ନିଜେ ଆର୍ଥିକ କ୍ଷତି ମଧ୍ୟ ସହୁଥିଲା। ବିଭିନ୍ନ ଦେଶ ଏବଂ ସଂଗଠନ ଏହାକୁ ପୁଣି ଥରେ ଖୋଲିବା ପାଇଁ ଇରାନ ଉପରେ ଚାପ ପକାଇଥିଲେ। ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ବିଶ୍ୱ ଉପରେ ଅନେକ ସକାରାତ୍ମକ ପ୍ରଭାବ ପକାଇଛି। ଏହି ପ୍ରଣାଳୀ ଖୋଲିବା ଦ୍ୱାରା ତୈଳ ଯୋଗାଣ ସ୍ୱାଭାବିକ ହୋଇଛି ଏବଂ ବଜାର ମୂଲ୍ୟ ହ୍ରାସ ପାଇଛି। ବିଶ୍ୱ ବାଣିଜ୍ୟ ପୁଣି ସକ୍ରିୟ ହୋଇଛି। ଅନେକ ଦେଶ ସେମାନଙ୍କର ଆମଦାନୀ ଓ ରପ୍ତାନି କାର୍ଯ୍ୟକଳାପକୁ ସ୍ୱାଭାବିକ କରିପାରିଛନ୍ତି। ଯୁଦ୍ଧ ଦ୍ୱାରା ଅସ୍ଥିର ହୋଇଥିବା ବିଶ୍ୱ ଅର୍ଥନୀତି ପୁନର୍ବାର ସ୍ଥିରତା ହାସଲ କରିଛି। ଭାରତ ବିଗତ କିଛି ଦିନ ଧରି ତୈଳ ସଙ୍କଟ ଦ୍ୱାରା ପ୍ରଭାବିତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ। ଏକ ପ୍ରମୁଖ ତୈଳ ଆମଦାନୀକାରୀ ଭାବରେ, ଭାରତ ହର୍ମୁଜ୍ ପ୍ରଣାଳୀ ଉପରେ ବହୁଳ ଭାବରେ ନିର୍ଭରଶୀଳ। ଇରାନର ଏହି ପଦକ୍ଷେପ ଏହାର ରାଜନୈତିକ ନୀତିରେ ପରିବର୍ତ୍ତନକୁ ପ୍ରତିଫଳିତ କରେ। ଏହା ଦର୍ଶାଏ ଯେ ସେ କେବଳ ଶକ୍ତି ପ୍ରଦର୍ଶନ କରିବା ଶିଖିଛି ତାହା ନୁହଁ ବରଂ ଶାନ୍ତି ଏବଂ ସମନ୍ୱୟକୁ ପ୍ରାଥମିକତା ମଧ୍ୟ ଦେଇପାରେ। ଏହା ମଧ୍ୟ ଦର୍ଶାଏ ଯେ ଅନ୍ତର୍ଜାତୀୟ ରାଜନୀତି ଏବଂ କୂଟନୈତିକ ପ୍ରୟାସ ଏପର୍ଯ୍ୟନ୍ତ ପ୍ରଭାବଶାଳୀ। ଯଦିଓ ଏହି ବ୍ୟବସ୍ଥା ଖୋଲିଛି ତଥାପି ଆଗକୁ କିଛି ଚ୍ୟାଲେଞ୍ଜ ରହିଛି। ଏହା ଆଗକୁ କେଉଁ ରୂପ ନେଇପାରେ ତାହା ପୂର୍ବାନୁମାନ କରିବା ଅସମ୍ଭବ। କାରଣ ଏବେ ବି କିଛି କ୍ଷେତ୍ରରେ ପୁନଃ ଉତ୍ତେଜନାର ସମ୍ଭାବନା ରହିଛି ଆଉ ଚାଲିଛି ମଧ୍ୟ । ରାଜନୈତିକ ଅବିଶ୍ୱାସ ଏବଂ ଅର୍ଥନୈତିକ ପ୍ରତିଯୋଗିତା ଏହାର ପଛରେ ପ୍ରେରଣାଦାୟକ ଶକ୍ତି। ଏଥିପାଇଁ ଦୀର୍ଘକାଳୀନ ଶାନ୍ତି ଏବଂ ସମନ୍ୱୟ ଆବଶ୍ୟକ। ଯୁଦ୍ଧବିରତି ପରେ ଇରାନ ହର୍ମୁଜ୍ ପ୍ରଣାଳୀକୁ ପୁନର୍ବାର ଖୋଲିବା ବିଶ୍ୱ ପାଇଁ ଭଲ ଖବର। ଏହା ବିଶ୍ୱ ଆର୍ଥିକ ସ୍ଥିରତା ପୁନଃସ୍ଥାପିତ କରିଛି ଏବଂ ଶାନ୍ତିର ବାର୍ତ୍ତା ମଧ୍ୟ ଦେଇଛି। ଏହା ପ୍ରମାଣିତ କରେ ଯେ ଯୁଦ୍ଧ କେବେବି ସ୍ଥାୟୀ ସମାଧାନ ନୁହେଁ ବରଂ ଆଲୋଚନା, ସହଯୋଗ ଏବଂ ବିଶ୍ୱାସ ହେଉଛି ଶାନ୍ତିର ପଥ। ଯଦି ସମସ୍ତ ଦେଶ ଆଗାମୀ ଦିନରେ ଏହି ପଦ୍ଧତି ଗ୍ରହଣ କରନ୍ତି, ତେବେ ବିଶ୍ୱରେ ଶାନ୍ତି ଏବଂ ସମୃଦ୍ଧି ସୁନିଶ୍ଚିତ ହେବ।

ଅରଙ୍ଗାବାଦ ବରୀ ଯାଜପୁର

ମୋ - ୮୨୪୯୫୦୨୭୭୬

# ଜନଜାତୀୟ ସଂସ୍କୃତି ଓ ଐତିହ୍ୟର ପ୍ରଚାର-ପ୍ରସାର ପାଇଁ ପଦକ୍ଷେପ

**ଓଡ଼ିଶା ଟିଆରଆଇ ରାଜ୍ୟର ଜନଜାତିମାନଙ୍କର ସାଂସ୍କୃତିକ ଦିଗ ଉପରେ ବିଭିନ୍ନ ଅନୁଭବସିଦ୍ଧ ଗବେଷଣା, ନୃତତ୍ତ୍ୱ ଅଧ୍ୟୟନ ଏବଂ କାର୍ଯ୍ୟକ୍ଷମ ଗବେଷଣା ପରିଚାଳନା କରେ। ଏହା ସହିତ ଅଡିଓ-ଭିଡିଓ ନଥିକରଣ ମାଧ୍ୟମରେ ଜନଜାତି ସଂସ୍କୃତିକୁ ସଂରକ୍ଷିତ କରାଯାଉଛି। ଅନୁଷ୍ଠାନ ପରିସର ମଧ୍ୟରେ ଅବସ୍ଥିତ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ଜନଜାତି ସଂସ୍କୃତି ଓ ପ୍ରଥାର ବିଭିନ୍ନ ଦିଗକୁ ପ୍ରୋତ୍ସାହିତ କରୁଛି। ଏଥିସହ, ଏହି ପ୍ରତିଷ୍ଠାନ ଜାତୀୟ ଜନଜାତି ହସ୍ତଶିଳ୍ପ ମେଳା, ଜାତୀୟ ଜନଜାତି ନୃତ୍ୟ ମେଳା, ଜନଜାତି କଳାକାରଙ୍କ ଦ୍ୱାରା ଜୀବନ୍ତ କଳା ପ୍ରଦର୍ଶନୀ, ଜନଜାତି ଛାତ୍ରଛାତ୍ରୀଙ୍କ ମଧ୍ୟରେ କଳା ଓ ପ୍ରବନ୍ଧ ପ୍ରତିଯୋଗିତା, ଚିତ୍ରକଳା କର୍ମଶାଳା ଏବଂ ରାଜ୍ୟସ୍ତରୀୟ ଜନଜାତି କବି ସମ୍ମିଳନୀ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛି।**

ଓଡ଼ିଶାରେ ଜନଜାତୀୟ ସଂସ୍କୃତି ଓ ଐତିହ୍ୟର ପ୍ରଚାର-ପ୍ରସାର ପାଇଁ କେନ୍ଦ୍ର ସରକାର ସକ୍ରିୟ ଭାବେ ପଦକ୍ଷେପ ଗ୍ରହଣ କରୁଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ସହ ସମନ୍ୱୟରେ ୨୧ଟି ଜନଜାତିର ଭାଷା, ପ୍ରଥା ଓ ପରମ୍ପରା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି । 'ସପୋର୍ଟ ଟୁ ଟିଆରଆଇ' ଯୋଜନା ଅଧୀନରେ ୨୦୧୯ ପରଠାରୁ ଓଡ଼ିଶାରେ କୌଣସି ନୂତନ ଜନଜାତି ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇନଥିଲେ ମଧ୍ୟ, ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟର ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଟିଆରଆଇ) ପକ୍ଷରୁ ଆବଶ୍ୟକତାନୁସାରେ କେନ୍ଦ୍ର ମନ୍ତ୍ରଣାଳୟ ସମୟୋଚିତ ଭାବରେ ଆର୍ଥିକ ସହାୟତା ପ୍ରଦାନ କରୁଛି।

୨୦୦୧ ମସିହାରୁ ଭୁବନେଶ୍ୱରର ସିଆରପିଏଫ ଛକଠାରେ କାର୍ଯ୍ୟ କରୁଛି। ଏହି ଅନୁଷ୍ଠାନକୁ ପ୍ରଦାନ କରାଯାଇଥିବା ବିଭିନ୍ନ ଅନୁମୋଦିତ ପ୍ରକଳ୍ପ ଏବଂ ପାଣ୍ଠିର ବିବରଣୀ ନିର୍ଦ୍ଧାରିତ ୱେବସାଇଟରେ ଉପଲବ୍ଧ ରହିଛି ।



ଜନଜାତି ବ୍ୟାପାର ମନ୍ତ୍ରଣାଳୟର ଟିଆରଇ ଏବଂ ମିଡିଆ ଡିଭିଜନ 'ସପୋର୍ଟ ଟୁ ଟ୍ରାଇବାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍' ନାମକ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରବ ଏହି ସହାୟତା ପ୍ରଦାନ କରାଯାଇଛି। ଏହି ଯୋଜନା ଅଧୀନରେ, ମନ୍ତ୍ରଣାଳୟ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୯ଟି ଜନଜାତି ଗବେଷଣା ପ୍ରତିଷ୍ଠାନକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ଦାଖଲ କରାଯାଇଥିବା ବାର୍ଷିକ କାର୍ଯ୍ୟ ଯୋଜନା ଏବଂ ଜନଜାତି ବ୍ୟାପାର ମନ୍ତ୍ରଣାଳୟର ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଆପେକ୍ସ କମିଟିର ଅନୁମୋଦନ ଭିତ୍ତିରେ ଏହି ସହାୟତା ପ୍ରଦ କରାଯାଉଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହାର ଉଦ୍ଦେଶ୍ୟ ହେଉଛି ଭିତ୍ତିଭୂମିର ସୁଦୃଢ଼ୀକରଣ, ଜନଜାତି ସଂଗ୍ରହାଳୟ/ ସ୍ମାରକୀ/ଭର୍ଚୁଆଲ ସଂଗ୍ରହାଳୟ ପ୍ରତିଷ୍ଠା, ଗବେଷଣା ଓ ନଥିକରଣ, ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ, ସାଂସ୍କୃତିକ ଐତିହ୍ୟର ପ୍ରସାର ପାଇଁ ଜନଜାତି ମହୋତ୍ସବ ଓ ଯାତ୍ରା ଆୟୋଜନ, ଏବଂ ପର୍ଯ୍ୟଟନର ବିକାଶ କରିବା। ଫଳରେ ଜନଜାତି ସଂସ୍କୃତି, ପରମ୍ପରା, ଭାଷା ଓ ରୀତିନୀତିକୁ ସଂରକ୍ଷିତ ଏବଂ ପ୍ରଚାର କରାଯାଇପାରିବ। ଏହି ଯୋଜନାଟି ଚାହିଦା ଭିତ୍ତିକ। ଅର୍ଥାତ୍ ଟିଆରଇନ୍ଙ୍କ ଦ୍ୱାରା ଦାଖଲ ଚାହିଦାଭିତ୍ତିକ ପ୍ରକଳ୍ପ ପ୍ରସ୍ତାବ ଅନୁସାରେ ସହାୟତା ପ୍ରଦାନ କରାଯାଇଥାଏ। ଏହି ସେବୀ ଟିଆରଆଇ ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନର ପ୍ରଶାସନିକ ନିୟନ୍ତ୍ରଣରେ ଥାଆନ୍ତି।

ଗତ ପାଞ୍ଚ ବର୍ଷ ମଧ୍ୟରେ ଓଡ଼ିଶା ଟିଆରଆଇରୁ ମିଳିଥିବା ପ୍ରସ୍ତାବ ଅନୁଯାୟୀ ଜନଜାତି ସଂଗ୍ରହାଳୟର ବ୍ୟାଖ୍ୟାନ କେନ୍ଦ୍ର ପାଇଁ ୨ କୋଟିରୁ ଅଧିକ ପାଣ୍ଠି ପ୍ରଦାନ କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ସୁଚନା ଦିଆଯାଇଛି।

ଓଡ଼ିଶା ଟିଆରଆଇ ରାଜ୍ୟର ଜନଜାତିମାନଙ୍କର ସାଂସ୍କୃତିକ ଦିଗ ଉପରେ ବିଭିନ୍ନ ଅନୁଭବସିଦ୍ଧ ଗବେଷଣା, ନୃତତ୍ତ୍ୱ ଅଧ୍ୟୟନ ଏବଂ କାର୍ଯ୍ୟକ୍ଷମ ଗବେଷଣା ପରିଚାଳନା କରେ। ଏହା ସହିତ ଅଡିଓ-ଭିଡିଓ ନଥିକରଣ ମାଧ୍ୟମରେ ଜନଜାତି ସଂସ୍କୃତିକୁ ସଂରକ୍ଷିତ କରାଯାଉଛି। ଅନୁଷ୍ଠାନ ପରିସର ମଧ୍ୟରେ ଅବସ୍ଥିତ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ଜନଜାତି ସଂସ୍କୃତି ଓ ପ୍ରଥାର ବିଭିନ୍ନ ଦିଗକୁ ପ୍ରୋତ୍ସାହିତ କରୁଛି। ଏଥିସହ, ଏହି ପ୍ରତିଷ୍ଠାନ ଜାତୀୟ ଜନଜାତି ହସ୍ତଶିଳ୍ପ ମେଳା, ଜାତୀୟ ଜନଜାତି ନୃତ୍ୟ ମେଳା, ଜନଜାତି କଳାକାରଙ୍କ ଦ୍ୱାରା ଜୀବନ୍ତ କଳା ପ୍ରଦର୍ଶନୀ, ଜନଜାତି ଛାତ୍ରଛାତ୍ରୀଙ୍କ ମଧ୍ୟରେ କଳା ଓ ପ୍ରବନ୍ଧ ପ୍ରତିଯୋଗିତା, ଚିତ୍ରକଳା କର୍ମଶାଳା ଏବଂ ରାଜ୍ୟସ୍ତରୀୟ ଜନଜାତି କବି ସମ୍ମିଳନୀ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏଥିସହ, ଓଡ଼ିଶା ସରକାର ୨୦୧୭ ମସିହାରେ ସ୍ୱତନ୍ତ୍ର ବିକାଶ ପରିଷଦ ପ୍ରତିଷ୍ଠା କରିଛନ୍ତି। ଏହି ପରିଷଦ ଓଡ଼ିଶାର ୨୩ଟି ଜିଲ୍ଲାର ୧୭୨ଟି ବ୍ଲକରେ କାର୍ଯ୍ୟ କରୁଛି, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନଜାତି ସମ୍ପ୍ରଦାୟର ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ଏବଂ ପ୍ରସାର।

ପରିଷଦ ଦ୍ୱାରା ଜନଜାତିଙ୍କ ସାଂସ୍କୃତିକ ପରିଚୟ ସୁନିଶ୍ଚିତ କରିବା ପାଇଁ ପବିତ୍ର ପୀଠ, ସାମଗ୍ରୀ, ସଙ୍ଗୀତ, କଳା ଓ କ୍ରୀଡ଼ାର ପୁନରୁଦ୍ଧାର ଏବଂ ବିକାଶ କରାଯାଉଛି। ଜନଜାତିମାନଙ୍କର ସ୍ୱଦେଶୀ ଜ୍ଞାନ କୌଶଳକୁ ସ୍ୱୀକୃତି ଏବଂ ପ୍ରୋତ୍ସାହନ ଦିଆଯାଉଛି। ମୂର୍ତ୍ତ ଓ ଅମୂର୍ତ୍ତ ଜନଜାତି ସଂସ୍କୃତି, ପରମ୍ପରା ଏବଂ ରୀତିନୀତିର ନଥିକରଣ ଓ ଜନଜାତି ସମ୍ବଳର ଚିହ୍ନଟ ଏବଂ ସ୍ୱଦେଶୀ ଜ୍ଞାନ/ଅନନ୍ୟ ସଂସ୍କୃତିକୁ ଜୀବିକାର ମାଧ୍ୟମ ଭାବରେ ଗ୍ରହଣ କରାଯାଉଛି ।

ଜନଜାତି ଲୋକଙ୍କ ପାଇଁ ବିଭିନ୍ନ ସାଂସ୍କୃତିକ, ଐତିହାସିକ ଏବଂ ବିକାଶମୂଳକ ସ୍ଥାନ ପରିଦର୍ଶନ ବ୍ୟବସ୍ଥା ମଧ୍ୟ ଅନୁଷ୍ଠାନ ଦ୍ୱାରା କରାଯାଉଛି।ଦ୍ୱିଭାଷୀ ଅଭିଧାନ ଏବଂ ତ୍ରିଭାଷୀ ମଡ୍ୟୁଲ୍ ପ୍ରକାଶନ ମାଧ୍ୟମରେ ଜନଜାତି ଭାଷା ଓ ଉପଭାଷାର ପ୍ରସାର ପାଇଁ ଅନୁଷ୍ଠାନ ଧ୍ୟାନ ଦେଇଛି।(ପିଆଇବି)

# ହନୁମାନ ଜୟନ୍ତୀ ଓ ମହାବିଷୁବ ସଂକ୍ରାନ୍ତି ପାଇଁ ନୀତି ନିର୍ଘଣ୍ଟ

ଦାମନଯୋଡ଼ି,୧୦।୪ (ନିପ୍ର): ଓଡ଼ିଶାର ସର୍ବୋଚ୍ଚ ଶ୍ରୀହନୁମାନଙ୍କ ବିଗ୍ରହ ଥିବା ଦାମନଯୋଡ଼ିର ନାଲକୋ ଟାଉନସିପ ସ୍ଥିତ ଶ୍ରୀଅଭୟ ଆଞ୍ଜେନେୟଙ୍କ ମନ୍ଦିରରେ ଶ୍ରୀହନୁମାନ ଜୟନ୍ତୀ ଓ ମହାବିଷୁବ ସଂକ୍ରାନ୍ତି ୪ଦିନ ବ୍ୟାପୀ ଉତ୍ସବ ପାଳନ ହେବା ନେଇ ନୀତି ନିର୍ଘଣ୍ଟ ସ୍ଥିର ହୋଇଥିବା କମିଟି ପକ୍ଷରୁ ସୂଚନା ମିଳିଛି । ଏ ନେଇ ମନ୍ଦିର କମିଟି ବୈଠକରେ ନୀତି ଚୂଡ଼ାନ୍ତ ହୋଇଛି । କର୍ମକର୍ତ୍ତାଙ୍କ ସୂଚନା ମୁତାବକ ଆଗାମୀ ୧୧ ତାରିଖ ଶନିବାର ସନ୍ଧ୍ୟାରେ ଶୁଭ ଅଙ୍କୁରାରୋପଣ ହେବ । ୧୨ତାରିଖ ରବିବାର ସକାଳେ କଳସାଧିବାସ, ଆଚାର୍ଯ୍ୟ ବରଣ,ଦେବତା ଆବାହନ, ଅଗ୍ନି ସ୍ଥାପନ ଓ ସଂସ୍କାର ସହିତ ଯଜ୍ଞ ଆରମ୍ଭ ହେବ । ୧୩ ତାରିଖ ସୋମବାର ସୂର୍ଯ୍ୟପୂଜା, ଧେନୁ ପୂଜା, ଶାଳା ପୂଜା,ଘଟ ମଣ୍ଡଳ ପୂଜା ଆଦି ନୀତି ସହିତ ଚଣ୍ଡୀପାଠ ଓ ଆହୂତି ଏବଂ ସଂଧ୍ୟାରେ ଭଜନ କାର୍ଯ୍ୟକ୍ରମ ରହିଛି । ସେହିପରି ୧୪ତାରିଖ ମଙ୍ଗଳବାର



ମହାବିଷୁବ ସଂକ୍ରାନ୍ତି ଅବସରରେ ଦିବସ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଶ୍ରୀ ସୂର୍ଯ୍ୟ ନାରାୟଣଙ୍କ ପୂଜା ପରେ ଶ୍ରୀଅଭୟ ଆଞ୍ଜେନେୟଙ୍କ ମହାସ୍ନାନ,ବେଶ, ଷୋଡଶ ଉପଚାର ପୂଜା ଓ ଯଜ୍ଞ ହୋଇ ସନ୍ଧ୍ୟାରେ ପୂର୍ଣ୍ଣାହୂତି ଓ ସନ୍ଧ୍ୟା ଆରତୀ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପୁରୀରୁ ସ୍ୱତନ୍ତ୍ର ଘଣ୍ଟୁଆ ଦଳ ଘଣ୍ଟବାଦ୍ୟ କରିବା କାର୍ଯ୍ୟକ୍ରମ ରହିଛି । ନାଲକୋ ଅଧକ୍ଷ ଓ କୋରାପୁଟ ଜିଲ୍ଲାପାଳଙ୍କୁ ଶ୍ରୀ ହନୁମାନଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଅନୁରୋଧ କରାଯାଇଛି ।

# ଦୁଇ ଭଉଣୀଙ୍କ ହତ୍ୟା ଉଦ୍ୟମକାରୀ ଅଭିଯୁକ୍ତକୁ ସାତ ବର୍ଷ କାରାଦଣ୍ଡ

ଡ଼ାବୁଗାଁ,୧୦।୪ (ନିପ୍ର): ଜିଲ୍ଲା ଅତିରିକ୍ତ ଜିଲ୍ଲା ଦୌରା ଜଜ ବିଚାରପତି ବିଷ୍ଣୁ ପ୍ରସାଦ ମିଶ୍ର ଏକ ହତ୍ୟା ଉଦ୍ୟମ ଘଟଣାର ବିଚାର କରି ଅଭିଯୁକ୍ତ ଅକ୍ଷୟ କୁମାର ଶରଣ ଓରଫ ବଷ୍ଟୁ କୁ ୭ ବର୍ଷ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିବା ସହ୧୦,୦୦୦ ଟଙ୍କା ର ଅର୍ଥ ଦଣ୍ଡ ରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟରେ ୫ ମାସ ର ଅତିରିକ୍ତ କାରାଦଣ୍ଡ ରେ ଦଣ୍ଡିତ କରିବାକୁ ରାୟ ଦେଇଛନ୍ତି । ସୂଚନା ଅନୁଯାୟୀ ,କୋଷାଗୁମୁଡା ଥାନା ଅନ୍ତର୍ଗତ ନେଇଗାଁ ଗ୍ରାମର ପୀଡିତାର ଭାଇ ସାହିଲ ସିଲ ଗଣ୍ଡା ଗତ ୦୬/୦୧/୨୦୨୫ ତାରିଖ ଦିନ କୋଷାଗୁମୁଡା ଥାନାରେ କେସ ନମ୍ବର ୨/ ୨୫ ପ୍ରକାରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ, ସକାଳ ପ୍ରାୟ ୫.୩୦ ତାଙ୍କ ଦୁଇ ଭଉଣୀ ଶ୍ରଦ୍ଧା ସିମରନ ଗଣ୍ଡା ଓ ସସ୍ମିତା ରାଣୀ ଗଣ୍ଡା ଏକ ମୋଟର ସାଇକେଲ ଯୋଗେ କୋଷାଗୁମୁଡା ଯାଉଥିବା ବେଳେ ମାଙ୍କିଡି ଗ୍ରାମ ପାଖରେ ୨-୩ ଜଣ ବ୍ୟକ୍ତି ବାଟରେ ଅଟକାଇ ହଠାତ କିଛି ଧାରୁଆ ଅସ୍ତ୍ର ଧରି ତାଙ୍କ ଦୁଇ ଭଉଣୀଙ୍କ ମୁଣ୍ଡ, ବେକ, କାନ ଓ ହାତରେ ଆକ୍ରମଣ କଲା,ଫଳରେ ସେମାନେ ଗଭୀର ଭାବରେ ଆଘାତ ପ୍ରାପ୍ତ ହେଲେ । ଆକ୍ରମଣ କରିବା ପରେ ଅଭିଯୁକ୍ତ ମାନେ ଉକ୍ତ ଜାଗା ଛାଡି ଫେରାର ହୋଇ ଚାଲିଗଲେ । ପରେ ଦୁଇ ପୀଡିତା ନିକଟସ୍ଥ ମାଙ୍କିଡି ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହାୟତା ରେ ଏତେଲାକାରୀ ଙ୍କୁ ଫୋନ ଯୋଗେ ସୂଚନା ଦେବା ପରେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ କୋଷାଗୁମୁଡା ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ କୋରାପୁଟ ଜିଲ୍ଲାର ଜୟପୁରକୁ ଅଧିକ ଚିକିତ୍ସା ନିମନ୍ତେ ପଠାଯାଇଥିଲା । ପୋଲିସ ଘଟଣା ର ତଦନ୍ତ କରି ଅଭିଯୁକ୍ତ ଅକ୍ଷୟ କୁମାର ଶରଣ ଓରଫ ବଷ୍ଟୁ ବୋଲି ଜାଣିବା ପରେ ତାକୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ତା ନାମରେ ଭାରତୀୟ ନ୍ୟାୟ ସଂହିତା ୨୦୨୩ ର ଧାରା ୧୨୬(୨), ୧୧୮(୧),୧୧୮(୨), ଓ ୧୦୯ ପ୍ରକାରେ ମାମଲା ରୁଜୁ କରି ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଥିଲେ । ୨୧ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ବିଷ୍ଣୁ ପ୍ରସାଦ ମିଶ୍ର ଅଭିଯୁକ୍ତ ଅକ୍ଷୟ କୁମାର ଶରଣ ଓରଫ ବଷ୍ଟୁ କୁ ୭ ବର୍ଷ କାରାଦଣ୍ଡ ରେ ଦଣ୍ଡିତ କରିଛନ୍ତିଅକ୍ଷ ପୀଡିତାଙ୍କ ପକ୍ଷରୁ ମାମଲା କୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସୁନନ୍ଦା ପ୍ରଧାନ ମାମଲାକୁ ପରିଚାଳନା କରିଥିଲେ ।

# ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ

ବୌଦ୍ଧ,୧୧।୪ (ନିପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଚାଲିଥିବା 'ଓଡ଼ିଆ ପକ୍ଷ ଅବସରରେ ଜିଲ୍ଲା ସଂଗ୍ରହାଳୟ ଠାରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲାପାଳ ନିଜେ ପୁସ୍ତକ କ୍ରୟ କରି ଏହି ଅଭିଯାନର ଶୁଭାରମ୍ଭ କରିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନ ର ଛାତ୍ର ଛାତ୍ରୀଙ୍କୁ ବହିଟିଏ କିଣି ଦେଇଥିଲେ । ସମସ୍ତଙ୍କୁ ବହିଟିଏ କିଣି ପଢ଼ିବା ପାଇଁ ଅନୁରୋଧ କରିଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ପ୍ରତିଟି ଘରେ ବହି ରହିବା ଆବଶ୍ୟକ ବୋଲି ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ । ଓଡ଼ିଶା ପକ୍ଷ ପାଳନ ସମୟରେ ଆମେ ଆମର ମାତୃଭାଷାର ବହି ପଢ଼ିବା ସହ ଅନ୍ୟମାନଙ୍କୁ ବହି ଉପହାର ଦେବା ପାଇଁ ଅନୁରୋଧ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ,ଜିଲ୍ଲାର ଅନ୍ୟ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ । ଏହି ଅବସରରେ ଡେପୁଟି କଲେକ୍ଟର ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କିତା ସାହୁ ସ୍ୱାଗତ କରି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ଥିଲା ନୂତନ ପିଢ଼ିର ଛାତ୍ରଛାତ୍ରୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବା । ଏହି ଅବସରରେ ଉତ୍କଳ ପ୍ରସଙ୍ଗ, ଜଗନ୍ନାଥ ଜଣାଣ, ଓଡିଆ ଅଭିଧାନ ସ୍ଥାନୀୟ କବି ଓ ଲେଖକଙ୍କ ବିଭିନ୍ନ ବହି ବିକ୍ରୟ କରାଯାଇଥିଲା ।

# ୫୧୦ କେଜି ଗଞ୍ଜେଇ ଜବତ

ପାରଳାଖେମୁଣ୍ଡି,୧୦।୪ (ନିପ୍ର); ପାହାଡିଆ ଅଞ୍ଚଳରେ ଅଜଣା ଗଞ୍ଜେଇ ମାଫିଆ ମାନେ ଲୁଚାଇଥିବା ବିପୁଳ ପରିମାର ଗଞ୍ଜେଇକୁ ଜବତ କରିଛି ଗଜପତି ଜିଲ୍ଲା ଆର.ଉଦୟଗିରି ପୋଲିସ୍ । ଶୁକ୍ରବାର ପ୍ରତ୍ୟୁଷ ସମୟରେ ଆର. ଉଦୟଗିରି ପୋଲିସ ଗୁଇବାଡି ଗ୍ରାମାଞ୍ଚଳରେ ଥିବା ଜଙ୍ଗଲ ପାହାଡିଆ ଅଞ୍ଚଳରେ ଗଞ୍ଜେଇ ଚାଲାଣ ପାଇଁ ଗଚ୍ଛିତ ଥିବା କୌଣସି ସୂତ୍ରରୁ ଖବର ପାଇଥିଲା । ଆର. ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାକେଶ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ୍ ଟିମ୍ ଗଠନ କରାଯାଇ ଅତର୍କିତ ଚଢାଉ କରାଯାଇଥିଲା ।




ଏହି ଚଢାଉ ସମୟରେ ୧୭ ଗୋଟି ଜରି ବ୍ୟାଗରେ ଗଞ୍ଜେଇ ଥିବାର ଦେଖିବାକୁ ପାଇଥିଲେ ମଧ ଗଞ୍ଜେଇ ମାଫିଆଙ୍କୁ ଠାବ କରିପାରିନଥିଲା । ସମସ୍ତ ଗଞ୍ଜେଇକୁ ଜବତ କରି ଓଜନ କରିବାରେ ୫୧୦କେଜି ରହିଥିବାର ପୋଲିସ ଜାଣିବାକୁ ପାଇଥିଲେ । ଏନେଇ ଆର. ଉଦୟଗିରି ଥାନାରେ ୫୦/୨୬ରେ ଏକ ଏନଡିପିଏସ୍ ଆଇନ ଅନୁଯାୟୀ ମାମଲା ପଞ୍ଜିକୃତ ହୋଇଥିବାର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

# ପଞ୍ଚାୟତ ସମିତିସ୍ତରୀୟ ବଜେଟ ଆୟୋଜିତ

ଗୋଲାମୁଣ୍ଡା,୧୦।୪ (ନିପ୍ର): ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ସଭାଗୃହ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତ ସମିତି ସ୍ତରୀୟ ବଜେଟ ସଭା ଆୟୋଜିତ ହୋଇଯାଇଛି । ଏହି ସଭାରେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହା ସହ ଗୋଲାମୁଣ୍ଡା ବ୍ଲକର ଏବିଡିଓ ବିଜୟ କୁମାର ନାୟକ , ଏପିଓ କ୍ଷେତ୍ର ମୋହନ ମାଝୀ ଏବଂ ଜିପିଡିଓ ସୁଷମା ନାଏକ, ଦଶପୁର ଜୋନ ଜିଲ୍ଲା ପରିଷଦ ସଭ୍ୟା ସରିତା ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ବଜେଟ ସଭାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆଗାମୀ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଏବଂ ଯୋଜନା ନିମନ୍ତେ ପାଣ୍ଠି ବଣ୍ଟନ ଉପରେ ଆଲୋଚନା କରିବା । ସଭାର ଆରମ୍ଭରେ ବ୍ଲକ ଅଧିକାରୀମାନେ ପୂର୍ବ ବର୍ଷର ଆୟ ବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ ଏବଂ ଆଗାମୀ ବର୍ଷ ପାଇଁ ପ୍ରସ୍ତାବିତ ବଜେଟ ଉପରେ



ଆଲୋକପାତ କରିଥିଲେ । ବ୍ଲକ ଅଧକ୍ଷ ଶ୍ରୀ ମହାନନ୍ଦ ନିଜ ଅଭିଭାଷଣରେ ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଜନସାଧାରଣଙ୍କ ସମସ୍ୟାକୁ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ । ଏବିଡିଓ ଶ୍ରୀଯୁକ୍ତ ବିଜୟ କୁମାର ନାୟକ ସମେତ ମଞ୍ଚସ୍ଥ ଅତିଥି ବୃନ୍ଦ ନିଜ ନିଜ ବକ୍ତବ୍ୟରେ ବଜେଟର ସୁବିନିଯୋଗ ତଥା ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ । ସଭାରେ ଉପସ୍ଥିତ ଥିବା ସମିତି ସଭ୍ୟ,ସଭ୍ୟା, ବିଭିନ୍ନ ବିଭାଗୀୟ ଅଧିକାରୀ, ଜନପ୍ରତିନିଧିମାନେ ମଧ ନିଜ ନିଜ ଅଞ୍ଚଳର ଆବଶ୍ୟକତା ସମ୍ବନ୍ଧରେ ମତାମତ ଦେଇଥିଲେ ଏବଂ ବଜେଟରେ ସେଗୁଡିକୁ ଅନ୍ତର୍ଭୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ । ସଭାର ଶେଷରେ, ସର୍ବସମ୍ମତି କ୍ରମେ ଆଗାମୀ ବର୍ଷ ପାଇଁ ଅଧିକରୁ ଅଧିକ ବଜେଟକୁ ଅନୁମୋଦନ କରାଯାଇଥିଲା ।

ଯାହା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି ଏବଂ ପାନୀୟ ଜଳ ଭଳି ମୌଳିକ ସେବାଗୁଡିକର ଉନ୍ନତି ପାଇଁ ବ୍ୟବହୃତ ହେବ । ଏହି ବଜେଟ ସଭା ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅଞ୍ଚଳର ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସମସ୍ତେ ମତପ୍ରକାଶ କରିଥିଲେ । ମାନ୍ୟବର ଲୋକଙ୍କ ମୁଖ୍ୟମନ୍ତ୍ରୀ ମାନନୀୟ ମୋହନ ଚରଣ ମାଝୀ ଆମ ଗୋଲାମୁଣ୍ଡା ବ୍ଲକର ସମସ୍ତ ପ୍ରକାର ସମସ୍ତ ପ୍ରକାର ବ୍ୟକ୍ତି ବିଶେଷ ପାଇଁ ସର୍ବାଧିକ ଅର୍ଥ ବ୍ୟବସ୍ଥା ନିଶ୍ଚୟ କରିବେ ବୋଲି ମତାମତ ପ୍ରଦାନ କରିଛନ୍ତି ।

# ନୂତନ ରାଜସ୍ୱ ଗ୍ରାମ ପାଇଁ ପ୍ରଶାସନିକ ତତ୍ପର

ଭାପୁର,୧୦/୦୪(ନିପ୍ର)ରାଜ୍ୟ ସରକାର ପଡାଗ୍ରାମ ଗୁଡିକ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ତତ୍ପରତା ପ୍ରକାଶ କରିଛନ୍ତି । ନୂତନ ଜିଲ୍ଲା,ନୂତନ ପଞ୍ଚାୟତ ଓ ନୂତନ ବ୍ଲକ ରାଜ୍ୟ ସରକାର ଗଠନ କରିବା ପୂର୍ବରୁ ପଡା ଗୁଡିକର ନୂତନ ରାଜସ୍ୱ ଗ୍ରାମ କରାଯିବ ବୋଲି ବିଧିବଦ୍ଧ ଭାବରେ ନିଷ୍ପତ୍ତି ହୋଇଛି । ଏହି ପରିପ୍ରେକ୍ଷୀରେ, ଭାପୁର ତହସିଲ ର ୫ଗୋଟି ପଡା ନୂତନ ରାଜସ୍ୱ ଗ୍ରାମ ନୂଆ ହେବା ପାଇଁ ଭାପୁର ତହସିଲ ପକ୍ଷରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।ନିୟମ ଅନୁଯାୟୀ ,ଯେଉଁ ପଡା ବା ଗ୍ରାମର ଜନସଂଖ୍ୟା ୨୫୦ରୁ ଉର୍ଦ୍ଧ୍ୱ ଏବଂ ମୁଖ୍ୟ ରାଜସ୍ୱ ଗ୍ରାମ ଠାରୁ ୫୦୦ ମିଟର ଦୂରରେ ଅବସ୍ଥିତ ସେହି ପଡା ଗୁଡିକ ରାଜସ୍ୱ ଗ୍ରାମରେ ରୂପାନ୍ତିକାରଣ ହେବ ।ଉପରୋକ୍ତ ନିୟମ ଅନୁଯାୟୀ ଭାପୁର ତହସିଲ ଅଧୀନ ୫ ଗୋଟି ପଡା ରାଜସ୍ୱ ଗ୍ରାମ ହେବା ପାଇଁ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ନିକଟରେ ଆବେଦନ ହୋଇଛି । ସେଗୁଡିକ ମଧ୍ୟରୁ, ବାଘୁଆପଲ୍ଲୀ ପଞ୍ଚାୟତ ର ଦାରୁଢ଼ିପ,ବାଇଗୁଣିଆ ପଞ୍ଚାୟତ ର କୁଞ୍ଜବିହାରୀପୁର ଶାସନ, ରାକମା ପଞ୍ଚାୟତ ର ମାନପୁର,ବାଉଁଶବାଟୀ ପଞ୍ଚାୟତ ର ବାଘେଡିଆ ଏବଂ ଭାପୁର ପଞ୍ଚାୟତ ର ମାନପୁର କୁ ନୂତନ ରାଜସ୍ୱ ଗ୍ରାମ କରିବା ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଥିବାବେଳେ ଶାସକ ଦଳର କୁଜିନେତା ମାନେ ଏହାକୁ ନେଇ ହୀନ ରାଜନୀତି କରୁଥିବା ଦେଖିବାକୁ ମିଳିଛି ।

# ରାମେଶ୍ୱର ଭାଗବତ ମେଲଣ

ନିରାକାରପୁର,୧୦।୪ (ନିପ୍ର): ଖୋର୍ଦ୍ଧା ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ପର୍ବ 'ରାମେଶ୍ୱର ଭାଗବତ ମେଲଣ' ଅନୁଷ୍ଠିତ ହୋଇଯାଇଛି । ପାରମ୍ପରିକ ରୀତିନୀତି ଅନୁଯାୟୀ, ରମେଶ୍ୱର ଖମାରସାହି ଓ ମହିଷାହିର ଭାଗବତ ଦେବଙ୍କ ସନ୍ଧ୍ୟାକାଳୀନ ପୂଜାର୍ଚ୍ଚନା ପରେ ଏକ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରାଯାଇଥିଲା । ଉତ୍ସବର ଶୋଭାଯାତ୍ରାରେ ନାଗା-ପରୀ, କେଳା-କେଳୁଣୀ, ଧୋବା-ଧୋବଣୀ ଓ ଶିବ-ପାର୍ବତୀଙ୍କ ବେଶ ସହିତ ପାରମ୍ପରିକ ପଶୁ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଦେବଗଣଙ୍କ ଆଗମନ: ଏହି ମେଲଣରେ ସ୍ଥାନୀୟ ତାଳପଦା, ରମାବିଲି, ମଧୁବନ, କୁନିଆ ସାମନ୍ତରାପୁର, ଶତାପଦର, ପାଟପୁର ଓ ମିରିଗଦୟଣୀ ଆଦି ଅଞ୍ଚଳରୁ ଭାଗବତ ଦେବଗଣ ମେଲଣ ପଡ଼ିଆରେ ପହଞ୍ଚିଥିଲେ । ଭକ୍ତିମୟ ପରିବେଶ: ଘଣ୍ଟ, ଢୋଲ ଓ ମହୁରୀର ସୁମଧୁର ଧ୍ୱନି ସାଙ୍ଗକୁ ହରିବୋଲ ଓ ହୁଳହୁଳିରେ ସମଗ୍ର ଅଞ୍ଚଳ ଏକ ଭାବପୂର୍ଣ୍ଣ ପରିବେଶରେ ପରିଣତ ହୋଇଥିଲା । ମେଲଣ ପଡ଼ିଆରେ ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ, ଖେଳନା ଓ ମନୋହରି ଦୋକାନ ପଡ଼ିଥିଲା, ଯେଉଁଠାରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା ।

# ଶିଳାନ୍ୟାସରେ ସୀମିତ ମହାନଦୀ ବନ୍ଧ ସୁରକ୍ଷା

ଭାପୁର,୧୦/୦୪(ନିପ୍ର)ବର୍ଷାଦିନେ ଲଗାଣ ବର୍ଷା ଯୋଗୁଁ ଭାପୁର ବ୍ଲକର ମହାନଦୀ କୂଳିଆ କରବର, ପଦ୍ମାବତୀ, ଶାସନ ପଞ୍ଚାୟତର ତଳିଆ ଗ୍ରାମ ଗୁଡିକ ଜଳମଗ୍ନ ହେବା ପ୍ରତ୍ୟକ ବର୍ଷ ଦେଖାଯାଇ ଥାଏ ଫଳରେ, ଧନ, ଜୀବନ ଓ ଫସଲ ବ୍ୟାପକ ଭାବରେ କ୍ଷତି ହୋଇଥାଏ ।

ଏହି କ୍ଷୟକ୍ଷତି ସ୍ଥିତିକୁ ସୁଧାରିବା ପାଇଁ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ୨୦୨୫ ମସିହା ଜାନୁଆରୀ ୨୬ ତାରିଖ ଦିନ କରବର ପଞ୍ଚାୟତ ଗୁଡ଼ୁପଡା ଗ୍ରାମ ଠାରୁ ବଡବର ଗ୍ରାମ ର ମହାନଦୀ ବନ୍ଧ ଦକ୍ଷିଣ ପାର୍ଶ୍ୱର ସୁରକ୍ଷା ତଥା ବୁରୁଜ ନିର୍ମାଣ ପାଇଁ ୧୧ କୋଟି ୭୦ ଲକ୍ଷ ବ୍ୟୟ ଅଟକଳରେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ,ଖଣ୍ଡପଡା ବିଧାୟକ ଇଂ ଦୁଷ୍ମନ୍ତ ସ୍ୱାଇଁ,ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ପ୍ରିତମ ପୋଥାଳ ସାଂସଦ ଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡା ଏବଂ ସହକାରୀ ଯନ୍ତ୍ରୀ ରାମମୋହନ ବେହେରା ବହୁ ଆଡମ୍ବର ସହକାରେ ଶିଳାନ୍ୟାସ କରିଥିଲେ କିନ୍ତୁ, ଶିଳାନ୍ୟାସ ହେବାର ଏକ ବର୍ଷରୁ ଉର୍ଦ୍ଧ୍ୱ ଦିନ ବିତି ଯାଇଥିଲେ ମଧ ମାଟି ଗାଣ୍ଡୁଏ ପଡି ନ ଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଆଉ ୨/୩ ମାସ ପରେ ମୌସୁମୀ ଜନିତ ବର୍ଷା ହେବାକୁ ଥିବାବେଳେ ମହାନଦୀରେ ବନ୍ୟା ଆଶଙ୍କା କୁ ନେଇ ସ୍ଥାନୀୟ ଜନସାଧାରଣ ଉଦବେଗ ପ୍ରକାଶ କରିଛନ୍ତି । ଏହି ବିଳମ୍ବ ପ୍ରକ୍ରିୟା କୁ ନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ କହିଛନ୍ତି,ବିଭାଗ ପକ୍ଷରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏହାର ପ୍ରୋସେସିଂ ନିମନ୍ତେ ପଠାଯାଇଥିବା କହିଥିଲେ । ବିନା ଟେଣ୍ଡର ରେ ୧୪ ମାସ ତଳେ ଶାସକ ଦଳର ନେତା ମାନେ ଶିଳାନ୍ୟାସ କରି ସ୍ଥାନୀୟ ଜନତା ଙ୍କୁ ଲଲିପପ ଧରେଇବା ର ଜବାବ ଆଗାମୀ ପଞ୍ଚାୟତ ନିର୍ବାଚନ ଜବାବ ଦେବେ ବୋଲି ଏକତ୍ରିତ ହେଉଥିବା ଜଣାପଡିଛି ।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ

ଧାମନଗର,୧୦।୪ (ନିପ୍ର) ଧାମନଗର ବ୍ଲକ ଦୋବଲ ସ୍ଥିତ ମୁକୁନ୍ଦଦେବମଣ୍ଡଳ ପକ୍ଷରୁ 'ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ'ର ମଣ୍ଡଳ ସ୍ତରୀୟ କର୍ମଶାଳା ସ୍ଥାନୀୟ ଆନନ୍ଦପୁର ମିଶ୍ର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି । ଦୁଇ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ।ଏହି ପ୍ରଶିକ୍ଷଣ ଶିବିରରେ ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡା ଏବଂ ଦୋବାଲ ସରପଞ୍ଚ ଅଶୋକ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦଳୀୟ ଆଦର୍ଶ ଓ ସାଂଗଠନିକ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ । ଦେଶ ଗଠନରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ବିଚାରଧାରା ଏବଂ ପ୍ରଶିକ୍ଷଣର ଆବଶ୍ୟକତା ସମ୍ପର୍କରେ ଅତିଥିମାନେ କର୍ମକର୍ତ୍ତାମାନଙ୍କୁ ଅବଗତ କରାଇଥିଲେ । ଦୋବଲ ଜୋନ ଅନ୍ତର୍ଗତ ୮ ଟି ପଞ୍ଚାୟତରୁ ଆସିଥିବା ୫୨ ଟି ବୁଥ ର ସଭାପତି ଏବଂ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ । ଦଳୀୟ ରଣନୀତିକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଏବଂ କର୍ମୀମାନଙ୍କୁ ଅଧିକ ଶକ୍ତିଶାଳୀ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବୈଠକରେ ମତପ୍ରକାଶ ପାଇଛି । ଦୁଇ ଦିନିଆ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପର୍ଯ୍ୟାୟରେ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ।

# ଆସ ବହିଟିଏ କିଣିବା ଦିବସ ପାଳିତ

ପୁରୀ,୧୦।୪ (ନିପ୍ର): ଓଡ଼ିଆ ପକ୍ଷ ପାଳନର ନବମ ଦିବସରେ ଆଜି ଆସ ବହିଟିଏ କିଣିବା ଦିବସ ଅନୁଷ୍ଠିତ ହୋଇଥିଲା ।ଆମ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବେଶ ସମୃଦ୍ଧ ।ଏହାକୁ ଅଧିକ ଋଦ୍ଧିମନ୍ତ କରିବା ସହ ଆଗାମୀ ପିଢିକୁ ସାହିତ୍ୟ, ସଂସ୍କୃତିରେ ଉଦବୁଦ୍ଧ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଓ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର ।

ଓଡ଼ିଆ ଭାଷା କୁ ଅଧିକ ପ୍ରଚାର ପ୍ରସାର କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପରାମର୍ଶ କ୍ରମେ ବିବିଧ ଅଧିକାରୀ ଓ କର୍ମଚାରୀ ମାନେ ଓଡ଼ିଆ ପୁସ୍ତକ ପ୍ରଦର୍ଶିତ କରିଥିଲେ ।ଅତିରିକ୍ତ ଜିଲ୍ଲାପାଳ ଦ୍ୱୟ ଏହି ବ୍ୟବସ୍ଥା ଦ୍ୱାରା ଯୁବବର୍ଗ ଆମ ମାତୃଭାଷା ପ୍ରତି ଅନୁରକ୍ତ ହେବେ ବୋଲି ଆଶା ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଆଦ୍ୟାଶା ରଥ, ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ, ସୌମ୍ୟଶ୍ରୀ ପାଣିଗ୍ରାହୀ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ,ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା,ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ରମ, ଚନ୍ଦ୍ରପ୍ରଭା ଦେଇ ଓ ଅନ୍ୟାନ୍ୟ କର୍ମଚାରୀମାନେ ଆସ ବହି ଟିଏ କିଣିବା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଅଗ୍ନିବୀର ଯବାନଙ୍କ ଆତ୍ମହତ୍ୟା ଅଭିଯୋଗ

ଖୋର୍ଦ୍ଧା,୯।୪(ନିପ୍ର) ନୌସେନା ଚିଲିକା ପ୍ରଶିକ୍ଷଣ କ୍ୟାମ୍ପସ ପରିସରରେ ଜଣେ ଅଗ୍ନିବୀର ଯବାନ ଗୁରୁବାର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତକ ଜଣକ ହେଉଛନ୍ତି ଉତ୍ତରପ୍ରଦେଶ ମିରଠ ଜିଲ୍ଲାର କାର୍ତ୍ତିକ ଯାଦବ । ବାଲୁଗାଁ ଥାନା ଅନ୍ତର୍ଗତ ନାଭାଲ ଫାଣ୍ଡିରେ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ପେର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ସୂଚନା ମିଳିଛି । ନାଭାଲ ଫାଣ୍ଡି ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ୫ ବର୍ଷ ହେଲା ଶ୍ମଶାନ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ

ପାରଳାଖେମୁଣ୍ଡି,୧୦।୪ (ନିପ୍ର): ପାରଳରେ ପ୍ରାୟ ୫ ବର୍ଷ ହେଲା ଅଧାରେ ଅଟକି ରହିଛି ଶ୍ମଶାନ ନିର୍ମାଣ କାର୍ଯ୍ୟ । ବର୍ଷ ବର୍ଷ ଧରି ନିର୍ମାଣ କାର୍ଯ୍ୟ ଅଟକି ରହିଥିବାରୁ ଏହିସ୍ଥାନ ଜଙ୍ଗଲିଆ



ହୋଇଗଲାଣି । ଫଳରେ ଏହା ଏବେ ମଦୁଆଙ୍କ ପାଇଁ ଉପଯୁକ୍ତସ୍ଥଳ ହୋଇଥିବା ବେଳେ ନିର୍ମାଣଧୀନ ଗୃହ ସେମାନଙ୍କ ପାଇଁ ଆଡ଼ା ପାଲଟିଛି । ୨୦୧୯ରେ ସରକାର ପାରଳାଖେମୁଣ୍ଡି ସହର ଉପକଣ ମହେନ୍ଦ୍ରତନୟା ନଦୀତଟ ଦୀତଟରେ ନୂତନ ଶ୍ମଶାନ ଘାଟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅନୁଦାନ ପ୍ରଦାନ କରିଥିଲେ । ଏହାପରେ ଠିକାସଂସ୍ଥା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା ଶବଦାହ ଗୃହ, ଆଶ୍ରୟ ଓ ପାଚେରି ନିର୍ମାଣ କାର୍ଯ୍ୟ ବି ଚାଲିଥିଲା, କିନ୍ତୁ ସବୁ ଏବେ ଅଧାରେ ଅଟକିଛି ଠିକାଦାରଙ୍କ ଅବହେଳାରୁ ନିର୍ମାଣ କାର୍ଯ୍ୟ ଅଧାରେ ଅଟକି ରହିଥିବା ଅଭିଯୋଗ ହୋଇଛି । ସେପଟେ ଗୋଷାଣୀ ବିଡିଓ ଗୌର ପଟ୍ଟନାୟକ କହିଛନ୍ତି ପର୍ଯ୍ୟାୟ କ୍ରମେ ୨୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି, ଅଲୋକୀକରଣ, ନଦୀଘାଟକୁ ପାହାଚ ଓ ରାସ୍ତା ଆଦି ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିଲା । ଅନୁଦାନ ପାଇଁ ବିଭାଗକୁ ଅନୁମୋଦନ ମିଳିଛି । ଯଥାଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ତେବେ ପୂର୍ବରୁ ମଧ ବହୁବାର ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ଅଧିକାରୀ କହୁଥିବା ବେଳେ ବର୍ଷ ବର୍ଷ ବିତିଲାଣି କିନ୍ତୁ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନଥିବାରୁ ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି ।

# ଋତୁରାଜ ଅତୀତର ସ୍ମୃତି ହେବାକୁ ବସିଛି

ଭାପୁର,୧୦।୪ (ନିପ୍ର): ଛଅ ଋତୁ ମଧ୍ୟରୁ ଗ୍ରୀଷ୍ମ, ବର୍ଷା, ଶୀତ ଋତୁ ଅନୁଭୂତ ହେଉଥିବାବେଳେ ବସନ୍ତ, ହେମନ୍ତ ଏବଂ ଶରତ ଋତୁ ର ଆବିର୍ଭାବ ଦେଖିବାକୁ ମିଳୁନାହିଁ, ବିଶେଷକରୀ ଋତୁରାଜ ବସନ୍ତ ସମାଜରୁ ହଜିଯିବାକୁ ବସିଛି । ଭାରତୀୟ ସଂସ୍କୃତିରେ ବସନ୍ତ ଋତୁ ରେ ଅନୁଷ୍ଠିତ ପର୍ବ ବସନ୍ତ ପଞ୍ଚମୀର ଗୁରୁତ୍ୱ ରହିଥିଲେ ହେଁ ବର୍ତ୍ତମାନ ସ୍ଥିତିରେ ଏହି ଋତୁ କେବଳ ପୁସ୍ତକ ଓ ପର୍ବରେ ସୀମିତ ହୋଇରହିଛି । ଫେବୃଆରୀ, ମାର୍ଚ୍ଚ ଏବଂ ଏପ୍ରିଲ ମାସରେ ବସନ୍ତ ଋତୁ ର ଆଗମନ ହୋଇଥିବାବେଳେ ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବସନ୍ତ ଋତୁ କୁ ଅନୁଭବ କରି ହେଉନାହିଁ ।ରାଜ୍ୟର ପାରମ୍ପରିକ ବସନ୍ତଋତୁ ଯାହାକୁ 'ଋତୁରାଜ' ବୋଲି କୁହାଯାଏ ତାହା ବର୍ତ୍ତମାନ ଅତୀତର ସ୍ମୃତି ହେବାକୁ ବସିଛି । ଯେଉଁ ଋତୁଚକ୍ର ଗତ ଶହଶହ ବର୍ଷ ଧରି ସାମାଜିକ ଚାଲିଚଳଣିରେ ଜୀବନଶୈଳୀକୁ ନିୟନ୍ତ୍ରିତ କରୁଥିଲା ତାହା ଆଜି ଜଳବାୟୁ ପରିବର୍ତ୍ତନ ଯୋଗୁଁ ସମ୍ପୂର୍ଣ୍ଣ ରୂପେ ବଦଳିବାକୁ ଯାଉଛି । ବର୍ତ୍ତମାନ ଫେବୃଆରୀ, ମାର୍ଚ୍ଚ ଏବଂ ଏପ୍ରିଲ ମାସରେ ରେକର୍ଡ ସ୍ତରରେ ତାପମାତ୍ରା ବୃଦ୍ଧି ଯୋଗୁଁ ଶୀତ ଋତୁ ପରେ ବସନ୍ତ ଋତୁକୁ ଅନୁଭବ ନ କରି ଗ୍ରୀଷ୍ମ ଋତୁ କୁ ଅନୁଭବ କରି ହେଉଛି ତେଣୁ, ଗ୍ରୀଷ୍ମ ପ୍ରବାହରେ ବସନ୍ତ ଋତୁ ଧୀରେଧୀରେ ହଜିଗଲାଣି । ଅତୀତରେ ଏହି ଋତୁରେ ଅଧିକ ଥଣ୍ଡା ନୁହେଁ କି ଅଧିକ ଗରମ ଅନୁଭବ ହେଉନଥିଲା କିନ୍ତୁ, ବର୍ତ୍ତମାନ ଏହି ଋତୁରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ପରିଲକ୍ଷିତ ହେଉଛି ।ଏହି ଋତୁରେ ଦିନରାତି ସମାନ ରହିଥାଏ ଏବଂ ଗଛ ଗୁଡିକରେ ନୂଆ ପତ୍ର କଅଁଳିବା ଏବଂ ବିଭିନ୍ନ ପ୍ରକାର ଫୁଲ ଫୁଟୁଥିବାରୁ ପ୍ରକୃତି ରାଣୀର ଶୋଭା ବଢ଼େଇ ଥାଏ ।ବିଶେଷକରୀ, ସୋରିଷ କ୍ଷେତର ହଳଦୀ ରଙ୍ଗ ଫୁଲ ପ୍ରକୃତି ରାଣୀର



ଶୋଭା ଦ୍ୱିଗୁଣିତ କରିଥାଏ ।ଏହି ଋତୁରେ କୃଷକ ମାନେ ରବି ଜାତୀୟ ଫସଲ ଅମଳ କରିଥାନ୍ତି ତେଣୁ, ଧୀରେଧୀରେ ଉପରୋକ୍ତ ପରିବର୍ତ୍ତନ ଯୋଗୁଁ ଋତୁରାଜ ବସନ୍ତ ହଜିବାକୁ ବସିଥିବାବେଳେ ଭାପୁର ଅଞ୍ଚଳର ପରିବେଶବିତ ମାନେ ଚିନ୍ତାପ୍ରକଟ କରିଛନ୍ତି ଏବଂ ଆଗାମୀ ପିଢ଼ି ପାଇଁ ଏହି ବସନ୍ତଋତୁ ସ୍ମୃତି ହେବାକୁ ବସିଛି ।

# ଗାଁ ଗାଁରେ ବଢୁଛି କୋଚିଙ୍ଗ ସେଣ୍ଟର, ସରକାରୀ ନିୟମକୁ ଫୁଁ

କୃଷ୍ଣପ୍ରସାଦ,୧୦।୪ (ନିପ୍ର); ଶିକ୍ଷାର ବିକାଶ ପାଇଁ ସରକାର ତତ୍ପର ହୋଇ ଉଠିଛନ୍ତି । ଆଧୁନିକ ଶିକ୍ଷାର ଉନ୍ନତିକରଣ ପାଇଁ ସର୍ବ ଭାରତୀୟ ସ୍ତରରେ ଆରମ୍ଭ ହୋଇଛି ଉଦ୍ୟମ । ଏଥିପାଇଁ ଚଳିତ ବର୍ଷ ନୂତନ ପୁସ୍ତକ ମୁଦ୍ରଣ ହୋଇ ଯୋଗାଣ ମଧ ଆରମ୍ଭ ହୋଇଛି । ଖାଲିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ସରକାର ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି । ଶିକ୍ଷାର୍ଥୀଙ୍କ ଶିକ୍ଷାଦାନ ବିକାଶ ପାଇଁ ଆରମ୍ଭ ହୋଇଛି କୋଚିଙ୍ଗ ସେଣ୍ଟର । ଯାହା ଅନ୍ୟ ପକ୍ଷରେ ବେକାରୀ ଦୂରୀକରଣ ମଧ ହୋଇ ପାରିବ । କାର୍ଯ୍ୟରତ ଶିକ୍ଷକମାନେ କୋଚିଙ୍ଗ ସେଣ୍ଟର ମାନଙ୍କରେ ଟିୟୁସନ କରିପାରିବେ ନାହିଁ ବୋଲି ସରକାରୀ ନିର୍ଦ୍ଦେଶ ଥିଲେ ମଧ ଏଠି ସରକାରୀ ଆଇନ ବାଟବଣା ହୋଇଛି । କାର୍ଯ୍ୟରତ ଶିକ୍ଷକ, ଅଧ୍ୟାପକ ମାନେ ନିଜେ ନିଜେ ଗାଁ ଗାଁ ରେ ଗୋଟିଏ ଗୋଟିଏ କୋଚିଙ୍ଗ ସେଣ୍ଟର ଖୋଲି ଶିକ୍ଷକ ଅଧାପକ ମାନଙ୍କୁ ଟିୟୁସନ ରେ ନିୟୋଜିତ କରିଛନ୍ତି । ସେମାନେ କରିଥିବା କୋଚିଙ୍ଗ ସେଣ୍ଟର ରେ ଟିୟୁସନ କରିବା ପାଇଁ ବାଧ କରୁଥିବା ଭଳି ଅଭାବନୀୟ ଖବର ମିଳୁଛି । ଧମକ ମିଳୁଛି ଆମ କୋଚିଙ୍ଗରେ ନ ପଢିଲେ ମାର୍କ କମାଇ ଦିଆଯିବ । ତେବେ ଶିକ୍ଷିତ ବେକାରୀ କରିଥିବା କୋଚିଙ୍ଗ ସେଣ୍ଟର ରେ ପଢିବା ପାଇଁ ଶିକ୍ଷାର୍ଥୀ ମାନେ ଭୟ କରୁଛନ୍ତି । ଶିକ୍ଷକତା କରି ଲକ୍ଷ ଲକ୍ଷ ଟଙ୍କା ଦରମା ପାଉଥିବା ଶିକ୍ଷକ, ଅଧାପକ ମାନେ ଟିଉସନ କରି ନିଜର ଆର୍ଥିକ ଅବସ୍ଥା ଦ୍ୱିଗୁଣିତ କରୁଥିବା ବେଳେ ଜଣେ ଶିକ୍ଷିତ ବେକାରୀ ପରିବାର ପୋଷଣ ପାଇଁ ରୋଜଗାର ନିମନ୍ତେ ଦାଦନ ଶ୍ରମିକ ଭାବେ ରାଜ୍ୟ ବାହାରକୁ ଚାଲି ଯାଉଛନ୍ତି । ବ୍ଲକ ଶିକ୍ଷାଧିକାରୀ ଏବଂ କର୍ମଚାରୀମାନେ ଜାଣିଶୁଣି କାର୍ଯ୍ୟାନୁଷ୍ଠାନ ବଦଳରେ ମୁହଁ ବୁଲାଉଛନ୍ତି । ଶିକ୍ଷକ ମାନେ ଟିୟୁସନ ରେ ନିୟୋଜିତ ହୋଇଥିବାରୁ ବିଦ୍ୟାଳୟରୁ ତରବର ହୋଇ ବିଦ୍ୟାଳୟ ଛାଡି ଟିୟୁସନକୁ ଧାଉଁଛନ୍ତି, ଯାହା ବିଦ୍ୟାଳୟ ପାଠପଢ଼ାରେ ବ୍ୟାଘାତ ହେଉଛି । ଆଇନ ଉଲଂଘନ କରୁଥିବା ଟିୟୁସନ ସେଣ୍ଟର ଉପରେ ଭିଜିଲାନ୍ସ ଚଢ଼ାଉ କରି ଶିକ୍ଷକଙ୍କ ଫଟୋ ଉଠାଇ ଶିକ୍ଷକ ଏବଂ ସହଯୋଗ କରୁଥିବା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ର କର୍ମଚାରୀ ମାନଙ୍କ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି ।

# ୬୦ ଗ୍ୟାସ୍ ସିଲିଣ୍ଡର୍ ଜବତ

ପାରଳାଖେମଣ୍ଡି,୧୦।୪ (ନିପ୍ର): ଗଜପତି ଜିଲ୍ଲା ମୋହନା ବ୍ଲକ ସାରା ଦେଶରେ ରନ୍ଧନ ଗ୍ୟାସ୍‌ର ଅଭାବ ଦେଖାଯାଉଥିବା ବେଳେ ଗଜପତି ଜିଲ୍ଲାରେ ମଧ ଏହି ସମସ୍ୟା ରହିଛି । କିନ୍ତୁ ବେଆଇନ ଭାବେ ଚାଲିଛି ଗ୍ୟାସ୍ କଳାବଜାରୀ । ଗୁରୁବାର ଉପଜିଲ୍ଲାପାଳ ମୋହନା ଅଞ୍ଚଳରେ ଅଚାନକ ଚଢ଼ଉ କରି ବେଆଇନ ଭାବେ ଚାଲାଣ ଏବଂ ବ୍ୟବହାର ହେଉଥିବା ୬୦ ଗ୍ୟାସ୍ ସିଲିଣ୍ଡର୍



ଜବତ କରିଛନ୍ତି । ଗଞ୍ଜାମ ଜିଲ୍ଲା ବଡ଼ଗଡ଼ର ସରୋଜିନୀ ଗ୍ୟାସ୍ ବିତରକ ସଂସ୍ଥାରୁ ପିକ୍ ?ଅପ୍ ଭ୍ୟାନ୍ ଯୋଗେ ଚାଲାଣ ହେଉଥିବା ୫୧ ଗ୍ୟାସ୍ ସିଲିଣ୍ଡରକୁ ମୋହନା ହାଇସ୍କୁଲ୍ ଛକଠାରୁ ଜବତ କରାଯାଇଥିବା ବେଳେ ଚନ୍ଦ୍ରଗିରି ସ୍ଥିତ ଏକ ହୋଟେଲରୁ ୯ ସିଲିଣ୍ଡର୍ ଜବତ କରାଯାଇଛି । ସମସ୍ତ ଜବତ ସାମଗ୍ରୀର କୌଣସି ନଥିପତ୍ର ନଥିବା ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି । ବିଶେଷ ସୂତ୍ରରୁ ସୂଚନା ପାଇ ଏହି ଚଢଉ କରାଯାଇଥିବା ଜଣାପଡ଼ିଛି । ଚଢ଼ଉରେ ମୋହନା ଯୋଗାଣ ଅଧିକାରୀଙ୍କ ସମେତ ପୁଲିସ ଟିମ୍ ସାମିଲ୍ ହୋଇଥିଲେ ।

11 04.2026 P-5.pmd 1 4/10/2026, 5:03 PM

### ପଶ୍ଚିମବଙ୍ଗ ପାଇଁ ବିଜେପି ଇସ୍ତାହାର ଘୋଷଣା

# କ୍ଷମତାକୁ ଆସିଲେ ମହିଳାଙ୍କୁ ମାସିକ ୩୦୦୦ ଟଙ୍କା



କୋଲକାତା, ୧୦/୪: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର ପଶ୍ଚିମବଙ୍ଗ ପାଇଁ ବିଜେପିର ନିର୍ବାଚନୀ ଇସ୍ତାହାର ଘୋଷଣା କରିଛନ୍ତି। ଶାହ କହିଛନ୍ତି ଯେ, ପଶ୍ଚିମବଙ୍ଗରେ ଯଦି ବିଜେପି କ୍ଷମତାକୁ ଆସେ ତାହାହେଲେ ମହିଳାଙ୍କୁ ମାସିକ ୩୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବ। ଏହାସହିତ ୬ ମାସ ଭିତରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରିବ ବୋଲି କହିଛନ୍ତି। କୋଲକାତାରେ ଏକ କାର୍ଯ୍ୟକ୍ରମରେ ବିଜେପି ସଙ୍କଳ୍ପ ପତ୍ର ଜାରି କରି ଅମିତ ଶାହ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଗତ ୧୫ ବର୍ଷର ଶାସନକୁ କଳା ଅଧ୍ୟାୟ ବୋଲି କହିଛନ୍ତି। ଲୋକମାନେ ଏବେ ଭୟଭୀତ ଅଛନ୍ତି ଓ ଶାସନରେ ପରିବର୍ତ୍ତନ ଚାହୁଁଛନ୍ତି। ବିଜେପିର ସଙ୍କଳ୍ପ ପତ୍ର ସବୁ ବର୍ଗକୁ ଲକ୍ଷ୍ୟ କରି ପ୍ରସ୍ତୁତ କରାଯାଇଛି ବୋଲି ଅମିତ ଶାହ କହିଛନ୍ତି। ପଶ୍ଚିମବଙ୍ଗରେ ଲୋକମାନେ ଭୟଭୀତ ଓ ନିରାଶ ଅଛନ୍ତି ଏବଂ ହୃଦୟରୁ ପରିବର୍ତ୍ତନ ଚାହୁଁଛନ୍ତି ବୋଲି ଶାହ କହିଛନ୍ତି। ଏହି ଇସ୍ତାହାର ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ପରିକଳ୍ପିତ ବିକଶିତ ଭାରତ ପାଇଁ ରୋଡମ୍ୟାପ୍। ଅନୁପ୍ରବେଶ, ଗୋ ଚାଲାଣ ପ୍ରତି ଶୂନ୍ୟ ସହନଶୀଳତା ପ୍ରଦର୍ଶନ କରାଯିବ ବୋଲି ଶାହ କହିଛନ୍ତି। ଦଳ ଆଗାମୀ ନିର୍ବାଚନରେ ବିଜୟୀ ହେଲେ ସବୁ ସରକାରୀ କର୍ମଚାରୀ ଓ ପେନସନଭୋଗୀଙ୍କୁ ମହଙ୍ଗା ଭତ୍ତା ପ୍ରଦାନ କରିବାକୁ ଘୋଷଣା କରିଛି। ସରକାର କ୍ଷମତାକୁ ଆସିବାର ୪୫ ଦିନ ଭିତରେ ୭ମ ବେତନ କମିସନଙ୍କ ସୁପାରିସ୍ ଲାଗୁ କରାଯିବ ବୋଲି ଶାହ ପ୍ରତିଶ୍ରୁତି ଦେଇଛନ୍ତି। ଆୟୁଷ୍ମାନ ଭାରତ ଲାଗୁ କରାଯିବ ବୋଲି କୁହାଯାଇଛି। ଇସ୍ତାହାରକୁ ବିଶ୍ୱାସର ପ୍ରତିଶ୍ରୁତି ବୋଲି କହି ଶାହ କହିଛନ୍ତି, ବିଜେପି ବଙ୍ଗଳାର ସାଂସ୍କୃତିକ ପରିଚୟକୁ ପୁନର୍ଜୀବିତ କରିବ ଏବଂ ଏପରି ଏକ ରାଜ୍ୟ ସୃଷ୍ଟି କରିବା ଲକ୍ଷ୍ୟ ରଖିଛି ଯେଉଁଠାରେ ଲୋକମାନେ ବିନା ଭୟରେ ଗର୍ବର ସହିତ ସମସ୍ତେ ବଞ୍ଚି ପାରିବେ। ସମସ୍ତ ରାଜନୈତିକ ହିଂସାର ତଦନ୍ତ କରାଯିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗରେ ଆସନ୍ତା ଏପ୍ରିଲ ୨୩ ଓ ଏପ୍ରିଲ ୨୯ ତାରିଖରେ ଭୋଟ ଗ୍ରହଣ କରାଯିବ।

### ରୁଷ-ୟୁକ୍ରେନ ଯୁଦ୍ଧରେ ବନ୍ଧକ ଭାରତୀୟଙ୍କ ସୁରକ୍ଷା ପାଇଁ

# କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ କଡ଼ା ଚେତାବନୀ



ନୂଆଦିଲ୍ଲୀ, ୧୦।୪: ରୁଷ-ୟୁକ୍ରେନ ଯୁଦ୍ଧ ମଧ୍ୟରେ ବଳପୂର୍ବକ ନିୟୋଜିତ ହୋଇଥିବା ଭାରତୀୟ ନାଗରିକଙ୍କ ସୁରକ୍ଷାକୁ ନେଇ ଶୁକ୍ରବାର ସୁପ୍ରିମକୋର୍ଟ ଅତ୍ୟନ୍ତ ଗମ୍ଭୀର ଆଭିମୁଖ୍ୟ ଗ୍ରହଣ କରି ଏହି ସମ୍ବେଦନଶୀଳ ମାମଲାକୁ ଏକ ''ଜାତୀୟ ଗୁରୁତ୍ୱର ବିଷୟ'' ଭାବେ ଅଭିହିତ କରି ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, କେନ୍ଦ୍ର ସରକାର ଓ ବୈଦେଶିକ ମନ୍ତ୍ରଣାଳୟକୁ ନୋଟିସ୍ ଜାରି କରି ଜବାବ ତଲବ କରିଛନ୍ତି। ପ୍ରତାରଣାର ଶିକାର ହୋଇଥିବା ୨୬ ଜଣ ଭାରତୀୟଙ୍କ ପରିବାର ପକ୍ଷରୁ ଦାୟର ଆବେଦନରେ ଦର୍ଶାଯାଇଛି ଯେ, ନିଯୁକ୍ତି ଓ ପର୍ଯ୍ୟଟନ ବାହାନାରେ ଏଜେଣ୍ଟମାନେ ସେମାନଙ୍କୁ ରୁଷ ପଠାଇଥିଲେ ମଧ୍ୟ ସେଠାରେ ପହଞ୍ଚିବା ପରେ ସେମାନଙ୍କ ପାସପୋର୍ଟ ଜବତ କରାଯାଇଥିଲା। ଦୁର୍ଭାଗ୍ୟବଶତଃ, ସେମାନଙ୍କୁ ବୁଝିପାରୁନଥିବା ଭାଷାରେ ଚୁକ୍ତିନାମା ସ୍ୱାକ୍ଷର କରାଇ ରକ୍ତାକ୍ତ ଯୁଦ୍ଧକ୍ଷେତ୍ରକୁ ଠେଲି ଦିଆଯାଇଛି, ଯାହା ସେମାନଙ୍କ ଜୀବନ ଓ ମୌଳିକ ସାମ୍ବିଧାନିକ ଅଧିକାରର ଚରମ ଉଲ୍ଲଂଘନ ଅଟେ। କୁପିଆନ୍ସ୍କ୍ ଓ ସେଲିଡୋଭୋ ଭଳି ଭୟଙ୍କର ସଂଘର୍ଷପୂର୍ଣ୍ଣ ଅଞ୍ଚଳରେ ଫସି ରହିଥିବା ଏହି ଯୁବକମାନଙ୍କ ସହ ସେପ୍ଟେମ୍ବର-ଅକ୍ଟୋବର ୨୦୨୫ ପରଠାରୁ କୌଣସି ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ। ବୈଦେଶିକ ମନ୍ତ୍ରଣାଳୟ ଓ ରୁଷରେ ଥିବା ଭାରତୀୟ ଦୂତାବାସକୁ ବାରମ୍ବାର ଗୁହାରି ସତ୍ତ୍ୱେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନଥିବାରୁ ପରିବାର ବର୍ଗ ଏବେ ଗଭୀର ଆଶଙ୍କା ମଧ୍ୟରେ ରହିଛନ୍ତି। ସମ୍ବିଧାନର ଧାରା ୩୨ ଅନୁଯାୟୀ କୋର୍ଟରେ ଦାୟର ଏହି ଆବେଦନରେ ଭାରତୀୟ ନାଗରିକଙ୍କ ଜୀବନ ଓ ମର୍ଯ୍ୟାଦା ରକ୍ଷା ପାଇଁ ସର୍ବୋଚ୍ଚ ଅଦାଲତଙ୍କ ତୁରନ୍ତ ହସ୍ତକ୍ଷେପ ଲୋଡ଼ାଯାଇଛି। କେନ୍ଦ୍ର ସରକାରଙ୍କ ନିଷ୍କ୍ରିୟତାକୁ ସମାଲୋଚନା କରି କୋର୍ଟ ଏହି ଘଟଣାକୁ ଏକ ମାନବିକ ସଂକଟ ଭାବେ ଗ୍ରହଣ କରିଥିବାବେଳେ, ବିଦେଶ ମାଟିରେ ବିପଦରେ ଥିବା ଭାରତୀୟଙ୍କୁ ଉଦ୍ଧାର କରିବା ପାଇଁ ଏବେ କୁଟନୈତିକ ଚାପ ସୃଷ୍ଟି ହୋଇଛି।

## ଆମେରିକା-ଇସ୍ରାଏଲକୁ ମୋଜତାବା ଖାମେନେଇଙ୍କ ଭୟଙ୍କର ଚେତାବନୀ

ତେହରାନ୍, ୧୦।୪: ଆମେରିକା ସହିତ ଯୁଦ୍ଧବିରତି ପରେ ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତାବା ଖାମେନେଇ ତାଙ୍କର ପ୍ରଥମ ବିବୃତ୍ତି ଜାରି କରିଛନ୍ତି। ସେ କହିଛନ୍ତି ଯେ ଇରାନ ଯୁଦ୍ଧ ଚାହୁଁନାହିଁ, କିନ୍ତୁ ନିଜର ଅଧିକାର ତ୍ୟାଗ କରିବ ନାହିଁ। ଏହା କୌଣସି ପରିସ୍ଥିତିରେ ଏହାର ଶତ୍ରୁମାନଙ୍କୁ ଛାଡିବ ନାହିଁ। ଯେଉଁମାନେ ଇରାନ ଉପରେ ଆକ୍ରମଣ କରିବେ ସେମାନଙ୍କୁ ଛାଡିବ ନାହିଁ। ଇରାନ ଆଉ ପୂର୍ବ ଭଳି ଦେଶ ନାହିଁ। ଇରାନ ଏବେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଶକ୍ତି ହେବ। ଇରାନ ଯୁଦ୍ଧରେ ବିଜୟୀ ହୋଇଛି ଏବଂ ଆମେରିକାକୁ ତା'ର ସର୍ତ୍ତ ମାନିବାକୁ ବାଧ କରିଛି। ଯଦି ଆଉ ଏକ ଆକ୍ରମଣ ହୁଏ, ତେବେ ଏହାକୁ ଗମ୍ଭୀର ପରିଣାମ ଭୋଗିବାକୁ ପଡିବ। ପାକିସ୍ତାନରେ ଆମେରିକା ସହିତ ଶାନ୍ତି ଆଲୋଚନା ପୂର୍ବରୁ, ଇରାନର ସର୍ବୋଚ୍ଚ ନେତା ମୋଜତାବା ଖାମେନେଇ ଆମେରିକା ଏବଂ ଇସ୍ରାଏଲକୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, “ଇରାନ ଉପରେ ଆକ୍ରମଣ କରିବା ପୂର୍ବରୁ ଦୁଇଥର ଭାବ। ଇରାନ ଏକ ପ୍ରମୁଖ ଶକ୍ତି ହେବା ପାଇଁ ପଦକ୍ଷେପ ନେଇଛି।” ଇରାନ ଏବେ ହର୍ମୁଜ ପ୍ରଣାଳୀକୁ ନିଜ ଲାଭ ପାଇଁ ବ୍ୟବହାର କରିବ। ଶତ୍ରୁକୁ ଇରାନର ପ୍ରତ୍ୟେକ କ୍ଷତିର କ୍ଷତିପୂରଣ ଦେବାକୁ ପଡିବ। ଦେଶ ପାଇଁ ପ୍ରାଣବଳି ଦେଇଥିବା ଶହିଦଙ୍କ ରକ୍ତର ପ୍ରତିଶୋଧ ନିଆଯିବ।

## ସବୁଠୁ ଅଧିକ ସୁନା କିଣୁଛି ପୋଲାଣ୍ଡ

ନୂଆଦିଲ୍ଲୀ, ୧୦/୪: ଜାନୁଆରୀ ଶେଷରେ ସୁନା ଦର ସର୍ବକାଳୀନ ଉଚ୍ଚ ସ୍ତରରେ ପହଞ୍ଚିଯାଇଥିଲା । କିନ୍ତୁ ଫେବ୍ରୁଆରୀରେ ଏଥିରେ ସାମାନ୍ୟ ହ୍ରାସ ଘଟିଥିଲା । ଏହାର ଫାଇଦା ଉଠାଇ ବିଶ୍ୱର ଅନେକ ରାଷ୍ଟ୍ରର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ବଡ଼ ମାତ୍ରାରେ ସୁନା କିଣି ଚାଲିଲେ । ଜାନୁଆରୀରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ କେବଳ ୬ ଟନ ସୁନା କିଣିଥିଲେ। ଫେବ୍ରୁଆରୀରେ ଏମାନେ ୨୭ ଟନ୍ ସୁନାର ନେଟ୍ କ୍ରେତା ରହିଛନ୍ତି । ଲଗାତର ୨୩ ମାସ ପାଇଁ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁନାର ନେଟ୍ କ୍ରେତା ରହିଛନ୍ତି। ତେବେ ଆଲୋଚ୍ୟ ସମୟରେ ତୁର୍କୀ ଏବଂ ରୁଷ ନିଜ ନିଜ ଭଣ୍ଡାରରୁ ସୁନା ବିକ୍ରି କରିଛନ୍ତି। ବିଶ୍ୱ ବ୍ୟାଙ୍କ ପରିଷଦର ରିପୋର୍ଟ ଅନୁସାରେ, ୟୁରୋପୀୟ ଦେଶ ପୋଲାଣ୍ଡ ସବୁଠୁ ଅଧିକ ୨୦ ଟନ ସୁନା କିଣିଛି । ପ୍ରାୟ ୧ ବର୍ଷରେ ଏହା ପୋଲାଣ୍ଡର ସର୍ବବୃହତ୍ ମାସିକ ସୁନା କ୍ରୟ । ଗତବର୍ଷ ଫେବ୍ରୁଆରୀରେ ଏହା ୨୯ ଟନ୍ ସୁନା କିଣିଥିଲା । ପ୍ରାୟ ୩.୭ କୋଟି ଜନସଂଖ୍ୟାବିଶିଷ୍ଟ ଏ ରାଷ୍ଟ୍ରର ସୁନା ଭଣ୍ଡାର ୫୭୦ ଟନରେ ପହଞ୍ଚିଯାଇଛି, ଯାହା ଦେଶର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାରର ୩୧% । ପୋଲାଣ୍ଡର କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣର ୭୦୦ ଟନର ଲକ୍ଷ୍ୟ ରଖିଛନ୍ତି । ଭାରତର ସୁନା ଭଣ୍ଡାର ୮୮୦ ଟନ ରହିଛି, ଯାହା ମୋଟ ମୁଦ୍ରା ଭଣ୍ଡାରର ୧୫.୧୭% । ପୋଲାଣ୍ଡ ବ୍ୟତୀତ ଉଜ୍ବେକିସ୍ତାନ ଏବଂ କଜାକସ୍ଥାନ ମଧ୍ୟ ଫେବ୍ରୁଆରୀରେ ସବୁଠୁ ଅଧିକ ସୁନା କ୍ରୟ କରିଛନ୍ତି । ଚୀନର କେନ୍ଦ୍ରୀୟ ବ୍ୟାଙ୍କ ଲଗାତର ୧୬ ତମ ମାସ ପାଇଁ ସୁନା କିଣିଛି। ଏଥିସହିତ ଚୀନର ସୁନା ଭଣ୍ଡାର ୨,୩୦୮ ଟନରେ ପହଞ୍ଚିଯାଇଛି, ଯାହା ଏହାର ମୋଟ ଭଣ୍ଡାରର ୧୦% । ଏହାମଧ୍ୟରେ ତୁର୍କୀ ଏବଂ ରୁଷ ଫେବ୍ରୁଆରୀରେ ସୁନା ବିକ୍ରି କରିଛନ୍ତି । ତୁର୍କୀ ୮ ଟନ୍ ଏବଂ ରୁଷ ୬ ଟନ୍ ସୁନା ବିକ୍ରି କରିଛି।

## ଏପଷ୍ଟିନ ଲିଙ୍କ୍ ଅଭିଯୋଗକୁ ଅସ୍ୱୀକାର କଲେ ମେଲାନିଆ ଟ୍ରମ୍ପ

ୱାସିଂଟନ, ୧୦।୪: ଗୁରୁବାର ରାତିରେ ପାକିସ୍ତାନରେ ଆମେରିକା-ଇରାନ ଅସ୍ତ୍ରବିରତି ଆଲୋଚନା ସହ ଜଡିତ ଘଟଣାକ୍ରମ ଉପରେ ସମସ୍ତଙ୍କ ନଜର ଥିଲା, ଯେତେବେଳେ ମେଲାନିଆ ଟ୍ରମ୍ପ ଘୋଷଣା କଲେ, ମୋର ଏପଷ୍ଟିନଙ୍କ ସହ କେବେ ବନ୍ଧୁତା ନ ଥିଲା। ଯେତେବେଳେ ହ୍ୱାଇଟ୍ ହାଉସ୍ କହିଲା ଯେ, ମେଲାନିଆ ଟ୍ରମ୍ପ ଏକ ଘୋଷଣା କରିବେ, ସେତେବେଳେ ଏହା କ'ଣ ତାହା କେହି ଜାଣି ନ ଥିଲେ। ଆଶ୍ଚର୍ଯ୍ୟର କଥା, ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଜାଣି ନ ଥିଲେ। ଆମେରିକାର ପ୍ରଥମ ମହିଳା ସ୍ୱର୍ଗତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନଙ୍କ ସହ କୌଣସି ସମ୍ପର୍କକୁ ଅସ୍ୱୀକାର କରିଛନ୍ତି। ସେ ଏକ ବିରଳ ଓ ଅପ୍ରତ୍ୟାଶିତ ସର୍ବସାଧାରଣ ବିବୃତିରେ କହିଛନ୍ତି, ମୁଁ ଏପଷ୍ଟିନଙ୍କ ଶିକାର ନୁହେଁ।

## ଆମେରିକା-ଇରାନ ଶାନ୍ତି ବାର୍ତ୍ତା ପୂର୍ବରୁ ପାକିସ୍ତାନରେ ହାଇଆଲର୍ଟ

ଇସଲାମାବାଦ, ୧୦।୪: ପାକିସ୍ତାନର ରାଜଧାନୀ ଇସଲାମାବାଦରେ ଆମେରିକା ଏବଂ ଇରାନ ମଧ୍ୟରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ଶାନ୍ତି ବାର୍ତ୍ତା ପୂର୍ବରୁ ସୁରକ୍ଷା ବ୍ୟବସ୍ଥାକୁ ବହୁତ କଡ଼ାକଡ଼ି କରାଯାଇଛି। ସହରରେ ସମ୍ପୂର୍ଣ୍ଣ ଭାବେ 'ହାଇ ଆଲର୍ଟ' ଜାରି କରାଯିବା ସହ ପ୍ରତିନିଧିମାନଙ୍କ ସୁରକ୍ଷା ପାଇଁ ୧୦,୦୦୦ରୁ ଅଧିକ ସୁରକ୍ଷାକର୍ମୀ ମୁତୟନ ହୋଇଛନ୍ତି। ସେନା ପ୍ରତ୍ୟକ୍ଷ ଭାବେ



ଡନ ରିପୋର୍ଟ ଅନୁଯାୟୀ, ସହରର ସୁରକ୍ଷା ପାଇଁ ବିଭିନ୍ନ ବିଭାଗର ସାହାଯ୍ୟ ନିଆଯାଇଛି। ରାଜଧାନୀ ପୋଲିସର ୬,୦୦୦ ଯବାନ, ପଞ୍ଜାବ କନଷ୍ଟେବୁଲାରୀର ୩,୦୦୦ ଯବାନ, ଫ୍ରଣ୍ଟିୟର କନଷ୍ଟେବୁଲାରୀର ୯୦୦ ଯବାନଙ୍କ ବ୍ୟତୀତ ପ୍ରାୟ ୧୦୦୦ ଟ୍ରାଫିକ ପୋଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। କେବଳ ଏତିକି ନୁହେଁ ରେଞ୍ଜର୍ସ ଏବଂ ଅନ୍ୟାନ୍ୟ ଗୋଇନ୍ଦା ସଂସ୍ଥା ମଧ୍ୟ ସଜାଗ ରହିଛନ୍ତି। ସହରର ରେଡ୍ ଜୋନ୍ ଏବଂ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସେନା ଓ ରେଞ୍ଜର୍ସଙ୍କୁ ମୁତୟନ କରାଯାଇଛି। କୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ କ୍ୱିକ ରେସପନ୍ସ ଫୋସକୁ ବିଭିନ୍ନ ସ୍ଥାନରେ ପ୍ରସ୍ତୁତ ରଖାଯାଇଛି। ମାରଗାଲା ହିଲ୍ସ ଅଞ୍ଚଳରେ ସୁରକ୍ଷା ବାହିନୀର ଉପସ୍ଥିତି ବଢ଼ାଯାଇଛି।

## ବିବାଦୀୟ ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ଇସ୍ତଫା



ନୂଆଦିଲ୍ଲୀ, ୧୦/୯; ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମା ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଇସ୍ତଫାପତ୍ର ପଠାଇଛନ୍ତି ଜଷ୍ଟିସ୍ ଯଶୱନ୍ତ ବର୍ମା । ଘରୁ ପୁଳା ପୁଳା ଟଙ୍କା ମିଳିବାରୁ ବିବାଦକୁ ଆସିଥିଲେ ଜଷ୍ଟିସ୍ ଯଶୱନ୍ତ । ତାଙ୍କ ଦିଲ୍ଲୀ ବାସଭବନକୁ ପୁଳା ପୁଳା ପୋଡ଼ା ଟଙ୍କ ମିଳିଥିଲା । ମାମଲା ପରେ ତାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆହ୍ଲାବାଦ ସ୍ଥାନାନ୍ତର କରାଯାଇଥିଲା । ଏପ୍ରିଲ ୫ ତାରିଖରେ ୨୦୨୫ରେ ଆହ୍ଲାବାଦ ହାଇକୋର୍ଟ ବିଚାରପତି ଭାବେ ଶପଥ ନେଇଥିଲେ । ବର୍ତ୍ତମାନ ଆଭ୍ୟନ୍ତରୀଣ ତଦନ୍ତର ସମ୍ମୁଖୀନ ହେଉଛନ୍ତି ଯଶବନ୍ତ। ତାଙ୍କ ବିରୋଧରେ ମହାଭିଯୋଗ କାର୍ଯ୍ୟାନୁଷ୍ଠାନ ଚାଲିଛି। ଜଷ୍ଟିସ୍ ଯଶୱନ୍ତ ବର୍ମା ତାଙ୍କ ଇସ୍ତଫାର କାରଣ କହି ନାହାନ୍ତି ହେଲେ ଏହି ପଦବୀରେ କାର୍ଯ୍ୟ କରିବା ଏକ ସମ୍ମାନ ବୋଲି ବର୍ଣ୍ଣନା କରିଛନ୍ତି। ତାଙ୍କ ଇସ୍ତଫା ପତ୍ରରେ, ଜଷ୍ଟିସ୍ ଯଶବନ୍ତ ବର୍ମା। ଲେଖିଛନ୍ତି, ମୁଁ ଆପଣଙ୍କ ସମ୍ମାନନୀୟ କାର୍ଯ୍ୟାଳୟକୁ ଏହି ଚିଠି ଦାଖଲ କରିବାକୁ ବାଧ କରୁଥିବା କାରଣଗୁଡିକ ପ୍ରକାଶ କରିବାକୁ ଚାହୁଁନାହିଁ । ତଥାପି ଗଭୀର ଦୁଃଖର ସହିତ ମୁଁ ଆହ୍ଲାବାଦ ହାଇକୋର୍ଟ ବିଚାରପତି ଭାବରେ ତୁରନ୍ତ ମୋର ଇସ୍ତଫା ପ୍ରଦାନ କରୁଛି ।

## ଭାଷଣ ବିନା କରାଇକୁଡ଼ି ରାଲି ସ୍ଥଳ ଛାଡ଼ିଲେ ବିଜୟ

ଶିବଗଙ୍ଗା, ୧୦।୪: ଟିଭିକେ (ତାମିଲଗା ଭେଟ୍ରି କାଝାଗମ) ସଭାପତି ବିଜୟଙ୍କର ଆଜି ତାମିଲନାଡୁର କରାଇକୁଡ଼ିରେ ଏକ ନିର୍ବାଚନ ରାଲି ଥିଲା। କିନ୍ତୁ ସଠିକ୍ ସମୟରେ ସେ ଉକ୍ତ ସ୍ଥାନରେ ପହଞ୍ଚିନପାରିବାରୁ ବିଜୟ ଭୋଟରମାନଙ୍କୁ ଉଦ୍‌ବୋଧନ ଦେଇପାରିନାହାନ୍ତି। ଉଲ୍ଲେଖଯୋଗ୍ୟ ଯେ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ବିଜୟ ଏବେ ସକ୍ରିୟ ଭାବେ ପ୍ରଚାର କରୁଛନ୍ତି। ଚେନ୍ନାଇ, ତିରୁଚିରାପଲ୍ଲି, ତିରୁନେଲଭେଲି ଏବଂ ତୁଥୁକୁଡ଼ିରେ ସେ ନିର୍ବାଚନ ପ୍ରଚାର କରି ସାରିଛନ୍ତି। ଶୁକ୍ରବାର ସେ ଶିବଗଙ୍ଗା ଜିଲ୍ଲାର କରାଇକୁଡ଼ି ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୯ଟା ସୁଦ୍ଧା ସେ ଏକ ଘରୋଇ ବିମାନରେ ମଦୁରାଇ ପହଞ୍ଚିଥିଲେ ଏବଂ ସେଠାରୁ ସେ ସଡ଼କ ପଥରେ କରାଇକୁଡ଼ି ଯାଇଥିଲେ। ମଦୁରାଇରୁ ସେ ସଡ଼କ ପଥରେ ଯାତ୍ରା କରିବା ସମୟରେ ରାସ୍ତାର ୨ କଡ଼ରେ ଦଳୀୟ କର୍ମୀମାନେ ଠିଆ ହୋଇ ତାଙ୍କୁ ସ୍ୱାଗତ କରିଥିଲେ।

## ସେନସେକ୍ସରେ ୯୧୮ ପଏଣ୍ଟ୍ ବୃଦ୍ଧି

ମୁମ୍ବାଇ, ୧୦।୪: ଚଳିତ ସପ୍ତାହର ଶେଷ କାରବାର ଦିନରେ ଆଜି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନସେକ୍ସ ୯୧୮ ପଏଣ୍ଟ୍ ବୃଦ୍ଧି ପାଇ ୭୭,୫୫୦ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୨୭୫.୫୦ ପଏଣ୍ଟ୍ ବୃଦ୍ଧି ପାଇ ୨୪,୦୫୦ ପଏଣ୍ଟରେ ବନ୍ଦ ହୋଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଅନିଶ୍ଚିତତା ଲାଗି ରହିଥିବାରୁ ନିବେଶକମାନେ ସତର୍କ ହୋଇ କାରବାର କରୁଛନ୍ତି। ଯୁଦ୍ଧ ବନ୍ଦ ହେବା ସମ୍ଭାବନା ସୃଷ୍ଟି ହେବା ଓ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଘଟିଥିବାରୁ ନିବେଶକମାନଙ୍କ ମନୋବଳ ବଢ଼ାଇବାରେ ତାହା ସହାୟକ ହୋଇଛି। ଆଜି ଏସିଆନ ପେଣ୍ଟ୍ସର ସେୟାର ମୂଲ୍ୟ ୩.୮୪ ପ୍ରତିଶତ, ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡର ୩.୨୨ ପ୍ରତିଶତ, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରାର ୨.୯୮ ପ୍ରତିଶତ, ଇଣ୍ଡିଗୋର ୨.୭୭ ପ୍ରତିଶତ ଓ ଆକ୍ସିସ୍ ବ୍ୟାଙ୍କର ସେୟାର ମୂଲ୍ୟ ୨.୪୯ ପ୍ରତିଶତ ବୃଦ୍ଧି ପାଇଛି। ସେହି ସମୟରେ ସନ୍ ଫାର୍ମାସ୍ୟୁଟିକାଲ୍ ଇଣ୍ଡଷ୍ଟ୍ରିଜ୍, ଇନଫୋସିସ୍, ଟାଟା କନ୍ସଲ୍ଟାନ୍ସି ସର୍ଭିସେସ୍, ଟେକ୍ ମହିନ୍ଦ୍ରା ଓ ଏଚସିଏଲ୍ ଟେକ୍ନୋଲୋଜିସର ସେୟାର ମୂଲ୍ୟ ହ୍ରାସ ପାଇଛି।

## ୭୫ ଫୁଟ ଗଭୀର ବୋରୱେଲ ଭିତରେ ୩ ବର୍ଷର ଶିଶୁ, ଚାଲିଛି ଉଦ୍ଧାର କାର୍ଯ୍ୟ

ନୂଆଦିଲ୍ଲୀ, ୧୦।୪: ଗଭୀର ବୋରୱେଲ ଭିତରେ ୩ ବର୍ଷର ଶିଶୁ । ୭୦ରୁ ୭୫ ଫୁଟ ବୋରୱେଲକୁ ଖସିପଡିଛି ଶିଶୁ । ଜୋରସୋରରେ ଚାଲିଛି ଉଦ୍ଧାର କାର୍ଯ୍ୟ। ମଧ୍ୟପ୍ରଦେଶ ଉଜ୍ଜୟିନୀ ଜିଲ୍ଲାର ବଡନଗର ତହସିଲ ଅଞ୍ଚଳରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି ଏନଡିଆରଏଫ, ଏସଡିଆରଏଫ ସହ ହୋମଗାର୍ଡ, ଅଗ୍ନିଶମ ବିଭାଗର କର୍ମଚାରୀ ଓ ଅଧିକାରୀ। ସୂଚନା ଅନୁଯାୟୀ, ଗତ ଗୁରୁବାର ରାତି ପ୍ରାୟ ୮ଟାରେ ଶିଶୁଟି ଘର ଅଗଣାରେ ଖେଳୁଥିଲା । ଏହି ସମୟରେ ଅସାବଧାନ ବଶତଃ ଘର ନିକଟରେ ଖୋଳାଯାଇଥିବା ଏକ ବୋରୱେଲ ଭିତରକୁ ଖସିପଡିଥିଲା । ବୋରୱେଲ ଭିତରକୁ ଖସିପଡ଼ିଥିବା ଶିଶୁ ପ୍ରବୀଣ ଦେବାସିଙ୍କ ପୁଅ ଭଗିରଥ। ଭଗିରଥ ତାଙ୍କ ମାଆଙ୍କ ନିକଟରେ ଖେଳୁଥିବା ବେଳେ ହଠାତ ଗଭୀର ବୋରୱେଲ ଭିତରକୁ ଖସିପଡିଲା। ଏନେଇ ମାଆ ଜାଣିବା ପରେ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ । ସ୍ଥାନୀୟ ପୋଲିସ ଓ ଜିଲ୍ଲା ପ୍ରଶାସନକୁ ଗାଁ ଲୋକେ ଖବର ଦେବା ପରେ ତୁରନ୍ତ ଆରମ୍ଭ ହୋଇଥିଲା ରେସକ୍ୟୁ ଅପରେସନ। ଜିଲ୍ଲାପାଳ ରୋସନ କୁମାର ସିଂହ ଏବଂ ଏସପି ପ୍ରଦୀପ ଶର୍ମା ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଦ୍ଧାର କାର୍ଯ୍ୟରେ ପ୍ରାୟ ୧୨ଟି ପୋକଲିନ, ଜେସିବି ଆଦି ଲାଗିଛି । ଛୋଟ ପିଲାଟି ପାଖରେ ପହଞ୍ଚିବାକୁ ବୋରୱେଲ ନିକଟରେ ସମାନ୍ତରାଳ ଭାବେ ଗାତ ଖୋଳାଯାଉଛି । ଜେସିବିରେ ଖୋଳାଯାଉଥିବା ବେଳେ ବଡ଼ ବଡ଼ ପଥର ସାଜିଛି ବାଧକ । ପଥର ଯୋଗୁ ଖୋଳିବା ପାଇଁ ଅଧିକ ସମୟ ଲାଗୁଛି ।

## ପୁଣି ସେଲଫି ନେବା ହେଲା କାଳ
## ଜଳପ୍ରପାତରେ ବୁଡ଼ି ୩ ଝିଅଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୦।୪: ଆନ୍ଧ୍ର ପ୍ରଦେଶର ଆଲ୍ଲୁରି ସୀତାରାମା ରାଜୁ ଜିଲ୍ଲାରେ ଏକ ଦୁଃଖଦ ଘଟଣା ଘଟିଛି। ଜଳପ୍ରପାତରେ ଗାଧୋଇବା ସମୟରେ ସେଲ୍ଫି ନେବା ବେଳେ ତିନିଜଣ କିଶୋରୀଙ୍କର ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ଘଟଣାଟି ଗୁରୁବାର ଅନନ୍ତଗିରି ପାହାଡ଼ରେ ଘଟିଛି। ହୁକୁମ୍ପେଟା ମଣ୍ଡଳର ଜାମ୍ବୁଭାଲାସା ଗାଁର ଚାରି ଜଣ ଝିଅ ବିଶାଖାପାଟଣା ନିକଟସ୍ଥ ଏକ ଜଙ୍ଗଲ ଘେରା ମୁଲାଗୁମ୍ମି ଜଳପ୍ରପାତକୁ ବୁଲିବାକୁ ଯାଇଥିଲେ। ଜଳପ୍ରପାତ ନିକଟରେ ଏକ ଖସରା ପଥର ଉପରେ ଛିଡ଼ା ହୋଇ ସେଲ୍ଫି ନେଉଥିବାବେଳେ ସେମାନଙ୍କ ପାଦ ଖସି ଯାଇଥିଲା। କେହି ପହଁରା ଜାଣିନଥିବାବେଳେ ପାଣିର ସ୍ରୋତ ସେମାନଙ୍କୁ ଟାଣି ନେଇଥିଲା। ସ୍ଥାନୀୟ ଲୋକ ସେମାନଙ୍କ ଚିତ୍କାର ଶୁଣି ସେଠାରେ ପହଞ୍ଚି ମାତ୍ର ଜଣେ ଝିଅକୁ ଉଦ୍ଧାର କରିପାରିଥିଲେ। ତାଙ୍କୁ ପରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଅନ୍ୟ ତିନିଜଣ ଝିଅ ତ୍ରିଷା (୧୭), ରତ୍ନାକୁମାରୀ (୧୬) ଓ ପବିତ୍ରା (୧୬) ପାଣିରେ ଭାସି ଯାଇଥିଲେ। ପୁଲିସ ପରେ ସେଠାରେ ପହଞ୍ଚି ତିନି ଜଣଙ୍କ ମୃତଦେହ ଉଦ୍ଧାର କରିଥିଲା। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଜଳପ୍ରପାତ ଛୋଟ ଥିଲେ ମଧ୍ୟ ପାଣିର ପ୍ରବାହ ତୀବ୍ର ରହିଥିବାରୁ ଏଠାରେ ଗାଧୋଇବା ଖୁବ୍ ବିପଜ୍ଜନକ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ପୁଲିସ ପର୍ଯ୍ୟଟକଙ୍କୁ ଜଳପ୍ରପାତର ଅତି ନିକଟକୁ ନ ଯିବାକୁ ସତର୍କ କରିଛି।

## ଦିଲ୍ଲୀରେ ଆଇଏସ୍ଆଇ ସମର୍ଥିତ ଗୁଇନ୍ଦା ମଡ୍ୟୁଲର ପର୍ଦ୍ଦାଫାସ



ନୂଆଦିଲ୍ଲୀ, ୧୦।୪: ସୀମାପାର ଗୁଇନ୍ଦା ନେଟୱର୍କକୁ ଏକ ଶକ୍ତ ଝଟ୍କା ଦେଇ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ଶାଖା ପାକିସ୍ତାନର ଆଇଏସ୍ଆଇ ( ଇଣ୍ଟର ଷ୍ଟେଟ୍ ଇଣ୍ଟେଲିଜେନ୍ସ) ସମର୍ଥନରେ ଚାଲିଥିବା ଗୁଇନ୍ଦା ମଡ୍ୟୁଲର ପର୍ଦ୍ଦାଫାସ କରି ୧୦ ସଞ୍ଚାଳକଙ୍କୁ ଗିରଫ କରିଛି। ଅତିରିକ୍ତ ପୁଲିସ କମିସନର (ସ୍ୱତନ୍ତ୍ର ଶାଖା) ପ୍ରମୋଦ କୁଶୱାହାଙ୍କ ନେତୃତ୍ୱରେ ଏହି ଉଚ୍ଚସ୍ତରୀୟ ଅପରେସନ୍ ପରିଚାଳନା ହୋଇଥିଲା। ଜାତୀୟ ସୁରକ୍ଷାକୁ ଅସ୍ଥିର କରିବା ପାଇଁ ବିଦେଶୀ ସଞ୍ଚାଳକଙ୍କ ନିର୍ଦ୍ଦେଶରେ ଏହି ସଞ୍ଚାଳକମାନେ କାର୍ଯ୍ୟ କରୁଥିଲେ ବୋଲି କୁହାଯାଉଛି। ତଦନ୍ତରୁ ଜଣାପଡ଼ିଛି ଯେ ଏହି ଗୁଇନ୍ଦା ମଡ୍ୟୁଲ୍ ଦିଲ୍ଲୀ ଏବଂ ଅନ୍ୟ ପ୍ରମୁଖ ସହରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଏବଂ ଅଧିକ ଟ୍ରାଫିକ୍ ଜାମ୍ ଥିବା ଅଞ୍ଚଳ ଗୁଡ଼ିକ ଉପରେ ଖବର ନେଉଥିଲେ ଏବଂ ନିରୀକ୍ଷଣ କରୁଥିଲେ। ଅଭିଯୁକ୍ତମାନେ ମଧ୍ୟ ସେମାନଙ୍କ ଆଇଏସ୍ଆଇ ପ୍ରତିପକ୍ଷଙ୍କୁ ସୂଚନା ପ୍ରଦାନ କରିବା ପାଇଁ ସମ୍ବେଦନଶୀଳ ସ୍ଥାନମାନଙ୍କରେ କ୍ୟାମେରା ଲଗାଉଥିଲେ। କର୍ତ୍ତୃପକ୍ଷମାନେ ବିଶ୍ୱାସ କରୁଛନ୍ତି ଯେ ଗିରଫ ହୋଇଥିବା ୧୦ ଜଣ ଉକ୍ତ ନେଟୱର୍କକୁ ସ୍ଥାନୀୟ ଭାବେ ସହଯୋଗ କରୁଥିବାବେଳେ। ୧୦ ଜଣଙ୍କୁ ଗିରଫ କରିବା ପରେ ପୁଲିସ କିଛି ଇଲେକଟ୍ରୋନିକ୍ ଉପକରଣ ଏବଂ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରିଛି।

# 'ଅପରେସନ୍ ସିନ୍ଦୂର'କୁ ନେଇ ଆର୍ମି ଚିଫ୍ କହିଲେ-ସବୁକା ମାଲିକ ଏକ
## 'ନମାଜ ପାଠ ସମୟରେ ଆକ୍ରମଣ କରିନୁ'

ନୂଆଦିଲ୍ଲୀ, ୧୦।୯; ଗତବର୍ଷ ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଦ୍ୱାରା ନୀରିହ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ ହୋଇଥିଲା । ଏହାର ପ୍ରତିଶୋଧ ନେଇ ଭାରତ 'ଅପରେସନ୍ ସିନ୍ଦୂର' ଲଞ୍ଚ କରିଥିଲେ । ସୀମାପାର ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିଥିଲା । ଅପରେସନ ସମ୍ପର୍କରେ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଭାରତୀୟ ସେନାର ସାହସିକତା ଏବଂ ମାନବିକତାକୁ ପ୍ରତିଫଳିତ କରୁଥିବା ଅନେକ କଥା ପ୍ରକାଶ କରିଛନ୍ତି । ଦ୍ୱିବେଦୀ କହିଛନ୍ତି, ଯେତେବେଳେ ଆମେ ଆମର ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରୁଥିଲୁ, ସମୟ ଯେକୌଣସି ହୋଇପାରେ କିନ୍ତୁ ସର୍ବଦା ଏହା ନିଶ୍ଚିତ କରାଯାଇଥିଲା ଯେ, ତାହା ପ୍ରାର୍ଥନାର ସମୟ ନୁହେଁ । ଯଦିଓ ଲୋକମାନେ ଆତଙ୍କବାଦୀ ଶିବିରରେ ପ୍ରାର୍ଥନା କରୁଥିଲେ, ଆକ୍ରମଣ କରାଯାଇନଥିଲା । କାରଣ ସମସ୍ତଙ୍କ ସମାନ ମାଲିକ ଅଛନ୍ତି। ସେନାମୁଖ୍ୟ



ଆହୁରି କହିଛନ୍ତି, ଯଦି ଭାରତୀୟ ସେନା ଜାଣିଥାନ୍ତେ ଯେ ପ୍ରାର୍ଥନା କରାଯାଉଛି, ତେବେ ଆକ୍ରମଣ ପୁନଃନିର୍ଦ୍ଧାରିତ କରାଯାଇଥାନ୍ତା । ପରିସ୍ଥିତି ଯୁଦ୍ଧ ଭଳି ହୋଇଥିଲେ ମଧ୍ୟ, ଭାରତୀୟ ସେନା ସଂଯମତା ଅବଲମ୍ବନ କରିଛି ଏବଂ ଶତ୍ରୁର ପ୍ରାର୍ଥନାକୁ ମଧ୍ୟ ସମ୍ମାନ ଦେଇଛି। ବିଭିନ୍ନ କ୍ଷେତ୍ରରେ ସମନ୍ୱିତ କାର୍ଯ୍ୟ ଦିଗରେ ଭାରତର ପ୍ରଗତିରେ ଅପରେସନ ସିନ୍ଦୂର ସବୁଠାରୁ ଶକ୍ତିଶାଳୀ ଉପକରଣ ଥିଲା । କିନ୍ତୁ ଆମକୁ ବିଭିନ୍ନ କ୍ଷେତ୍ରରେ ସମନ୍ୱୟ ଏବଂ ସମନ୍ୱୟର ଲକ୍ଷ୍ୟ ହାସଲ କରିବାକୁ ପଡିବ। ଆମର ୧୫ ପ୍ରତିଶତ ପ୍ରୟାସ ଭୁଲ ସୂଚନା ଅଭିଯାନର ମୁକାବିଲା କରିବା ଉପରେ କେନ୍ଦ୍ରିତ ଥିଲା। ବିଶେଷ କରି ରଣନୈତିକ, କାର୍ଯ୍ୟକ୍ଷମ ଏବଂ କୌଶଳଗତ ସ୍ତରରେ କାର୍ଯ୍ୟର ସମନ୍ୱୟ ଏକ ହାଇବ୍ରାଡ କିମ୍ବା ଗ୍ରେ-ଜୋନ୍ ଯୁଦ୍ଧର ବର୍ଦ୍ଧିତ ପ୍ରସାରକୁ ସମାଧାନ କରିବା। ଏଗୁଡିକ ସାଧାରଣତଃ ସାମରିକ ସୀମା ତଳେ ଘଟେ, ଯାହା ଶତ୍ରୁ ଦୁର୍ବଳତାକୁ ଶୋଷଣ କରିବା ଲକ୍ଷ୍ୟରେ ହୋଇଥାଏ। ସେନାମୁଖ୍ୟ କହିଛନ୍ତି, ଏମଡିଓ ପାଇଁ ତାଙ୍କର ଦୃଷ୍ଟିକୋଣ ଏପରି ନୁହେଁ ଯେଉଁଠାରେ ସେମାନର ୬ଟି ଭିନ୍ନ କ୍ଷେତ୍ର ସମାନ୍ତରାଳ ଭାବରେ କାର୍ଯ୍ୟ କରେ ବରଂ ଯେଉଁଠାରେ ସମସ୍ତେ ପରିବର୍ତ୍ତିତ ପରିସ୍ଥିତି ସହିତ ନିରନ୍ତର ସମନ୍ୱୟରେ ରହିଥାନ୍ତି ଯେଉଁଠାରେ ଗୁରୁତ୍ୱ ପରିବର୍ତ୍ତନ ହୁଏ ଏବଂ ପରିସ୍ଥିତି ବିକଶିତ ହେବା ସହିତ ନେତୃତ୍ୱ ପରିବର୍ତ୍ତନ ହୁଏ । ଆଧୁନିକ ଯୁଦ୍ଧ ଆଉ ଭୌଗୋଳିକ ସୀମା କିମ୍ବା ଗୋଟିଏ ସେନାର ପ୍ରାଧାନ୍ୟ ଦ୍ୱାରା ସୀମିତ ନୁହେଁ ବରଂ ଅଞ୍ଚଳ, ଅଂଶୀଦାର ଏବଂ ବିଭିନ୍ନ ସ୍ତରରେ ସଂଘର୍ଷ ମଧ୍ୟରେ ନିରନ୍ତର ସମନ୍ୱୟ ଦ୍ୱାରା ପରିଭାଷିତ । ଯୁଦ୍ଧକ୍ଷେତ୍ରରେ ଘଟୁଥିବା ପରିବର୍ତ୍ତନ ସମ୍ପର୍କରେ ଦ୍ୱିବେଦୀ କହିଛନ୍ତି, ଏମଡିଓ ପାଇଁ ପ୍ରକୃତି ଏପରି ହୋଇଯାଇଛି ଯେ ବିଭିନ୍ନ ସ୍ତର ଏବଂ ଦିଗରେ ଏକକାଳୀନ ଅପରେସନ୍ କରାଯାଉଛି । କମାଣ୍ଡରମାନଙ୍କୁ କୌଶଳଗତଠାରୁ ରଣନୈତିକ ସ୍ତର ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ପରିସ୍ଥିତି ବିଷୟରେ ସଚେତନତା ବିକଶିତ କରିବାକୁ ପଡିବ ।

# ଜମି ଦେବା ନାଁରେ ଠକେଇ, ବିଲଡର ଗିରଫ

ଭୁବନେଶ୍ୱର(ନିପ୍ର): ଜମି ଦେବା ନାଁରେ ଠକେଇ କରିବା ଅଭିଯୋଗରେ ଇନଫୋସିଟି ଥାନା ପୁଲିସ ଜଣେ ବିଲଡରକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଦୁଷ୍ମନ୍ତ କୁମାର ମୁଦୁଲି । ପୁଲିସ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ସୂଚ଼ନାଯୋଗ୍ୟ ଯେ, ୨୦୧୪ ରୁ ୨୦୧୬ ମଧ୍ୟରେ, ଅଭିଯୁକ୍ତ ମେସର୍ସ ଫ୍ଲୋଜେନ୍ ଇଷ୍ଟେଟ୍ସ ଆଣ୍ଡ ଡେଭଲପର୍ସ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଭାବରେ, ଜମି ସହିତ ଘର ପ୍ରଦାନ କରିବା ବାହାନାରେ ଅଭିଯୋଗକାରୀ ସମୀର ପଟ୍ଟନାୟକଙ୍କୁ ଏକ ରିଅଲ୍ ଇଷ୍ଟେଟ୍ ପ୍ରକଳ୍ପରେ ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ । ଏହି ପ୍ରତିଶ୍ରୁତିରେ ବିଶ୍ୱାସ କରି ଅଭିଯୋଗକାରୀ ପର୍ଯ୍ୟାୟକ୍ରମେ ପ୍ରଚୁର ଟଙ୍କା ପ୍ରଦାନ କରିଥିଲେ, କିନ୍ତୁ ପ୍ରତିଶ୍ରୁତ ସମ୍ପତ୍ତି ପ୍ରଦାନ କରାଯାଇନଥିଲା କିମ୍ବା ଟଙ୍କା ଫେରସ୍ତ ଦିଆଯାଇନଥିଲା । ତଦନ୍ତରୁ ପ୍ରକାଶ ପାଇଛି ଯେ ଅଭିଯୁକ୍ତ ଜାଲ୍ କାଗଜପତ୍ର ଓ ମିଥ୍ୟା ପ୍ରତିଶ୍ରୁତି ମାଧ୍ୟମରେ ଅଭିଯୋଗକାରୀଙ୍କୁ ଠକେଇ କରିଥିଲେ । ଆଜି ୧୦.୦୪.୨୦୨୬ରେ ଭୁବନେଶ୍ୱର ଫରେଷ୍ଟ ପାର୍କ ନିକଟରୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ଏବଂ ପଚ଼ରାଉଚ଼ରା ସମୟରେ ସେ ତାଙ୍କ ସମ୍ପୃକ୍ତି ସ୍ୱୀକାର କରିଥିଲେ । ଅଧିକ ତଦନ୍ତରୁ ଜଣାପଡିଛି ଯେ ଅଭିଯୁକ୍ତ ଜାଣିଶୁଣି ଟଙ୍କା ଫେରତ ଦେବାକୁ ଏଡ଼ାଇଥିଲେ ଏବଂ ପୂର୍ବ ମାମଲାରୁ ମୁକ୍ତ ହେବା ପରେ ମଧ୍ୟ ଅଭିଯୋଗକାରୀଙ୍କୁ ଭ୍ରମିତ କରି ଆସୁଥିଲେ, ଯାହା ତାଙ୍କର ଠକେଇମୂଳକ ଉଦ୍ଦେଶ୍ୟକୁ ସ୍ପଷ୍ଟ କରେ । ଅଭିଯୁକ୍ତଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହୋଇଥିବାରୁ ଆଇନ ଅନୁଯାୟୀ ତାଙ୍କୁ କୋର୍ଟକୁ ଚ଼ାଲାଣ କରାଯାଇଛି ।

# ରାଜଧାନୀରେ ମନ୍ଦିରରୁ ସିରିଜ ଲୁଟ୍: ରୁପା ମୁକୁଟ, ସୁନା ମୂର୍ତ୍ତି ଚୋରିକଲେ ଦୁର୍ବୃତ୍ତ

ଭୁବନେଶ୍ୱର(ନିପ୍ର): ରାଜଧାନୀରେ ମନ୍ଦିର ଲୁଟେରା ଏବେ ସକ୍ରିୟ ହୋଇଉଠିଛନ୍ତି । ଗତକାଲି ରାତିରେ ରାଜଧାନୀର ଚନ୍ଦ୍ରଶେଖରପୁର ଓ ଇନଫୋସିଟି ଥାନା ଅଞ୍ଚଳରୁ ସିରିଜ ଲୁଟ ହୋଇଛି । ଦୁର୍ବୃତ୍ତମାନେ ମନ୍ଦିରରେ ପଶି ରୁପା ମୁକୁଟ, ସୁନା ମୂର୍ତ୍ତି ଆଦି ଚୋରି କରି ନେଇଛନ୍ତି । ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପଟିଆର ନୀଳକଣ୍ଠ ମନ୍ଦିର, ପଟିଆ କନକଦୁର୍ଗା ମନ୍ଦିର, ଶ୍ରୀ ବିହାର ଶିଖରଚ଼ଣ୍ଡୀ ମନ୍ଦିରରୁ ଚୋରି କରିଛନ୍ତି । ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ଚୋରି କରି ନେଇଥିବା ବେଳେ ଠାକୁରଙ୍କ ମୁକୁଟ ଓ ମୂର୍ତ୍ତି ଆଦି ମଧ୍ୟ ନେଇଯାଇଛନ୍ତି । ଆଜି ସକାଳୁ ଏହା ଜଣାପଡିବା ପରେ ଥାନାରେ ପୃଥକ ଭାବେ ଅଭିଯୋଗ କରାଯାଇଛି । ପୁଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି । ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଲୁଟେରାଙ୍କୁ ଧରିବାକୁ ଉଦ୍ୟମ କରୁଥିବା ବେଳେ ଲୁଟେରାଙ୍କ ମଧ୍ୟରେ ଜଣେ ମହିଳା ଥିବା ଜଣାପଡିଛି । ସେହିପରି ଗତ ଦୁଇ ଦିନ ତଳେ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ଭଦ୍ରକାଳୀ ମନ୍ଦିରରୁ ଚୋରି ହୋଇଥିଲା । ଘୋଡା ମେଲଣ ଉତ୍ସବ ସରିବା ପରେ ବିଳମ୍ବିତ ରାତିରେ ଚୋରି ହୋଇଥିଲା । ଗତ ୫ ତାରିଖ ବିଳମ୍ବିତ ରାତ୍ରିରେ ଅଭିଯୁକ୍ତ ଦ୍ୱୟ ପାଚେରି ଡେଇଁ ମନ୍ଦିର ଭିତରେ ପଶିବା ସହିତ ହୁଣ୍ଡି ଭାଙ୍ଗି ଟଙ୍କା ଚୋରି କରିଥିଲେ । ସେମାନେ ତାଲା ଭାଙ୍ଗି ମନ୍ଦିରର କୋଠ ଓ ଭଣ୍ଡାର ଘରେ ପଶିଥିଲେ । ମାତ୍ର ମାଆଙ୍କର କୌଣସି ସୁନାରୁପା ଗହଣା ନେଇ ନପାରି କେବଳ ହୁଣ୍ଡିରୁ ପାଇଥିବା ଟଙ୍କା ନେଇ ଫେରାର ହୋଇଯାଇଥିଲେ ।

# ଅବକାରୀ ଚଢ଼ାଉ ଗୋଟିଏ ଦିନରେ ୧ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ, ୩ ଗିରଫ



ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗକୁ ଶୁକ୍ରବାର ଦିନ ଦୁଇଟି ପୃଥକ ଚଢ଼ାଉରେ ଏକ ବଡ଼ ସଫଳତା ମିଳିଛି । ଟାଙ୍ଗୀ ଏବଂ ଖୋର୍ଦ୍ଧା ଅବକାରୀ ରେଞ୍ଜ ପକ୍ଷରୁ କରାଯାଇଥିବା ଏହି କାର୍ଯ୍ୟାନୁଷ୍ଠାନରେ ପ୍ରାୟ ୧ କୋଟି ୨୨ ଲକ୍ଷ ଟଙ୍କାର ଗଞ୍ଜେଇ ସମେତ ଦୁଇଟି ଗାଡ଼ି ଜବତ କରାଯାଇଥିବା ବେଳେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଟାଙ୍ଗୀ ଅବକାରୀ ରେଞ୍ଜ ଅଧୀନସ୍ଥ ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ରୋଡ୍ ଫୁଟବଲ ପଡ଼ିଆ ସମ୍ମୁଖରେ ବିଭାଗ ପକ୍ଷରୁ ଏକ ବଡ଼ ଧରଣର ଚଢ଼ାଉ କରାଯାଇଥିଲା । ଏକ ଟାଟା ଏସି ମାଲବାହୀ ଗାଡ଼ିରେ ନୟାଗଡ଼ରୁ ଜଙ୍କିଆ ଆଡ଼କୁ ବିପୁଳ ପରିମାଣର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଅବକାରୀ ଟିମ୍ ଚଢ଼ାଉ କରିଥିଲେ । ଏହି ଗାଡ଼ିରୁ ୯୬୦ କିଲୋଗ୍ରାମ ଗଞ୍ଜେଇ, ଟାଟା ଏସି ଗାଡ଼ି ଏବଂ ଏକ ରେଡମି ସ୍ମାର୍ଟଫୋନ୍ ଜବତ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୧,୦୧,୦୦,୦୦୦ ଟଙ୍କା ଓ ଗିରଫ ହୋଇଥିବା ବ୍ୟକ୍ତି ହେଲେ କାଳୁ ଚରଣ ଦାସ (୪୫), ପିତା– ସୁବଳ ଦାସ, ଜଟଣୀ ଗଜପତି ନଗର । ଏହି ଚଢ଼ାଉରେ ଟାଙ୍ଗୀ ରେଞ୍ଜ ପରିଦର୍ଶକ ଅଜିତ ପାତ୍ର, ଓଆଇସି ରମେଶ ଚନ୍ଦ୍ର ବାରିକ, ଏଏସଆଇ ରାମଚନ୍ଦ୍ର ଜେନା, ଶମ୍ଭୁନାଥ ପାତ୍ର ଏବଂ କନଷ୍ଟେବଲ ଅଶେଷ ପ୍ରଧାନ, ମନୋଜ ଜୟସିଂହ ଓ ସସ୍ମିତା ସେଠୀ ସାମିଲ ଥିଲେ । ସେହିପରି ଅନ୍ୟ ଏକ ଘଟଣାରେ, ଆଜି ଭୋର ପ୍ରାୟ ୬ଟା ସମୟରେ ଖୋର୍ଦ୍ଧା ମଡେଲ ଥାନା ଅନ୍ତର୍ଗତ ମେଡିକାଲ ଛକ ନିକଟରେ ଅବକାରୀ ବିଭାଗ ଏକ ସୁଜୁକି ନେକ୍ସା ଗ୍ରାଣ୍ଡ ଭିଟାରା କାରକୁ ଅଟକାଇ ଯାଞ୍ଚ କରିଥିଲା ।ସେଥିରୁ ୧୦୦ କିଲୋଗ୍ରାମ ଗଞ୍ଜେଇ ଏବଂ ବ୍ୟବହୃତ ଦାମୀ କାର୍ ଜବତ୍ ହୋଇଛି । ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୨୧,୦୦,୦୦୦ ଟଙ୍କା ହେବ ବୋଲି ଜଣାପଡ଼ିଛି । ଗିରଫ ବ୍ୟକ୍ତି ହେଲେ କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ଥାନା ଅଞ୍ଚଳର ମହେଶ ମଲ୍ଲିକ (୨୧) ଏବଂ ପ୍ରକାଶ ପ୍ରଧାନ (୩୮) । ଖୋର୍ଦ୍ଧା ରେଞ୍ଜ ପରିଦର୍ଶକ ରାଧାକାନ୍ତ ଭୋଇଙ୍କ ନେତୃତ୍ୱରେ ଓଆଇସି ସୁଜିତ କୁମାର ମୁଦୁଲି, ଏଏସଆଇ ସମରେନ୍ଦ୍ର ସାମନ୍ତସିଂହାର ଏବଂ କନଷ୍ଟେବଲ ଟିଟୁ ସାହୁ, ଚିନ୍ମୟୀ ସେଠୀ, ସାନନ୍ଦ କୁଆଁର ଓ ପ୍ରଣବ ବେହେରା ଏହି ଚଢ଼ାଉ କରିଥିଲେ । ଅବକାରୀ ବିଭାଗ ପକ୍ଷରୁ ଉଭୟ ଘଟଣାରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି । ଏହି ଚୋରା କାରବାର ପଛରେ ଆଉ କାହାର ହାତ ଅଛି ସେ ନେଇ ପଚରାଉଚରା କରାଯାଉଛି ।

## ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର ପ୍ରଦାନ କଲେ ବାରବାଟୀ-କଟକ ବିଧାୟିକା

କଟକ(ନିପ୍ର): କଟକ ସହରରେ ବସବାସ କରୁଥିବା କିଛି ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ମୋକିମ ଫାଉଣ୍ଡେସନ ପକ୍ଷରୁ ନିଃଶୁଳ୍କରେ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ଅଧୀନରେ ସ୍ଥାନୀୟ ଗଂଗା ମନ୍ଦିର ଅଂଚଳର ଭିନ୍ନକ୍ଷମ ବ୍ୟକ୍ତି ବିରଞ୍ଚି ନାରାୟଣ ସାହୁଙ୍କୁ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ହ୍ୱିଲ ଚେୟାର ପ୍ରଦାନ କରିଥିଲେ । ଏହି ଅବସରରେ ହ୍ୱିଲ ଚେୟାର ପାଇଥିବା ଶ୍ରୀ ସାହୁ ବିଧାୟିକାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ଜନହିତକର କାର୍ଯ୍ୟରେ ଆମ୍ବେଦକର ସ୍ମୃତି ପରିଷଦର ସଭାପତି ସୁକାନ୍ତ ସେଠୀ, ବରିଷ୍ଠ ଆଇନଜୀବି ବଶିଷ୍ଟ ପଟ୍ଟନାୟକ, କଟକ ନଗର ରଜକ ସମିତିର ସାଧାରଣ ସଂପାଦକ ମଥୁରା ସେଠୀ, ଜଗନ୍ନାଥ ସେଠୀ, ଅଶୋକ ସେଠୀ, ବିଷ୍ଣୁ ଚରଣ ସ୍ୱାଇଁଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ ।

## ପାନୀୟ ଜଳ ଯୋଗାଇବା ପାଇଁ ଦାବି

ପୁରୀ(ନିପ୍ର): ପୁରୀ ସହର ଉପକଣ୍ଠରେ ଥିବା ପୁରୀ ସଦର ବ୍ଲକ୍ର ମୁକୁନ୍ଦ ମିଶ୍ର ନଗରକୁ ଜଳ ଯୋଗାଣ ପକ୍ଷରୁ ପାଇପ ପକା ଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସମସ୍ତ ଘରକୁ ପାଇପ୍ ଲାଇନ୍ ସଂଯୋଗ ହୋଇପାରି ନଥିବା କୁହାଯାଉଛି । ଏ ସମ୍ପର୍କରେ ବାରମ୍ବାର ଅଞ୍ଚଳବାସୀ ଦାବି କରିବା ସହ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଅଦ୍ୟାବଧି ସମସ୍ତ ଅଂଚଳକୁ ପାଇପ୍ ସଂଯୋଗ କରାଯାଇ ନାହିଁ । ଦିନକୁ ଦିନ ତାପମାତ୍ରା ବଢୁଥିବା ଯୋଗୁ ଲୋକମାନେ ପିଇବା ପାଣି ପାଇଁ ବିଭିନ୍ନ ହଇରାଣ ହରକତ ହେଉଛନ୍ତି । ଗ୍ରାମୀୟ ଜଳ ଯୋଗାଣ ସଂସ୍ଥାର ଅଧିକ୍ଷଣ ଯନ୍ତ୍ରୀର ସମ୍ପର୍କରେ ପ୍ରତ୍ୟକ୍ଷ ଭାବେ ତଦନ୍ତ କରି ସବୁ ବାସିନ୍ଦା ମାନେ କିପରି ପାନୀୟ ଜଳ ପାଇପାରିବେ ସେ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମ ବାସିନ୍ଦାଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି ।

## ଓରମାସ ପକ୍ଷରୁ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କଟକ(ନିପ୍ର): ଗ୍ରାମୀଣ ହସ୍ତଶିଳ୍ପ ଓ ପାରମ୍ପାରିକ କୌଶଳ ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ବୃଦ୍ଧି କରିବା ଉଦ୍ଦେଶ୍ୟରେ ପଂଚାୟତରାଜ ଓ ପାନୀୟଜଳ ବିଭାଗ ଅଧୀନସ୍ଥ ଓରମାସ ଦ୍ୱାରା ୨ଦିନିଆ ମାକ୍ରାମେ ହସ୍ତଶିଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ମାକ୍ରାମେ ହେଉଛି ଏକ ପାରମ୍ପାରିକ ହସ୍ତଶିଳ୍ପ । ଏଥିରେ ସୂତା କିମ୍ବା ରଶିକୁ ବିଭିନ୍ନ ପ୍ରକାରର ଗଣ୍ଠି ପକାଇ ସୁନ୍ଦର ଆଳଙ୍କାରିକ ବସ୍ତୁ ପ୍ରସ୍ତୁତ କରାଯାଏ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଏମବିଏ ବିଭାଗର ୩୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରଶିକ୍ଷଣ ସମୟରେ ଅଂଶଗ୍ରହଣକାରୀ ମାନେ ମାକ୍ରାମେ ହସ୍ତଶିଳ୍ପର ମୌଳିକ ଗଣ୍ଠି ପ୍ରଣାଳୀ, ଡିଜାଇନ ପ୍ରସ୍ତୁତି, ଉତ୍ପାଦ ବିକାଶ ଓ ବଜାର ସମ୍ଭାବନା ସଂପର୍କରେ ପ୍ରାୟୋଗିକ ଜ୍ଞାନ ଆହରଣ କରିଥିଲେ । ଏହା ସହିତ ହସ୍ତଶିଳ୍ପ ଉତ୍ପାଦର ମୂଲ୍ୟ ବୃଦ୍ଧି, ବ୍ରାଣ୍ଡି ଓ ବଜାରୀକରଣ ବିଷୟରେ ମଧ୍ୟ ତାଙ୍କୁ ଅବଗତ କରାଯାଇଥିଲ । ଛାତ୍ରଛାତ୍ରୀମାନଙ୍କୁ ପାରମ୍ପାରିକ ଶିଳ୍ପ ପ୍ରତି ଆଗ୍ରହ ବୃଦ୍ଧି କରିବା ସହିତ ଗ୍ରାମୀଣ ଉଦ୍ୟମିତା ବିକାଶ ପ୍ରତି ସଚେତନତା ସୃଷ୍ଟି କରିଛି ବୋଲି ଓରମାସ ଯୁଗ୍ମ କାର୍ଯ୍ୟନିର୍ବାହୀ ବିପିନ ରାଉତ କହିଛନ୍ତି । ଶେଷରେ ସୂଚନା ଓ ଲୋକ ସଂପର୍କ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଓରମାସ ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତ ରଂଜନ ପଟ୍ଟନାୟକ ପ୍ରମୁଖ ଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ପ୍ରଶିକ୍ଷଣ ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଓରମାସ ପକ୍ଷରୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।

## କଳାକାରମାନଙ୍କୁ ସମ୍ମାନ ପ୍ରଦାନ

କଟକ(ନିପ୍ର): ଓଡ଼ିଆ ପକ୍ଷ ପାଳନର ଦଶମ ଦିବସରେ ଆଜି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଲୋକକଳା କଳାକାରମାନେ ନିଜ ନିଜ ପାରମ୍ପରିକ ଲୋକକଳା ପ୍ରଦର୍ଶନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଡ ଦିବ୍ୟଲୋଚନ ମହାନ୍ତ ଓ ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଉପସ୍ଥିତ ରହି କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକରେ ମଧ୍ୟ ଲୋକକଳା ପାଇଁ ଦିନଟିଏ ପାଳନ କରାଯାଇ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ମାଡ଼ମାରି ଟଙ୍କା ଓ ମୋବାଇଲ ଲୁଟ୍: ୩ ଧରାପଡିଲେ

ଭୁବନେଶ୍ୱର(ନିପ୍ର): ମୋବାଇଲ ଫୋନ କିଣିବାକୁ ଡାକି ଜଣେ ଯୁବକଙ୍କୁ ମାଡ ମାରି ଲୁଟ କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଆୟୁଷ ଚନ୍ଦ୍ର ପଣ୍ଡା, ମଳୟ ରଂଜନ ରାଉତ ଓ ରିତେଶ ନାୟକ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚ଼ନାଯୋଗ୍ୟ ଯେ, ଅଭିଯୋଗକାରୀ ନାଗେଶ୍ୱର ପାତ୍ର ତାଙ୍କର ମୋବାଇଲ୍ ଫୋନ୍ ବିକ୍ରୟ ପାଇଁ ସୋସିଆଲ ମିଡିଆରେ ବିଜ୍ଞାପନ ପୋଷ୍ଟ କରିଥିଲେ । ତା ୦୫.୦୪.୨୦୨୬ ରେ ଜଣେ ବ୍ୟକ୍ତି ଫୋନ୍ କରି ସୁନ୍ଦରପଡ଼ାର ବନଦୁର୍ଗା ମନ୍ଦିର ନିକଟକୁ ଡାକିଥିଲେ । ଅଭିଯୋଗକାରୀ ତାଙ୍କ ବନ୍ଧୁଙ୍କ ସହିତ ସେଠାକୁ ପହଞ୍ଚିବା ପରେ, ଅଭିଯୁକ୍ତମାନେ ସେମାନଙ୍କୁ ଏକ ନିର୍ଜନ ସ୍ଥାନକୁ ନେଇ ଆକ୍ରମଣ କରିଥିଲେ ଏବଂ ଜୋରଜବରଦସ୍ତି ନଗଦ ଟଙ୍କା, ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇ ଭୟଙ୍କର ପରିଣାମ ଦେବାକୁ ଧମକ ଦେଇଥିଲେ । ତଦନ୍ତ ସମୟରେ ତା ୦୯.୦୪.୨୦୨୬ ରେ ବିଶ୍ୱସ୍ତ ସୂଚ଼ନା ଆଧାରରେ ପ୍ରଥମେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିଲା, ଯିଏ ତାଙ୍କ ସହଯୋଗୀମାନଙ୍କ ସମ୍ପୃକ୍ତି ପ୍ରକାଶ କରିଥିଲେ । ପରବର୍ତ୍ତୀ ସମୟରେ ବିଭିନ୍ନ ସ୍ଥାନରେ ଚ଼ଢାଉ କରି ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଗିରଫ କରାଯାଇଥିଲା । ପଚ଼ରାଉଚ଼ରାରେ ସେମାନେ ଅପରାଧରେ ସମ୍ପୃକ୍ତି ସ୍ୱୀକାର କରିଥିଲେ । ତଲାସି ସମୟରେ ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ସ୍କୁଟି, ନଗଦ ଟଙ୍କା, ଗୋଟିଏ ଲୁଟ୍ ହୋଇଥିବା ମୋବାଇଲ୍ ଫୋନ୍ ଏବଂ ଗୋଟିଏ ପାଓ୍ୱାର ବ୍ୟାଙ୍କ ଜବତ କରାଯାଇଥିଲା । ଅଧିକ ତଦନ୍ତରୁ କିଛି ଲୁଟ୍ ମୋବାଇଲ୍ ଅନଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ ବିକ୍ରି କରାଯାଇଥିବା ଜଣାପଡିଛି । ଅଭିଯୁକ୍ତମାନଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହୋଇଥିବାରୁ ଆଇନଅନୁଯାୟୀ ଆଜି ସେମାନଙ୍କୁ କୋର୍ଟକୁ ଚ଼ାଲାଣ କରାଯାଇଛି ।

# ଅଫିସରୁ ମୋବାଇଲ ଚୋରି: ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ଅଫିସରୁ ଲଗାତର ୮ଟି ମୋବାଇଲ ଫୋନ ଚୋରି କରିବା ଅଭିଯୋଗରେ ଚନ୍ଦକା ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଉକ୍ତ ଅଫିସର କର୍ମଚାରୀ ବିଶ୍ୱନାଥ ଖୁଣ୍ଟିଆ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚ଼ନାଯୋଗ୍ୟ ଯେ, ଅଭିଯୋଗକାରୀ ଅତନୁ ଦାସ ଗିରିଙ୍ଗାପୁଟ ସ୍ଥିତ ଡିଏଚ଼ଏଲ୍ କମ୍ପାନୀରେ ମାନବ ସମ୍ବଳ ପରିଚ଼ାଳକ ଭାବରେ କାର୍ଯ୍ୟରତ ଅଛନ୍ତି ଏବଂ କମ୍ପାନୀ ପରିସରରୁ ୮ଟି ମୋବାଇଲ୍ ଫୋନ୍ ଚୋରି ହୋଇଥିବା ବିଷୟ ଜଣାପଡିଥିଲା । ସିସିଟିଭି ଫୁଟେଜ୍ ଯାଞ୍ଚ କରିବାରୁ ବିଶ୍ୱନାଥ ଖୁଣ୍ଟିଆ ନାମକ ଜଣେ କର୍ମଚ଼ାରୀଙ୍କୁ ସନ୍ଦେହ କରାଯାଇଥିଲା ଏବଂ ପରବର୍ତ୍ତୀ ଯାଞ୍ଚରେ ସେ ଚୋରିରେ ସମ୍ପୃକ୍ତ ଥିବା ଚ଼ିହ୍ନଟ ହୋଇଥିଲେ । ତଦନ୍ତରୁ ଜଣାପଡିଛି ଯେ, ଅଭିଯୁକ୍ତ ଡିଏଚ଼ଏଲ୍ରେ ମ୍ୟାଟେରିଆଲ୍ ଆସୋସିଏଟ୍ ଭାବରେ କାମ କରୁଥିବା ସମୟରେ ସିଲ୍ ପ୍ୟାକେଟଗୁଡ଼ିକୁ ବିକୃତ କରି ଗୁପ୍ତ ଭାବରେ ମୋବାଇଲ୍ ଫୋନ୍ ବାହାର କରୁଥିଲେ ଏବଂ ସୁରକ୍ଷା ଯାଞ୍ଚରୁ ବଞ୍ଚିବା ପାଇଁ ଚୋରି ମୋବାଇଲଗୁଡ଼ିକୁ ନିଜ ଜୋତା ତଳେ ଲୁଚ଼ାଇ ରଖୁଥିଲେ । ତଦନ୍ତ ସମୟରେ ପୁଲିସ ଘଟଣାର ପ୍ରମାଣ ଭାବେ ସିସିଟିଭି ଫୁଟେଜ୍ ଜବତ କରିଥିଲେ । ଆଜି ତା ୧୦.୦୪.୨୦୨୬ ରେ ଅଭିଯୁକ୍ତକୁ ଗିରଫ କରାଯାଇଥିଲା ଏବଂ ତାଙ୍କ ହେପାଜତରୁ ଦୁଇଟି ଚୋରି ମୋବାଇଲ୍ ଫୋନ୍ ଉଦ୍ଧାର କରାଯାଇ ଜବତ କରାଯାଇଥିଲା । ପଚ଼ରା ଉଚ଼ରାରେ ସେ ନିଜର ଅପରାଧ ସ୍ୱୀକାର କରିଥିଲେ । ଅଭିଯୁକ୍ତଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହୋଇଥିବାରୁ ଆଇନଅନୁଯାୟୀ ତାଙ୍କୁ କୋର୍ଟକୁ ଚ଼ାଲାଣ କରାଯାଇଛି ।

# ମଝିଆ ଭାଇର ଆକ୍ରମଣରେ ବଡ ଓ ସାନ ଭାଇ ଗୁରୁତର



ବୁଗୁଡା(ନିପ୍ର): ବୁଗୁଡ଼ା ଥାନା ଅନ୍ତର୍ଗତ ବାଦୁଆ ଗ୍ରାମରେ ଜମିବାଡି ବିବାଦକୁ ନେଇ ମଝିଆଭାଇର ମରଣାନ୍ତକ ଆକ୍ରମଣରେ ବଡ ଓ ସାନଭାଇ ଉଭୟେ ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ଗୁରୁତର ଦୁଇଜଣ ହେଲେ ବଡଭାଇ ଧୋବା ଗୌଡ (୫୭) ଓ ସାନ ଭାଇ ଦୁର୍ଯ୍ୟୋଧନ ଗୌଡ (୫୦) । ମଝିଆ ଭାଇ ପଞ୍ଚୁ ଗୌଡ ଉଭୟଙ୍କୁ ଆକ୍ରମଣ କରିଥିଲା । ଘଟଣାରୁ ପ୍ରକାଶ ଯେ, ପୂର୍ବରୁ ଜମିବାଡିକୁ ନେଇ ତିନି ଭାଇଙ୍କ ମଧ୍ୟରେ ବିବାଦ ରହିଥିଲା । ତେବେ ଗୁରୁବାର ସନ୍ଧ୍ୟାରେ ଧୋବା ଓ ଦୁର୍ଯ୍ୟୋଧନ ଘର ଆଗରେ ଠିଆହୋଇ କଥାବାର୍ତ୍ତା ହେଉଥିବା ବେଳେ ପଞ୍ଚୁ ପଛପଟୁ ଆସି ଏକ ଠିଆକୋଡ଼ିରେ ଉଭୟଙ୍କ ମୁଣ୍ଡକୁ ମରଣାନ୍ତକ ଆକ୍ରମଣ କରିଥିଲା ଓ ଦୁଇ ଭାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ବେଳେ ଖବରପାଇ ପୋଲିସ ସେଠାରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲା । ସେ ଦୁହିଁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଦୁଇ ଭାଇଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ଓ ତେବେ ଆକ୍ରମଣକାରୀ ପଞ୍ଚୁକୁ ପୋଲିସ ଥାନାରେ ଅଟକ ରଖି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

# ଭାରସାମ୍ୟ ହରାଇ ଗଛରେ ପିଟିଲା କାର୍: ଜଣେ ମୃତ, ୨ ଗୁରୁତର



କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା କୁଚିଣ୍ଡା-ବଣାଇଁ ରାସ୍ତାର ଲଇଡାଗୁଣା ଛକ ନିକଟ ନୀଳପଡାଠାରେ ଶୁକ୍ରବାର ଭୋରରେ ଏକ କାର ଭାରସାମ୍ୟ ହରାଇ ଗଛରେ ବାଡ଼େଇ ହେବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ହେଲେ ମହୁଲପାଲି ଥାନା କୁ.ଜମନକିରା ଗ୍ରାମର ରଜତ କୁମାର ପଟେଲ (୩୧) । ଆହତମାନେ ହେଲେ ମହୁଲପାଲି ଥାନା ଅଧୀନସ୍ଥ ରେଙ୍ଗାଲିର ମଳୟ ନାୟକ(୪୦)ଓ ବଡମୁଣ୍ଡାଲୋଇର କୈଳାଶ ସେଠୀ(୨୪) । ଖବରପାଇ ପୋଲିସ ଘଟଣାସ୍ଥଳର ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତରଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ମେଡ଼ିକାଲରେ ଭର୍ତ୍ତି କରିଥିଲ । ପରେ ଡାକ୍ତର ସେମାନଙ୍କୁ ବୁର୍ଲା ଭୀମସାର ମେଡ଼ିକାଲକୁ ସ୍ଥାନାନ୍ତର କରିଥିବା ଜଣାପଡିଛି । ପୋଲିସ ଏନେଇ ମହୁଲପାଲି ଥାନାରେ ଏକ ଦୁର୍ଘଟଣା ମାମଲା (ନଂ.୪୬/୨୬)ରୁଜୁ କରି ତଦନ୍ତ କରୁଛି । ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ମୃତ ରଜତ, ମଳୟ ଓ କୈଳାଶ ସାଙ୍ଗ ହୋଇ କାଳିଆ ଦର୍ଶନ ପାଇଁ ମଳୟଙ୍କ ୱାଗନର କାର (ନଂ.ଓଡି ୧୪ଏବି ୬୪୪୮) ଯୋଗେ ପୁରୀ ଯାଇଥିଲେ । ଗୁରୁବାର ସନ୍ଧ୍ୟାରେ ସେମାନେ ଘରକୁ ଫେରୁଥିଲେ । ଶୁକ୍ରବାର ପ୍ରାୟ ଭୋର୍ ୪ଟା ସମୟରେ ନୀଳପଡା ନିକଟରେ କାରଟିଏ ଭାରସାମ୍ୟ ହରାଇ ଏକ ଗଛରେ ବାଡ଼େଇ ହୋଇଥିଲା ।

# ଅଟୋ ଦୁର୍ଘଟଣାଗ୍ରସ୍ତ: ୪ ଆହତ

ଭାପୁର(ନିପ୍ର): ଫତେଗଡ଼ ଥାନା ବଡସହରା ପଞ୍ଚାୟତ ଜାମୁସାହି ଗ୍ରାମର ୭ ଜଣ ଦଣ୍ଡ ଉପାସନାଧାରୀ ଶୁକ୍ରବାର ସକାଳ ସମୟରେ ଏକ ଅଟୋ ସହାୟତାରେ ଫତେଗଡ଼ ଗ୍ରାମରେ ଅବସ୍ଥିତ ଦ୍ୱିତୀୟ ଅଯୋଧ୍ୟାକୁ ଶ୍ରୀରାମଙ୍କ ଦର୍ଶନ କରିବାକୁ ଯାଇ ଫେରିବାର ଘାଟି ରାସ୍ତାରେ ଚାଳକ ଭାରସାମ୍ୟ ହରେଇବାରୁ ଅଟୋଟି ଓଲଟି ପଡିଥିଲା । ଉପସ୍ଥିତ ଜନସାଧାରଣ ତୁରନ୍ତ ପୀଡିତ ଆହତମାନଙ୍କୁ ଉଦ୍ଧାରକରି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ପ୍ରାଥମିକ ଚିକିତ୍ସା ପରେ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଥିବାରୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇ ଅନ୍ୟ ୪ ଜଣଙ୍କୁ ଆଶୁ ଚିକିତ୍ସା ପରେ ଘରକୁ ଛଡା ଯାଇଥିଲା । ଗୁରୁତର ପୀଡିତ ଜାମୁସାହି ଗ୍ରାମର ଫକିର ବେହେରା (୬୨)ଙ୍କ ଗୋଡ଼ ଭାଙ୍ଗି ଯାଇଥିବାବେଳେ ତାଙ୍କୁ ଏମ୍ସ ହସ୍ପିଟାଲ, ବଡସହରା ଗ୍ରାମର ବସନ୍ତ କୁମାର ନାୟକ(୫୫) ମେରୁଦଣ୍ଡ କ୍ଷତ ହୋଇଥିବାବେଳେ କ୍ୟାପିଟାଲ ହସ୍ପିଟାଲ, ବଡସହରା ଗ୍ରାମର ଆଲୋକ ପ୍ରଧାନ(୪୦)ଙ୍କ ମେରୁଦଣ୍ଡ ଭାଙ୍ଗିଥିବାବେଳେ ତାଙ୍କୁ ଖୋର୍ଦ୍ଧା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା । ସେହିପରି ଜାମୁସାହି ଗ୍ରାମର ସନ୍ତୋଷ ବେହେରା (୪୯)ଙ୍କ ଡାହାଣ ହାତ ଭାଙ୍ଗିଥିବାବେଳେ ସେହି ଗ୍ରାମର ବାବୁଲି ସାହୁଙ୍କ ପିଠିରେ ଆଘାତ, ଗୋପାଳ ବେହେରା(୬୪)ଙ୍କ ଦେହ ଜଖମ ହୋଇଛି ଏବଂ ବଡସହରା ଗ୍ରାମର ଅଯୋଧ୍ୟା ପଲେଇ (୬୦)ଙ୍କ ମୁଣ୍ଡରେ ଆଘାତ ହୋଇଥିବା ନେଇ ସ୍ୱାସ୍ଥ୍ୟକେନ୍ଦ୍ରରୁ ସୂଚନା ମିଳିଛି । ଘଟଣାସ୍ଥଳରେ ଫତେଗଡ଼ ପୋଲିସ ପହଞ୍ଚି ଅଟୋକୁ ଜବତ କରିବା ସହିତ ଅନୁସଂଧାନ ଜାରି ରଖିଛି ।

# ପୁରୀ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ୧୭ରେ




ପୁରୀ(ନିପ୍ର): ପୁରୀ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଅପ୍ରେଲ ୧୭ରେ ତାଳବଣିଆ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ବା ଆଇଟିଆଇ ପରିସରରେ ଅନୁଷ୍ଠିତ ହେବ । ଏହି ନିଯୁକ୍ତି ମେଳା ସକାଳ ୧୦ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଧର୍ମାନନ୍ଦ ବେହେରା କହିଛନ୍ତି । ଶୁକ୍ରବାର ପୂର୍ବାହ୍ନରେ ସର୍କିଟ ହାଉସଠାରେ ପୁରୀ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ପ୍ରଦାନ କରି ଅତିରିକ୍ତ ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ପ୍ରଭାତ ବସ୍ତି କହିଥିଲେ ଯେ ଜିଲ୍ଲାର ନିଯୁକ୍ତି ଆଶାୟୀ ୧୮ରୁ ୩୫ ବର୍ଷ ବୟସର ଯୁବବର୍ଗ ଏହାର ସୁଯୋଗ ନେଇ ପାରିବେ । ଏହି ନିଯୁକ୍ତି ମେଳାରେ ୮ ଶ୍ରେଣୀ ପାସଠାରୁ ସ୍ନାତକ ପାସ, ଆଇଟିଆଇ ଓ ଡିପ୍ଲୋମା ପାସ କରି ଥିବା ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରି ନିଯୁକ୍ତି ପାଇପାରିବେ । ଏହି ନିଯୁକ୍ତି ମେଳାରେ ବିଭିନ୍ନ ବିଭାଗର ପ୍ରତିଷ୍ଠିତ ବେସରକାରୀ ସଂସ୍ଥାର ନିଯୁକ୍ତିଦାତାମାନେ ଅଂଶ ଗ୍ରହଣ କରି ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରିବେ । ଆଶାୟୀ ପ୍ରାର୍ଥୀ ବା ପ୍ରାର୍ଥୀନୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଆଧାରରେ ନିଜ ଇଛା ମୁତାବକ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ସହିତ ସାକ୍ଷାତକାର ଦେଇ ପ୍ରତ୍ୟକ୍ଷ ନିଯୁକ୍ତିର ସୁଯୋଗ ପାଇ ପାରିବେ । ଏତଦ ବ୍ୟତୀତ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ସହ ଅନୁବନ୍ଧିତ ଥିବା ଅଥବା ଉନ୍ନତ ଅଭିଳାଷ ଓଡିଶା ଯୋଜନା ମାଧ୍ୟମରେ ଅଧିକୃତ ଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥାର ଅଧିକାରୀମାନେ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ କରି ଚାହିଦା ଥିବା ବିଭାଗଗୁଡିକରେ ସ୍ୱଳ୍ପ ଅବଧିର ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମ ପାଇଁ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନଙ୍କୁ ପଞ୍ଜିକୃତ କରିବେ । ତାଲିମ ସମାପ୍ତ ପରେ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନଙ୍କୁ ତାଲିମ ପ୍ରଦାନକାରୀ ସଂସ୍ଥାମାନେ ବିଭିନ୍ନ ପ୍ରତିଷ୍ଠିତ ବେସରକାରୀ ସଂସ୍ଥାରେ ନିଯୁକ୍ତି ପ୍ରଦାନ କରିବେ । ତାଲିମ ସମୟର ରହିବା, ୟୁନିଫର୍ମ ପୋଷାକ, ବୀମା, ପାଠ୍ୟ ଉପକରଣ, ଖାଦ୍ୟ ପେୟ ଇତ୍ୟାଦିର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଶ୍ରୀ ବସ୍ତି ସୂଚନା ଦେଇଥିଲେ । ପୁରୀ ଜିଲ୍ଲାର ନିଯୁକ୍ତି ଆଶାୟୀ ସମସ୍ତ ଯୁବକ ଯୁବତୀ ନିଜର ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଆଧାର କାର୍ଡ, ପାସପୋର୍ଟ ଫଟୋ ସହ ଅପ୍ରେଲ ୧୭ ତାରିଖ ଦିବା ୧୦ ଘଟିକା ସମୟରେ ପୁରୀ ସରକାରୀ ଆଇଟିଆଇ, ତାଳବଣିଆ ଠାରେ ଅଂଶଗ୍ରହଣ କରିବାକୁ ନିଯୋଜନ ଅଧିକାରୀ ଶ୍ରୀ ବେହେରା ଅନୁରୋଧ କରିଥିଲେ । ଏହି ଗଣମାଧ୍ୟମ ବୈଠକରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟର ସେକ୍ସନ ଅଫିସର ପୁଷ୍ପଲତା ପ୍ରଧାନ ଓ ଅନ୍ୟାନ୍ୟ ସହକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲି ଟିପର ଧକ୍କାରେ ଗୁରୁତର ନନ୍ଦୀକୁ ସୁସ୍ଥ କରାଇଲେ ଆସିକା ପ୍ରାଣୀଧନ ଚିକିତ୍ସକ ଟିମ

ଆସିକା(ନିପ୍ର): ବାଲି ବୋଝେଇ ଡମ୍ଫର ଧକ୍କାରେ ଗୁରୁତର ନନ୍ଦୀକୁ ସୁସ୍ଥ କରାଇଲେ ଆସିକା ପ୍ରାଣୀଧନ ଚିକିତ୍ସକ ଟିମ । ପ୍ରକାଶ ଥାଉକି ଆସିକା ବ୍ଲକ ପାଣ୍ଡିଆ ପଥର ପଞ୍ଚାୟତ ଅନ୍ତର୍ଗତ ନାରାୟଣ ପୁର ମୁଖ୍ୟ ରାସ୍ତାରେ ଏକ ବାଲି ବୋଝେଇ ଟିପର ରାସ୍ତା କଡରେ ଛିଡା ହୋଇଥିବା ଏକ ଷଣ୍ଢକୁ ଧକ୍କା ଦେଇଥିଲା ଫଳରେ ଷଣ୍ଢଟିର ଡାହାଣ ଗୋଡ଼ଟି ଭାଙ୍ଗି ଯାଇଥିଲା । ସ୍ଥାନୀୟ ବାସିନ୍ଦା ହେଲ୍ପ ଲାଇନ ନମ୍ବର ୧୯୬୨ ରେ କଲ୍ କରି ସୂଚନା ପ୍ରଦାନ କରିଥିଲେ । ସୂଚନା ପାଇବା ପରେ ଗଞ୍ଜାମ ଜିଲ୍ଲାର ପଶୁ ଚିକିତ୍ସାଳୟର ମୁଖ୍ୟ ଜିଲ୍ଲା ଅଧିକାରୀ ଡ଼ାଃ ଅଞ୍ଜନ କୁମାର ଦାସଙ୍କ ନିର୍ଦ୍ଦେଶରେ ଆସିକା ବ୍ଲକ ପଶୁ ଚିକିତ୍ସକ ଡାକ୍ତର ସୁଧାଂଶୁ ଶେଖର ବେହେରା, ଡାକ୍ତର ଆଶୁତୋଷ ଚୌଧୁରୀ, ପ୍ରାଣୀ ଧନ ନୀରିକ୍ଷକ ସ୍ମୃତି ରଞ୍ଜନ ବିଶ୍ୱାଳ, ବିଦ୍ୟା ସାଗର ସାହାଣୀ, କାମାକ୍ଷା ପ୍ରସାଦ ଶତପଥି ଘଟଣା ସ୍ଥଳରେ ପହଂଚି ସଙ୍ଗେ ସଙ୍ଗେ ଚିକିତ୍ସା ଆରମ୍ଭ କରିଥିଲେ । ଲଗାତାର ଭାବେ ପଶୁ ଚିକିତ୍ସାଳୟ କର୍ମଚାରୀ ଚିକିତ୍ସା ଜାରି ରଖିଛନ୍ତି । ଗୋଡ଼ରେ ଶକ୍ତ ଆଘାତ ଲାଗିଥିବା ଯୋଗୁଁ ପଟି ବାନ୍ଧି ଚିକିତ୍ସା ଜାରି ରହିଛି, କ୍ଷତ ସ୍ଥାନଟି ଶୁଖିବା ପରେ ଗୋଡ଼ରେ ପାଟୁ ପକାଯିବ ବୋଲି ପାଇଁ ଡଃ ସୂଚନା ଦେଇଛନ୍ତି । ଆସିକା ଆମ୍ବୁଲାନ୍ସ କର୍ମଚାରି ଡ଼ାଃକ୍ତର ଏବଂ ଅଫିସ ଟିମକୁ ପଶୁ ପ୍ରେମୀ, ବିଦ୍ଧିଜୀବୀ ସମସ୍ତେ ଶୁଭେଚ୍ଛା ଜଣାଇଛନ୍ତି ।

# ସର୍ବଭାରତୀୟ ପୋଲିସ ଫୁଟବଲ୍ ପ୍ରତିଯୋଗିତାରେ ସଫଳତା

**କଟକ, ୧୦/୪(ନିପ୍ର):** ତେଲେଙ୍ଗାନାର ହାଇଦ୍ରାବାଦଠାରେ ଅନୁଷ୍ଠିତ ୭୪ତମ ବିଏନ ମଲ୍ଲିକ ସର୍ବଭାରତୀୟ ପୋଲିସ ଫୁଟବଲ ଚାମ୍ପିଅନସିପ ୨୦୨୫-୨୬ରେ ଓଡ଼ିଶା ପୋଲିସର ପୁରୁଷ ଓ ମହିଳା ଫୁଟବଲ ଦଳ ଉଲ୍ଲେଖନୀୟ ସଫଳତା ହାସଲ କରି ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏହି ଅବସରରେ ରାଜ୍ୟ ପୋଲିସ ମହିଳା ଓ ପୁରୁଷ ଫୁଟବଲ ଟିମର କ୍ରୀଡ଼ାବିତମାନେ ରାଜ୍ୟ ପୋଲି ମୁଖ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଡିଜିପି ଶ୍ରୀ ଖୁରାନିଆ ସଫଳ କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଅସାଧାରଣ ପ୍ରତିଭା ଏବଂ କ୍ରୀଡ଼ା ଉତ୍କର୍ଷତା ନିମନ୍ତେ ଭୂୟସୀ ପ୍ରଶଂସା କରିଛନ୍ତି । ଉଲ୍ଲେଖଯୋଗ୍ୟ, ଗତ ୨୩.୦୩.୨୦୨୬ ଠାରୁ ୦୫.୦୪.୨୦୨୬ ପର୍ଯ୍ୟନ୍ତ ହାଇଦ୍ରାବାଦଠାରେ ଆୟୋଜିତ ହୋଇଥିବା ଏହି ଚମ୍ପିଆନସିପରେ ଓଡ଼ିଶା ପୋଲିସ ମହିଳା ଦଳ ଉପବିଜେତା ଆଖ୍ୟା ଅର୍ଜନ କରିଛନ୍ତି । ଏକ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ଆସାମ ରାଇଫଲସ ଚମ୍ପିଆନ ହୋଇଥିବା ବେଳେ ଓଡ଼ିଶା ପୋଲିସ ରନର୍ସଅପ ହୋଇଥିଲା । ଏହି ସଫଳତା ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ ଫୁଟବଲ ପ୍ରତି ଆକୃଷ୍ଟ କରିବାସହ ଭବିଷ୍ୟତରେ ନୂଆ ମାଇଲଖୁ□ ହାସଲ କରିବା ପାଇଁ ପ୍ରେରଣା ଯୋଗାଇବା ପାଇଁ ଡିଜିପି ଆଶାବ୍ୟକ୍ତ କରିଛନ୍ତି । କ୍ରୀଡ଼ାବିତଙ୍କ ଏହି କୃତିତ୍ୱ ରାଜ୍ୟ ପୋଲିସ ବାହିନୀ ପାଇଁ ଗୌରବ ଆଣିଛି ବୋଲି ଡିଜିପି ଶ୍ରୀ ଖୁରାନିଆ ମତବ୍ୟକ୍ତ କରିଛନ୍ତି। ସେହିପରି ଓଡ଼ିଶା ପୋଲିସ ଫୁଟବଲ ଦଳ ଚତୁର୍ଥ ସ୍ଥାନ ହାସଲ କରିଛି । ଉଲ୍ଲେଖଯୋଗ୍ୟ, ଓଡ଼ିଶା ପୋଲିସର ୨ ଜଣ ଶ୍ରେଷ୍ଠ ଖେଳାଳୀ ସମଗ୍ର ପ୍ରତିଯୋଗିତାରେ ସର୍ବାଧିକ ଗୋଲ ସ୍କୋରର ଭାବେ "ଗୋଲଡେନ ବୁଟ" ହାସଲ କରି ଓଡ଼ିଶା ପୋଲିସ ପାଇଁ ଗୌରବ ଆଣିଛନ୍ତି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଂଜୟ କୁମାରଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଓଡ଼ିଶା ପୋଲିସର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



# କୋଣଠେସା ହୋଇ ପଡ଼ିଛି ଦଶାବତାର ମୂର୍ତ୍ତି

**ପୁରୀ,୧୦/୦୪(ନିପ୍ର):** ଅବହେଳିତ ଐତିହ୍ୟ । କୋଣ ଠେସା ପ୍ରସ୍ତର କୀର୍ତ୍ତି । ବର୍ଷବର୍ଷ ହେବ ତଳେ ପଡି ରହିଛି ଓଡିଆଙ୍କ ଭାବାବେଗ ସହ ଜଡିତ ଶ୍ରୀମନ୍ଦିର ସିଂହଦ୍ୱାରରେ ଶୋଭା ପାଉଥିବା ଦଶାବତାର ମୂର୍ତ୍ତି । ଶ୍ରୀମନ୍ଦିରରେ ପ୍ରବେଶ ପୂର୍ବରୁ ଯେଉଁ ମୂର୍ତ୍ତି ସବୁ ନିକଟରେ ପ୍ରଥମେ ଭକ୍ତ ମଥାନତ କରୁଥିଲେ ଏବେ ତାହା ଅଲୋଡା । ପ୍ରଶାସନିକ ଅବହେଳା କାରଣରୁ ସିଂହଦ୍ୱାର ନିକଟରେ ଜରାଜୀର୍ଣ୍ଣ ଅବସ୍ଥାରେ ଦଶାବତାର ମୂର୍ତ୍ତି ପଡିରହିଛି । ସେପଟେ ଯେଉଁ ମୂର୍ତ୍ତି ଯୋଗୁଁ ସିଂହଦ୍ୱାର ଗୁମୁଟ ଦିନେ ଝଟକୁ ଥିଲା ସେହି ମୂର୍ତ୍ତି ଅଭାବରୁ ଗୁମୁଟ ଖାଲିଖାଲି ଦିଶୁଛି । ୨୦୧୨ ମସିହାରେ ସିଂହଦ୍ୱାର ଗୁମୁଟରୁ ଚୂନ ଛଡ଼ାଯିବା ସମୟରେ ଚୂନରେ ନିର୍ମିତ ଦଶ ଅବତାର ମୂର୍ତ୍ତି କଢ଼ାଯାଇଥିଲା । ଏହା ପରେ ବୀରହରେକୃଷ୍ଣପୁର ଗ୍ରାମର ଦକ୍ଷିଣସାହିରେ ଫଟୋ ଦିଆଯାଇ ମୂର୍ତ୍ତି ନିର୍ମାଣ ପାଇଁ ବରାଦ ଦିଆଯାଇଥିଲା । ଅବିକଳ ପଥରରେ ଏହି ମୂର୍ତ୍ତିମାନ ତିଆରି କରାଯାଇଥିଲେ ହେଁ ଏହା ଦୀର୍ଘ ବର୍ଷ ହେଲା ପଡ଼ି ରହିଛି । ଖରା, ବର୍ଷାରେ ଏହି ଦଶାବତାର ମୂର୍ତ୍ତି ପଡ଼ି ରହିବାକୁ ନେଇ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଥିବା ବେଳେ ତୁରନ୍ତ ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହାଇଛି । ତୁରନ୍ତ ଶ୍ରୀମନ୍ଦିର ପ୍ରଶାସନ ଦଶାବତାର ମୂର୍ତ୍ତୀକୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ସମ୍ମାନର ସହ ରଖିବା ପାଇଁ ଦାବି ହାଇଛି ।



# ଅତିରିକ୍ତ ଜିଲ୍ଲା ଜଜ୍‌ଙ୍କ ଅନ୍ୟତ୍ର ବଦଳି

**ନିମାପଡ଼ା, ୧୦।୪(ନିପ୍ର):** ନିମାପଡ଼ା ଅତିରିକ୍ତ ଜିଲ୍ଲା ଜଜ୍ ସୌମ୍ୟକ୍ ପାତ୍ରଙ୍କ ଅନ୍ୟତ୍ର ବଦଳି ହୋଇଥିବାରୁ ନିମାପଡ଼ା ବାର୍ ଆସୋସିଏସନ୍ ପକ୍ଷରୁ ଶୁକ୍ରବାର ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା । ସଭାପତି ଅଭିମନ୍ୟୁ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୁରୀ ଜିଲ୍ଲା ଜଜ୍ ଆନନ୍ଦ ନାରାୟଣ ମହାରଣା, ନିମାପଡ଼ା ସିଭିଲ୍ ଜଜ୍ (ସିନିଅର ଡ଼ିଭିଜନ୍) ସୌମ୍ୟା ରାଓ, ଜୁନିଅର ଡ଼ିଭିଜନ୍ ନିଶା ସାମଲ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି (୧) ସୌରଭ ସାଗର ପ୍ରଧାନ, ଜେଏମ୍ଏଫ୍ସି ବିଚାରପତି (୨) ହର୍ଷିତା ମିଶ୍ର, ବାର୍ ଆସୋସିଏସନ୍ ଉପ-ସଭାପତି ଦୁର୍ଯ୍ୟୋଧନ ବାରିକ, ସଂପାଦକ ପୁଷ୍ପଜିତ ପରିଡ଼ା, ସହ ସଂପାଦକ ପ୍ରିୟଙ୍କା ରଥ ପ୍ରମୁଖ ଯୋଗ ଦେଇ ବିଚାରପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । ଆଇନଜୀବୀ ବ୍ରହ୍ମାନନ୍ଦ ପ୍ରଧାନ, ପ୍ରତାପ କିଶୋର ମହାନ୍ତି, ପ୍ରଭାକର ଜେନା, ପ୍ରଫୁଲ୍ଲ ଦାସ, ଛବିନ୍ଦ୍ର ମୁଖୀ, ବିଭୂତି ପଣ୍ଡା, ମହେନ୍ଦ୍ର ସାହୁ, ଗୌରାଙ୍ଗ ଚରଣ ସାହୁ, ଦେବରାଜ ପଟ୍ଟନାୟକ, ବାଦଲ ସାହେବ ରଥ, ବିଜୟଲକ୍ଷ୍ମୀ ମହାପାତ୍ର, ଜୟଶ୍ରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବିଚାରପତି ସୌମ୍ୟକ ପାତ୍ରଙ୍କ ଉତରୋତର ଉନ୍ନତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଶେଷରେ ଅତିଥିମାନଙ୍କୁ ସମ୍ମାନୀତ କରାଯାଇଥିଲା ।

# ଏପ୍ରିଲ ୧୧,୧୨ରେ ଅଲ ଇଣ୍ଡିଆ ଥିଏଟର କାଉନସିଲ ରାଷ୍ଟ୍ରୀୟ ଅଧିବେଶନ

**ପୁରୀ, ୧୦/୪(ନିପ୍ର):** ପୁରୀ-କଳାର ବିକାଶ ଓ କଳାକାରଙ୍କ ସମସ୍ୟା ପାଇଁ ଅହରହ ସଂଗ୍ରାମ କରୁଥିବା ଦେଶର ବୃହତ କଳାକାର ସଂଗଠନ 'ଅଲ ଇଣ୍ଡିଆ ଥିଏଟର କାଉନସିଲ'ର ପଞ୍ଚମ ରାଷ୍ଟ୍ରୀୟ ଅଧିବେଶନ ଏବଂ ସାଂସ୍କୃତିକ ମହୋତ୍ସବ ଚଳିତ ଏପ୍ରିଲ ୧୧,୧୨ ଦୁଇଦିନ ଧରି ଶ୍ରୀକ୍ଷେତ୍ର ଧାମ ପୁରୀର ହୋଟେଲ ସୂର୍ଯ୍ୟା ବିଚ୍ ଇନଠାରେ ଅନୁଷ୍ଠିତ ହେଉଅଛି । କଳାକାରଙ୍କ ଏହି ରାଷ୍ଟ୍ରୀୟ ସମ୍ମିଳନୀରେ ଭାରତର ବିଭିନ୍ନ ରାଜ୍ୟରୁ ଶତାଧିକ କଳାକାର ପୁରୀ ଆସୁଥିବା ନେଇ ଗୁରୁବାର ପୁରୀ ସୂର୍ଯ୍ୟା ବିଚ୍ ଇନ ହୋଟେଲ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଲ ଇଣ୍ଡିଆ ଥିଏଟର କାଉନସିଲର ରାଷ୍ଟ୍ରୀୟ ଉପାଧକ୍ଷ ରାଜଗୋପାଳ ପାଢ଼ୀ ସୂଚନା ଦେଇଛନ୍ତି । ଉପସ୍ଥିତ ଗଣମାଧମକୁ ସୂଚନା ପ୍ରଦାନ କରି ଶ୍ରୀ ପାଢ଼ୀ ଆୟୋଜିତ ହେବାକୁ ଥିବା ରାଷ୍ଟ୍ରୀୟ ଅଧିବେଶନରେ ସଂସ୍ଥାର ସାଧାରଣ ନିର୍ବାଚନ,ପ୍ରତି ରାଜ୍ୟ ସଂଗଠନର କାର୍ଯ୍ୟ ଓ ସ୍ଥିତି ସମୀକ୍ଷା, ସଂଗଠନ ବିସ୍ତାର ସହିତ କଳାକାରଙ୍କ ରହିଥିବା ବହୁବିଧ ସମସ୍ୟା ଉପରେ ଆଲୋଚନା ହେବ ବୋଲି କହିଥିଲେ । ଆଗନ୍ତୁକ ଅତିଥି କଳାକାର ତଥା ପ୍ରତିଷ୍ଠିତ ନାଟ୍ୟ ପ୍ରତିଭା ମାନେ କାର୍ଯ୍ୟକ୍ରମର ପ୍ରଥମ ଦିନ ସଂଗଠନର ଧ୍ୱଜା ଉତ୍ତୋଳନ କରି ସାଙ୍ଗଠନିକ ଆଲୋଚନା କରିବା ସହ ନୂତନ କମିଟି ଗଠନ ଓ ଶପଥ ଗ୍ରହଣ କରିବା ନେଇ ସ୍ଥିର ହୋଇଥିବା ବେଳେ ଦ୍ୱିତୀୟ ଦିନ ପୁରୀ ବେଳାଭୂମି ଓ ସ୍ୱର୍ଗଦ୍ୱାର ଭ୍ରମଣ ସହିତ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ପ୍ରଦାନ କରିଛନ୍ତି ।



# ୧୪ଫୁଟ ଲମ୍ବର ଅହିରାଜ ଉଦ୍ଧାର



ବିଶୋଇ, ୧୦/୪(ନିପ୍ର): ଶିମିଳିପାଳ ଅଭୟାରଣ୍ୟ ପାଦଦେଶରେ ଅବସ୍ଥିତ କଟାସ ଗ୍ରାମର ସୁରେନ୍ଦ୍ର ନାଏକଙ୍କ ଘରୁ ଗୁରୁବାର ରାତ୍ରିରେ ଏକ ୧୪ ଫୁଟ ଲମ୍ବର ଅହିରାଜ ସାପ ଉଦ୍ଧାର କରାଯାଇଛି। ଅହିରାଜକୁ ଦେଖିବା ମାତ୍ରେ ବନ ବିଭାଗକୁ ଜଣାଇଥିଲେ ସୁରେନ୍ଦ୍ର। ମଣଦା ବନାଞ୍ଚଳ ଅଧିକାରିଣୀ ଧରିତ୍ରୀ ମୁର୍ମୁଙ୍କ ନିର୍ଦ୍ଦେଶରେ ବନପାଳ ପଙ୍କଜ ବେହେରା, ରଞ୍ଜିତା ମହାନ୍ତ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅହିରାଜକୁ ଉଦ୍ଧାର କରିଥିଲେ। ସାପଟିକୁ ଉଦ୍ଧାର କରି ବିଦୁଭଣ୍ଡାର ସଂରକ୍ଷିତ ଜଙ୍ଗଲରେ ଛାଡିଥିବା ଜଣାପଡିଛି। ସାପଟିର ବୟସ ଆନୁମାନିକ ୬ରୁ ୭ ବର୍ଷ ଏବଂ ଲମ୍ବ ୧୪ଫୁଟ ବୋଲି ବନ ବିଭାଗ ପକ୍ଷରୁ ପ୍ରକାଶ।

# ଖୋର୍ଦ୍ଧାରୋଡ଼ ମଣ୍ଡଳର ସିଗନାଲ୍ ଏବଂ ଟେଲିକମ୍ ବିଭାଗର ଉଲ୍ଲେଖନୀୟ ସଫଳତା

**ଜଟଣୀ, ୧୦/୪(ନିପ୍ର):** ଖୋର୍ଦ୍ଧାରୋଡ଼ ମଣ୍ଡଳର ସିଗନାଲ୍ ଏବଂ ଟେଲିକମ୍ ବିଭାଗ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ସୁରକ୍ଷା ଏବଂ ଆଧୁନିକୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଛି। ରେଳ ଚଳାଚଳର ସୁରକ୍ଷା, ନିର୍ଭର ଯୋଗ୍ୟତା ଏବଂ ଯାତ୍ରୀ ସୁବିଧାରେ ଉନ୍ନତି ଆଣିବା ପାଇଁ ବିଭାଗ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଛି। ଏହି ବର୍ଷ ମଧ୍ୟରେ ମେରାମଣ୍ଡଳୀ, ବୈତରଣୀ ରୋଡ୍, କୋରାଇ ଏବଂ ତାପଙ୍ଗ ଷ୍ଟେସନରେ ନୂତନ ଇଣ୍ଟରଲକିଂ ବ୍ୟବସ୍ଥା ସଫଳତାର ସହ କାର୍ଯ୍ୟକାରୀ କରାଯାଇଛି। ଏହି ଅତ୍ୟାଧୁନିକ ବ୍ୟବସ୍ଥା ଟ୍ରେନ୍ ଚଳାଚଳକୁ ସୁରକ୍ଷିତ କରିବା ସହ ବର୍ଦ୍ଧିତ ଟ୍ରେନ୍ ଯାତାୟାତକୁ ସୂଚାରୁରୂପେ ପରିଚାଳନା କରିବାରେ ସହାୟକ ହେବ। ଲେଭଲ୍ କ୍ରସିଂଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୧୮ଟି ଗେଟ୍‌ରେ ଇଣ୍ଟରଲକିଂ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଗେଟ୍ ସମ୍ପୂର୍ଣ୍ଣ ବନ୍ଦ ହେବା ପରେ ହିଁ ଟ୍ରେନ୍ ଯାତାୟାତ କରିପାରିବ। ଏହା ସହିତ ୩୪ଟି ଗେଟ୍‌ରେ ସ୍ଲାଇଡିଂ ବୁମ୍ ବ୍ୟାରିଅର ଏବଂ ୨୫ଟି ଗେଟ୍‌ରେ ବୈଦ୍ୟୁତିକ ଲିଫ୍ଟିଂ ବ୍ୟାରିଅର ଲଗାଯାଇଛି। ଯାହା ସୁରକ୍ଷା ସହ ସାଧାରଣ ଯାତାୟାତକୁ ସହଜ କରିବ। ଆଧୁନିକୀକରଣ ପଦକ୍ଷେପ ସ୍ୱରୂପ କଟକ-ପାରାଦୀପ ସେକ୍ସନରେ 'ଅଟୋମେଟିକ୍ ବ୍ଲକ୍ ସିଗନାଲିଂ' ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଏହାଦ୍ୱାରା କମ୍ ସମୟ ବ୍ୟବଧାନରେ ଏକାଧିକ ଟ୍ରେନ୍ ଚଳାଚଳ ସମ୍ଭବ ହେବ ଏବଂ ଲାଇନ୍ କ୍ଷମତା ବୃଦ୍ଧି ପାଇବ। ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ତାଳଚେର ଷ୍ଟେସନରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ସେହିପରି ଯାତ୍ରୀମାନଙ୍କୁ ସଠିକ୍ ସୂଚନା ପ୍ରଦାନ ପାଇଁ କେନ୍ଦୁଝରଗଡ଼ ଏବଂ ଭୁବନେଶ୍ୱର ନିୟୁ ଷ୍ଟେସନରେ' ଅଟୋମେଟିକ୍ ଆନାଉନ୍ସମେଣ୍ଟ ସିଷ୍ଟମ' ସ୍ଥାପନ କରାଯାଇଛି। ଉନ୍ନତ ରକ୍ଷଣାବେକ୍ଷଣ ଏବଂ ନୂତନ ଜ୍ଞାନକୌଶଳର ବ୍ୟବହାର ଯୋଗୁଁ ସିଗନାଲ୍ ବିଫଳତା କ୍ଷେତ୍ରରେ ପ୍ରାୟ ୩୦% ହ୍ରାସ ପରିଲକ୍ଷିତ ହୋଇଛି । ଏହି ସମସ୍ତ ସଫଳତା ଖୋର୍ଦ୍ଧାରୋଡ଼ ମଣ୍ଡଳର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଆପଣାଇବା, ସୁରକ୍ଷିତ ରେଳ ଚଳାଚଳ ଏବଂ ଯାତ୍ରୀମାନଙ୍କୁ ଉନ୍ନତ ସେବା ଯୋଗାଇ ଦେବାର ପ୍ରୟାସକୁ ଦର୍ଶାଉଛି।

# ଚନ୍ଦନ ଚାନ୍ଦୁଆ ଅନୁକୂଳ

ପୁରୀ, ୧୦/୪(ନିପ୍ର): ଦିନ କେଇଟା ପରେ ଚନ୍ଦନ ଯାତ୍ରା । ଗ୍ରୀଷ୍ମ ଦାଉରୁ ଉପଶମ ପାଇଁ ମହାପ୍ରଭୁ ଜଳକ୍ରୀଡ଼ା କରିବେ । ମହାପ୍ରଭୁଙ୍କ ଏହି ମାନବୀୟ ଲୀଳା ସମ୍ପାଦନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଦର୍ଜି ସର୍ଦ୍ଦାର ପ୍ରକାଶ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ମହାପ୍ରସାଦ, ଶ୍ରୀଫଳ, ଦୀପ ଓ ଧୂପ ଦେଇ ପାରମ୍ପରିକ ବିଧି ଅନୁସାରେ ଚନ୍ଦନ ଯାତ୍ରା ପାଇଁ ଚନ୍ଦନ ଚାନ୍ଦୁଆ କନା କାର୍ଯ୍ୟର ଅନୁକୂଳ କରାଯାଇଛି । ୧୭ ଜଣ ଦରଜି ସେବକ ପାଳିଙ୍କି ଚାଲିରୁ କାମର ଶୁଭାରମ୍ଭ କରିଛନ୍ତି ।

# ଦିନେ କମିଲେ ଦିନେ ବଢୁଛି ସୁନା

**ଭୁବନେଶ୍ୱର, ୧୦/୪(ନିପ୍ର):** ସୁନା ଦର ଦିନେ କମିଲେ ଦିନେ ପୁଣି ବଢୁଛି। ସୁନା ଦାମ୍ ବୃଦ୍ଧି ହେଲେ ଲୋକଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଥାଏ। ଶୁକ୍ରବାର ଏପ୍ରିଲ ୧୦ରେ ପୁଣି ବଢିଛି ସୁନା ଦର। ୨୪ କ୍ୟାରେଟ୍ ୧୦ ଗ୍ରାମ୍ ସୁନା ଦର ୧,୫୩,୦୦୦ ଟଙ୍କା ରହିଛି। ଗତକାଲି ୧,୫୧,୦୦୦ ଟଙ୍କା ଥିଲା। ଏଥିରେ ୧,୫୨୦ ଟଙ୍କା ବୃଦ୍ଧି ହୋଇଛି। ୨୨ କ୍ୟାରେଟ୍ ୧୦ ଗ୍ରାମ୍ ସୁନା ଦାମ୍ ୧,୪୦,୨୫୦ ଟଙ୍କା ରହିଛି। ଗତକାଲି ୧,୩୮,୮୫୦ ଟଙ୍କା ଥିଲା। ଏଥିରେ ୧,୪୦୦ ଟଙ୍କା ବୃଦ୍ଧି ପାଇଛି। ୧୮ କ୍ୟାରେଟ୍ ୧୦ ଗ୍ରାମ୍ ସୁନା ଦାମ୍ ୧,୧୪,୭୫୦ ଟଙ୍କା ରହିଛି। ଗତକାଲି ୧,୧୩,୬୧୦ ଟଙ୍କା ଥିଲା। ଏଥିରେ ୧,୧୪୦ ଟଙ୍କା ବୃଦ୍ଧି ହୋଇଛି। ସେହିପରି ରୁପା ଦାମ୍ ମଧ୍ୟ ବୃଦ୍ଧି ପାଇଛି। ୧୦୦ ଗ୍ରାମ୍ ରୁପା ଦାମ୍ ୨୬,୫୦୦ ଟଙ୍କା ରହିଛି। ଗତକାଲି ୨୬,୦୦୦ ଟଙ୍କା ଥିଲା। ଏଥିରେ ୫୦୦ ଟଙ୍କା ବୃଦ୍ଧି ହୋଇଛି।



# ଛାତ୍ରୀଙ୍କ ଆଶୁ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ନିମାପଡ଼ା, ୧୦।୪(ନିପ୍ର):** ଏହି ଥାନା ଅନ୍ତର୍ଗତ ଚଅଁରପଦା ଗ୍ରାମ ପଞ୍ଚାୟତ ଡ଼ିହବାରୀ ଗ୍ରାମର ପ୍ରଦୀପ ଭୋଇଙ୍କ ବଡ଼ ଝିଅ ବିଶ୍ୱଜିତା ଭୋଇ ଦୀର୍ଘ ୬ ମାସ ଧରି ଶଯ୍ୟାଶାୟୀ ହୋଇ ଅସ୍ଥି କର୍କଟ ରୋଗରେ ପୀଡ଼ିତ ଥିଲେ ମଧ୍ୟ ଅର୍ଥାଭାବ ଯୋଗୁ ଉନ୍ନତ ଚିକିତ୍ସା ଯୋଗାଇ ଦିଆଯାଇ ପାରୁନି ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି । ଏହାର ସମାଧାନ ପାଇଁ ସାମାଜିକ ଅନୁଷ୍ଠାନ ଜାଗ୍ରତ ଯୁବଶକ୍ତି ସଂଗଠନ ପକ୍ଷରୁ ଏକ ପ୍ରତିନିଧି ଦଳ ଡ଼ିହବାରୀ ଗ୍ରାମରେ ପହଞ୍ଚି ସମସ୍ତ କାଗଜ ପତ୍ର ସଂଗ୍ରହ କରିବା ସହିତ ଉଚ୍ଚତର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ ପତ୍ର ପଠାଇ ଥିବା ସଂଗଠନ ଆବାହକ ଆଦର୍ଶ ଦାଶ ସୂଚନା ଦେଇଛନ୍ତି। ସଂଯୋଜକ ସମୀର ରାଉତରାୟ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ବିଜୟାନନ୍ଦ ଦାସ କ୍ଷତିଗ୍ରସ୍ତ ପରିବାର ନିକଟରେ ପହଂଚି ଥିଲେ । ସଂପୃକ୍ତ ଛାତ୍ରୀ ନିମାପଡ଼ାସ୍ଥିତ ଜଗତବନ୍ଧୁ ରାୟଟସିଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ବୋଲି ଜଣାପଡ଼ିଛି । ଆଶୁ ଆରୋଗ୍ୟ ପାଇଁ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ଉପ-ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳଙ୍କୁ ବିନମ୍ର ନିବେଦନ କରାଯାଇଥିବା ସଂଗଠନ ସୂତ୍ରରୁ ପ୍ରକାଶ ।

# ହନୁମାନ ଜୟନ୍ତୀ ପାଇଁ ସମ୍ବଲପୁରରେ ସୁରକ୍ଷା କଡ଼ାକଡ଼ି

**ସମ୍ବଲପୁର, ୧୦।୪(ନିପ୍ର):** ସମ୍ବଲପୁରରେ ଅନୁଷ୍ଠିତ ହେବାକୁ ଥିବା ହନୁମାନ ଜୟନ୍ତୀ ସହ ବାଇକ ରାଲି ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ସହରର ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା ସୂଚନା ମିଳିଛି । ଏଥିପାଇଁ ଜିଲାପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ପୂର୍ବାହ୍ନରେ ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁଙ୍କ ଅଧ୍ୟକ୍ଷତାରେ ସମ୍ବଲପୁରରେ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏହି ଅବସରରେ ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି । ରାଲି ପାଇଁ ସ୍ୱତନ୍ତ୍ର ରୁଟ ମ୍ୟାପ ପ୍ରସ୍ତୁତ କରାଯିବା ସହ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଏହାବ୍ୟତୀତ ବରଗଡ଼, ଝାରସୁଗୁଡ଼ା ଏବଂ ବଲାଙ୍ଗୀର ଭଳି ପଡ଼ୋଶୀ ଜିଲାରୁ ମଧ୍ୟ ଅଧିକାରୀମାନେ ଆସି ଏହି ସୁରକ୍ଷା ବ୍ୟବସ୍ଥାରେ ସହଯୋଗ କରୁଛନ୍ତି । ଡ୍ରୋନ କ୍ୟାମେରା ଏବଂ ଏକ ସ୍ୱତନ୍ତ୍ର ୩୬୦ ଡିଗ୍ରୀ ସିସିଟିଭି କ୍ୟାମେରା ଖଞ୍ଜା ଯାଇଥିବା ଗାଡି ସାହାଯ୍ୟରେ ସମଗ୍ର ରାଲି ଉପରେ ନଜର ରଖାଯିବ । କଣ୍ଟ୍ରୋଲ ରୁମ ମାଧ୍ୟମରେ ପ୍ରତିଟି ଗତିବିଧିକୁ ଅନୁଧ୍ୟାନ କରାଯିବା ସହ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ମଧ୍ୟ ଲଗାଯାଇଛି । ସହରରେ ଶାନ୍ତି ଏବଂ ସଦଭାବନା ରକ୍ଷା କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି । ସୁରକ୍ଷା ବ୍ୟବସ୍ଥାରେ ମୋଟ ୨୭ ପ୍ଲାଟୁନ ପୋଲିସ ଫୋର୍ସ ସହ ୧୫୮ ଜଣ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି । ଏଥିମଧ୍ୟରେ ସିଏପିଏଫ୍‌ର ଦୁଇଟି କମ୍ପାନୀ ଏବଂ ବିଏସଏଫ୍‌ର ଗୋଟିଏ କମ୍ପାନୀ ସାମିଲ ଅଛନ୍ତି ବୋଲି ସେ ସୂଚନା ଦେଇଛନ୍ତି ।



# ସିଏମ୍ ଟ୍ରଫି କ୍ରୀଡ଼ା ମହୋତ୍ସବ ଉଦ୍ଘାଟିତ

ଭଦ୍ରକ,୧୦/୪(ନିପ୍ର): ୨୬ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ସଂଘ ମିଳିତ ଆୟୋଜନରେ ଶୁକ୍ରବାର ଭଦ୍ରକ କଲେଜ ପଡ଼ିଆରେ ସିଏମ ଟ୍ରଫି କ୍ରୀଡ଼ା ମହୋତ୍ସବ ଉଦ୍ଘାଟିତ ହୋଇଯାଇଛି। ଏହି ମହୋତ୍ସବକୁ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ର୍ ଅଧକ୍ଷ ସୀତାଂଶୁ ଶେଖର ମହାପାତ୍ର ଉଦ୍ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲାପାଳ ତଥା ଜିଲ୍ଲା ଆଥ୍ଲେଟିକ୍ ଆସୋସିଏସନ୍ ସଭାପତି ଦିଲିପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ସି.ଡି.ଓ କମ୍ ଇ.ଓ, ଜିଲ୍ଲାପରିଷଦ ଶୁଭେନ୍ଦ୍ର ସାମଲ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର, ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ଜିଲ୍ଲା ଆଥ୍ଲେଟିକ୍ ଆସୋସିଏସନ୍ ସମ୍ପାଦକ ଧିରେନ ପଲେଇ ପ୍ରମୁଖ ଯୋଗ ଦେଇ ଉଦ୍ଘାଟନ କରିଥିଲେ। ଏହି ଅବସରରେ କବାଡ଼ି, ଖୋ-ଖୋ, ଫୁଟବଲ୍, ଭଲିବଲ୍ କ୍ରୀଡ଼ା ଆସନ୍ତା କାଲିଠାରୁ ଜିଲ୍ଲାର ବିଭିନ୍ନ ଜାଗାରେ ଖେଳାଯିବ। ଏହି ଖେଳ ନିମନ୍ତେ ଫୁଟବଲ୍ ଚାମ୍ପିୟନ୍ସିପ୍ରେ ମୋଟ ୩୬୦, ଭଲିରେ ୨୦୮, କବାଡ଼ିରେ ୩୪୦, ଖୋ-ଖୋରେ ୨୮୦ ଜଣ ନାମ ପଞ୍ଜିକୃତ କରିଥିଲେ ଧାମନଗର ବ୍ଲକ ଦୋବଲ କାଳି ପଡ଼ିଆରେ ଅନୁଷ୍ଠିତ ହେବ। ବାଳକ ଫୁଟବଲ ଖେଳ ପାଇଁ ବାଳକ ବିଭାଗରେ ୧୦ଟି ଓ ରାନ୍ଦିଆ ରାମେଶ୍ୱର ସ୍କୁଲ ପଡ଼ିଆରେ ବାଳିକା ବିଭାଗର ଫୁଟବଲ ଖେଳ ପାଇଁ ବାଳିକା ବିଭାଗର ୪ଟି ଦଳକୁ ମିଶାଇ ମୋଟ ୨୮୦ ଜଣ, ତିହିଡ଼ିରେ ଭଲିବଲ୍ କ୍ରୀଡ଼ା ପାଇଁ ବାଳକ ବିଭାଗରେ ୮ଟି ଓ ବାଳିକା ବିଭାଗରେ ୬ଟି ଦଳର ପାଇଁ ୧୬୮ ଜଣ ଖେଳିବେ। ଭଦ୍ରକ କଲେଜ ପଡ଼ିଆରେ ହେବାକୁ ଥିବା କବାଡ଼ି ପାଇଁ ବାଳକ ବିଭାଗରେ ୧୦ ବାଳିକା ବିଭାଗରେ ୬ଟି ଦଳ ପାଇଁ ୧୯୨ ଜଣ, ଖୋ- ଖୋ ଚାମ୍ପିୟନସିପର ବାଳକ ୧୦ ଓ ବାଳିକ ୬ ଟି ବିଭାଗ ପାଇଁ ମୋଟ ୧୯୨ ଜଣ ମନୋନୀତ ହୋଇଥିଲେ।

# ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିଲା ଟିପିଏସ୍ଓଡିଏଲ୍



ବ୍ରହ୍ମପୁର, ୧୦/୪(ନିପ୍ର): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ୍), ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ରାୟଗଡ଼ା ଜିଲ୍ଲାର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିଛି । ଏହି କ୍ରମରେ କମ୍ପାନୀ ତରଫରୁ ୩୩/୧୧ କେଭି, ୧୨.୫/୧୬ ଏମଭିଏ ଟ୍ରାନ୍ସଫର୍ମର ଅଟୋନଗର ପାୱାର ସବ୍-ଷ୍ଟେସନ (ପିଏସ୍ଏସ୍) ରେ ସ୍ଥାପନ କରାଯାଇଛି । ଦକ୍ଷିଣ ଓଡ଼ିଶାର ଉପଭୋକ୍ତାଙ୍କୁ ଭରସାଯୋଗ୍ୟ, ଭବିଷ୍ୟତ ପ୍ରସ୍ତୁତ ଏବଂ ସ୍ଥିର ବିଜୁଳି ଯୋଗାଣ କ୍ଷେତ୍ରରେ ଟିପିଏସ୍ଓଡିଏଲର ଥିବା ପ୍ରତିବଦ୍ଧତାକୁ ଏହି ଅଭିନବ ପଦକ୍ଷେପ ଦର୍ଶାଉଛି । ସହରାଞ୍ଚଳ, ସରକାରୀ ପ୍ରତିଷ୍ଠାନ ଏବଂ ଉଦୀୟମାନ ବାଣିଜ୍ୟିକ କାର୍ଯ୍ୟକଳାପର ମିଶ୍ରଣ ସହିତ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଜିଲ୍ଲା ମୁଖ୍ୟାଳୟ ଭାବେ ରାୟଗଡ଼ା ଏହି ଅଞ୍ଚଳରେ ଏକ ରଣନୈତିକ ଗୁରୁତ୍ୱ ବହନ କରେ । ଏଥିସହିତ ଏହା ମଧ୍ୟ ଜନଜାତି ଏବଂ ଗ୍ରାମାଞ୍ଚଳ ପାଇଁ ଏକ ପ୍ରମୁଖ ପ୍ରାଶାସନିକ ଓ ସଂଯୋଗ କେନ୍ଦ୍ର ଭାବରେ ସେବା ଯୋଗାଇଥାଏ । ଶାସନ, ଜନସେବା, ସ୍ଥାନୀୟ ବ୍ୟବସାୟ ଏବଂ ସାମଗ୍ରିକ ଭାବରେ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଏହି ଅଞ୍ଚଳରେ ଦୃଢ଼ ତଥା ସ୍ଥିର ଓ ଭରସାଯୋଗ୍ୟ ବିଜୁଳି ସୁନିଶ୍ଚିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସହରର ବର୍ଦ୍ଧିତ ବିଜୁଳି ଚାହିଦାକୁ ଦୃଷ୍ଟିରେ ରଖି ଟିପିଏସ୍ଓଡିଏଲ୍ ତରଫରୁ ୩୩/୧୧ କେଭି, ୧୨.୫/୧୬ ଏମଭିଏ ଟ୍ରାନ୍ସଫର୍ମର ଅଟୋନଗର ପିଏସ୍ଏସ୍ ରେ ସ୍ଥାପନ କରାଯାଇଛି । ଏହି ଉନ୍ନତିକରଣ ଫଳରେ ଓଭରଲୋଡିଂ ସମସ୍ୟା ଦୂରୀଭୂତ ହେବ । ଏଥିସହିତ ବିଦ୍ୟୁତ ସଂସ୍ଥାପନର କ୍ଷମତା ବୃଦ୍ଧି ପାଇବା ସହିତ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଣ ସୁନିଶ୍ଚିତ ହୋଇଛି ।

# ୫ ନାନୋ ପ୍ରମୋସନ ଭ୍ୟାନ୍‌କୁ ଶୁଭାରମ୍ଭ କଲେ ଇଫ୍‌କୋର ଅଧକ୍ଷ ଦିଲୀପ ସଂଘାନୀ

ନୂଆଦିଲ୍ଲୀ,୧୦/୪(ନିପ୍ର) : ଭାରତର ସର୍ବବୃହତ ସାର ସମବାୟ ସଂସ୍ଥା ଇଫ୍‌କୋ (ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍), ଆଜି ଆନୁଷ୍ଠାନିକ ଭାବରେ ଇଫକୋ ନାନୋ ସାର ସଚେତନତା ମେଗା ଅଭିଯାନ ଆରମ୍ଭ କରିଛି। ଏହା ଏକ ବ୍ୟାପକ, ସମନ୍ୱିତ ଦେଶବ୍ୟାପୀ ସଚେତନତା ଅଭିଯାନ ଯାହା ଭାରତୀୟ କୃଷକମାନଙ୍କ ମଧ୍ୟରେ ନାନୋ ସାର ଗ୍ରହଣକୁ ଉତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମ ନୂଆଦିଲ୍ଲୀର ଇଫକୋ ସଦନରେ ଅନୁଷ୍ଠିତ ହୋଇଥିଲା। ଯାହାର ଉଦଘାଟନ ଇଫକୋର ମାନ୍ୟବର ଅଧକ୍ଷ ଦିଲୀପ ସଂଘାନୀ କରିଥିଲେ। ଇଫକୋର ପରିଚାଳନା ନିର୍ଦ୍ଦେଶକ କେ.ଜେ. ପଟେଲ ମଧ୍ୟ ଏହି ଅବସରରେ ଯୋଗ ଦେଇଥିଲେ।

ଏହି ଅଭିଯାନ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମାନ୍ୟବର କେନ୍ଦ୍ର ଗୃହ ଏବଂ ସହଯୋଗ ମନ୍ତ୍ରୀ ଅମିତ ଶାହଙ୍କ ନିର୍ଦ୍ଦେଶରେ ଆରମ୍ଭ ହୋଇଥିଲା। ଏହି ପଦକ୍ଷେପକୁ ମାନ୍ୟବର କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏବଂ ମାନ୍ୟବର କେନ୍ଦ୍ର ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ରସାୟନ ଏବଂ ସାର ମନ୍ତ୍ରୀ ଜେ.ପି. ନଡ୍ଡାଙ୍କର ମଧ୍ୟ ବିଶେଷ ସମର୍ଥନ ରହିଛି। ଭାରତର ଗେଜେଟ୍‌ର ସାର ନିୟନ୍ତ୍ରଣ ଅର୍ଡର (ଏଫ୍‌ସିଓ)ରେ ନାନୋ ଏନପିକେ ଲିକ୍ୱିଡ୍ (୮-୮-୧୦) ଏବଂ ନାନୋ ଏନପିକେ ଗ୍ରାନୁଲାର (୨୦-୧୦-୧୦)ର ଐତିହାସିକ ବିଜ୍ଞପ୍ତିକୁ ଭାରତର କୃଷି ନବସୃଜନ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଭାବରେ ବର୍ଣ୍ଣନା କରାଯାଇଥିଲା। ସେ ଆହୁରି କହିଛନ୍ତି ଯେ କୋଏମ୍ବାଟୁରରେ ଇଫକୋ-ନାନୋର ଭରସନରେ ଇଫକୋର ନବସୃଜନ କେନ୍ଦ୍ର ଏବଂ ବ୍ରାଜିଲରେ ଆଗାମୀ ନାନୋ ସାର ଉତ୍ପାଦନ କାରଖାନା ଜୁନ୍ ୨୦୨୬ ସୁଦ୍ଧା କାର୍ଯ୍ୟକ୍ଷମ ହେବାକୁ ଯାଉଛି। କୃଷି ପାଇଁ ନାନୋ ଟେକ୍ନୋଲୋଜିରେ ଭାରତର ବର୍ଦ୍ଧିତ ବିଶ୍ୱ କ୍ଷମତାର ପ୍ରମାଣ। ଇଫକୋର ଅଧକ୍ଷ ଶ୍ରୀ ସଂଘାନୀ କହିଛନ୍ତି ଯେ ଭାରତ ଆଜି ଏକ ଐତିହାସିକ ସଂଗମରେ ଠିଆ ହୋଇଛି ଯେଉଁଠାରେ ପରମ୍ପରା ଏବଂ ପ୍ରଯୁକ୍ତିବିଦ୍ୟା ମିଳିତ ହୁଏ, ଏବଂ ଏହି ସଂଗମ ଭାରତୀୟ କୃଷିକୁ ଏକ ନୂତନ ଦିଗଦର୍ଶନ ଦେଉଛି। ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣକୁ ଆହ୍ୱାନ କରି ସେ କହିଛନ୍ତି ଯେ ଭାରତର ସମୃଦ୍ଧି ଗ୍ରାମ ଏବଂ କୃଷକମାନଙ୍କଠାରୁ ପ୍ରବାହିତ ହେବା ଉଚିତ, ଏବଂ ଏକ 'ଆତ୍ମନିର୍ଭରଶୀଳ ଭାରତ' କେବଳ ସେତେବେଳେ ସାକାର ହୋଇପାରିବ ଯେତେବେଳେ କୃଷକମାନେ ସଶକ୍ତ ଏବଂ ସମୃଦ୍ଧ ହେବେ। ସେ କହିଥିଲେ ଯେ 'ସହାରାନ୍ ସେ ସମୃଦ୍ଧି' ମନ୍ତ୍ର ଯାହା ଅଧୀନରେ ସମବାୟ କୃଷକମାନଙ୍କୁ ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ସମ୍ବଳ ଯୋଗାଇବା ପାଇଁ ଏକ ମାଧ୍ୟମ ପାଲଟିଛି - ଏହି ଅଭିଯାନର ଆତ୍ମାକୁ ପୂର୍ଣ୍ଣ ଭାବରେ ପ୍ରତିଫଳିତ କରେ ଏବଂ 'ଆତ୍ମନିର୍ଭରଶୀଳ ଭାରତ, ଆତ୍ମନିର୍ଭରଶୀଳ କୃଷିର ସାରକୁ ପ୍ରକୃତରେ ପ୍ରତିଫଳିତ କରେ।




Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ